ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ
ନିଷ୍କର୍ଷ

Approved by DAVP Govt. of India

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909

QR Code Scan for Play NTv(24X7) Channel on Your Mobile Phone

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Ntv Nishkarsha @Ntv_Nishkarsha
www.nishkarsha.com
www.nishkarsha.site
www.nishkarsha.in

NISHKARSHA MEDIA ENTERTAINMENT & PUBLICATION

♦ VOLUME - 07 ♦ ISSUE- 27 ♦ CUTTACK ♦ WEEKLY ♦ 06 TO 12 - JULY 2026 ♦ 8 PAGE ♦ RATE- 5/- ■ ବର୍ଷ - ୦୭ ♦ ସଂଖ୍ୟା -୨୭ ♦ କଟକ ♦ ସାପ୍ତାହିକ ♦ ୦୬ ରୁ ୧୨ - ଜୁଲାଇ ୨୦୨୬ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା


## ଭାରତ ପାଖରେ ରହିଛି ବିଶ୍ୱର ଚତୁର୍ଥ ବୃହତ ରିଫାଇନିଂ କ୍ଷମତା : ପ୍ରଧାନମନ୍ତ୍ରୀ ମୋଦି

**ପଚପଦରା (ଏଜେନ୍ସି) :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ଆମେରିକାରେ ଗତ ୫୦ବର୍ଷ ମଧ୍ୟରେ ରିଫାଇନରୀ ( ବିଶୋଧନାଗାର) ନିର୍ମିତ ହୋଇ ନାହିଁ । ୟୁରୋପର ତୈଳ ବିଶୋଧନାଗାରର କ୍ଷମତା ଧିରେ ଧିରେ ହ୍ରାସ ପାଉଛି, କିନ୍ତୁ ଏହି ସମୟରେ ଭାରତ ନିକଟରେ ବିଶ୍ୱର ୪ର୍ଥ ସବୁଠୁ ବଡ଼ରିଫାଇନିଂର କ୍ଷମତା ଅଛି । ସେ ପଶ୍ଚିମ ଏସିଆରେ ଯୁଦ୍ଧ କାରଣରୁ ସୃଷ୍ଟି ଶକ୍ତି ସଙ୍କଟକୁ ନେଇ କହିଛନ୍ତି, ଭାରତ ନିଜର ଭଲ ନୀତି, ଇନ୍ଧନର ଯୋଗାଣର ଉତ୍ସ ଗୁଡ଼ିକରେ ବିବିଧତା ଆଣି ଏବଂ ମଜବୁତ କୂଟନୀତିକ ସମ୍ପର୍କ ମାଧ୍ୟମରେ ବିଶ୍ୱର ସବୁଠାରୁ ବଡ଼ ବିଶ୍ୱ ଶକ୍ତି ସଙ୍କଟ ମଧ୍ୟରୁ ଗୋଟିଏକୁ ସଫଳତାର ସହିତ ସାମ୍ନା କରିଛି । ଏହାର ବୋଝ ଦେଶର ନାଗରିକଙ୍କ ଉପରେ ବହୁତ କମ୍ ପଡ଼ି ଥିଲା ।


ରାଜସ୍ଥାନ ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ ମୋଦି

ବାଲୋତ୍ରାର ପଚପଦରାରେ ଦେଶର ପ୍ରଥମ ଗ୍ରୀନଫିଲ୍ଡସମନ୍ୱିତ ରିଫାଇନାରୀ-କମ-ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରି ଥିଲେ । ଏହାସହ ସେ ଏକ ଲକ୍ଷ ପାଞ୍ଚ ହଜାର କୋଟି ଟଙ୍କାର ବିଭିନ୍ନ କାର୍ଯ୍ୟର ଅନଲାଇନ ଉପାୟରେ ଶିଳାନ୍ୟାସ / ଉଦଘାଟନ ଓ ଲୋକାର୍ପଣ କରିଥିଲେ । ବିଶ୍ୱ ବିଶୋଧନ ଭିତ୍ତିଭୂମିର ତୁଳନା କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, 'ଗତ ୫୦ ବର୍ଷ ମଧ୍ୟରେ ଆମେରିକାରେ କୌଣସି ନୂତନ ବିଶୋଧନାଗାର ନିର୍ମାଣ ହୋଇନାହିଁ, ୟୁରୋପର ବିଶୋଧନାଗାର କ୍ଷମତା ମଧ୍ୟ ଧୀରେ ଧୀରେ ହ୍ରାସ ପାଇଛି ଏବଂ ଏହି ସମୟରେ ଭାରତ ନିକଟରେ ୪ର୍ଥ ସବୁଠୁ ବଡ଼ ରିଫାଇନିଂ କ୍ଷମତା ଅଛି ।ସେ ଏହା ମଧ୍ୟ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଇରାନକୁ ଗୁପ୍ତ ଚେତାବନୀ ଦେଲା ଆମେରିକା
## 'ଯୁଦ୍ଧ ବାର୍ତ୍ତା ରୋକିବାକୁ ଇରାନ ନେତାଙ୍କୁ ମାରିବାକୁ ଚାହୁଁଛି ଇସ୍ରାଏଲ'



**ନୂଆଦିଲ୍ଲୀ(ଏନ୍.ଏମ୍.) :** ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଇରାନକୁ ନେଇ ଚାଲିଥିବା ଭିତରି ବିବାଦକୁ ନେଇ ଏକ ଚାଞ୍ଚଲ୍ୟକର ଖୁଲାସା ହୋଇଛି । 'ଦ ନ୍ୟୁୟର୍କ ଟାଇମ୍ସ' ଏବଂ 'ଦ ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ'ର ରିପୋର୍ଟ ଅନୁଯାୟୀ, ଗତ ଏପ୍ରିଲ ମାସରୁ ଆରମ୍ଭ ହୋଇଥିବା ଅତି ସମ୍ବେଦନଶୀଳ ଯୁଦ୍ଧବିରତି ଆଲୋଚନାକୁ ବିଫଳ କରିବା ପାଇଁ ଇସ୍ରାଏଲ ଇରାନର ଶୀର୍ଷ ନେତାମାନଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର ରଚୁଥିଲା । ଏହି ବିପଦକୁ ଦେଖି ଆମେରିକା ନିଜେ ମଧ୍ୟ-ପ୍ରାଚ୍ୟର କିଛି ଦେଶ ମାଧ୍ୟମରେ ଇରାନକୁ ଏହି ଇସ୍ରାଏଲୀ ଷଡ଼ଯନ୍ତ୍ର ବିଷୟରେ ଆଗୁଆ ଆଲର୍ଟ କରିଥିଲା । ଏହି ଯୋଜନାର ମୁଖ୍ୟ ଟାର୍ଗେଟ୍ରେ ଥିଲେ ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘଚି ଏବଂ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ୍, ଯେଉଁମାନେ ଆମେରିକା ସହ ଶାନ୍ତି ବାର୍ତ୍ତାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି ।

### କାହିଁକି ନିଜର ପରମ ଶତ୍ରୁ ଦେଶର ନେତାଙ୍କୁ ବଞ୍ଚାଇଲା ଆମେରିକା ?

ରିପୋର୍ଟ ମୁତାବକ, ଯୁଦ୍ଧ ଆରମ୍ଭ ସମୟରେ ଆମେରିକା ଅଧିକାରୀମାନେ ମଧ୍ୟ ଭାବୁଥିଲେ ଯେ ଇରାନର ଏହି ନେତାମାନଙ୍କୁ ଟାର୍ଗେଟ୍ କରିବା ଇସ୍ରାଏଲର ବୈଧ ଅଧିକାର । କିନ୍ତୁ, ଏପ୍ରିଲରେ ଯେତେବେଳେ ଦୁଇ ଦେଶ ମଧ୍ୟରେ ଆନୁଷ୍ଠାନିକ ଶାନ୍ତି ଆଲୋଚନା ଆରମ୍ଭ ହେଲା, ସେତେବେଳେ ୱାଶିଂଟନର ଆଭିମୁଖ୍ୟ ବଦଳିଗଲା । ଆମେରିକା ପ୍ରଶାସନ ଆଶଙ୍କା କରୁଥିଲା ଯେ ଯଦି ଇସ୍ରାଏଲ ଆରାଘଚି କିମ୍ବା ଗାଲିବାଫ୍ଙ୍କ ମଧ୍ୟରୁ କାହାକୁ ବି ଆକ୍ରମଣ କରେ, ତେବେ ମାସ ମାସର ପରିଶ୍ରମ ପରେ ପ୍ରସ୍ତୁତ ହୋଇଥିବା ସିଜଫାୟାର୍ ଡିଲ୍ ସମ୍ପୂର୍ଣ୍ଣ ବର୍ବାଦ ହୋଇଯିବ ଏବଂ ଯୁଦ୍ଧ ପୁଣି ଥରେ ଭୟଙ୍କର ରୂପ ନେବ । ଆମେରିକାର ଚାପ ପରେ ହିଁ ମାର୍ଚ୍ଚ ମାସରେ ଏହି ଦୁଇ ନେତାଙ୍କ ନାମ ଇସ୍ରାଏଲର 'ହିଟ୍ ଲିଷ୍ଟ'ରୁ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ରାମ ମନ୍ଦିର ଦାନ ଅର୍ଥ ଚୋରି ମାମଲାରେ ଏସଆଇଟି ବଡ଼ ଆହ୍ୱାନ, ଖୋଲିବ ସୁନା-ରୂପା ଓ ଅଳଙ୍କାର ହିସାବର ପେଡ଼ି

**ଅଯୋଧ(ଏଜେନ୍ସି) :** ରାମ ମନ୍ଦିର ଚଢ଼ାଉ ଏବଂ ବହୁମୂଲ୍ୟ ସାମଗ୍ରୀ ହେରଫେର ମାମଲାରେ ଏବେ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି ସ୍ପେଶାଲ ଇନଭେଷ୍ଟିଗେସନ ଟିମ୍ (ଏସଆଇଟି) । ତଦନ୍ତକାରୀ ଅଧିକାରୀମାନେ ରାମଲାଲାଙ୍କ ଦର୍ଶନ କରିବା ପରେ ମନ୍ଦିରର ଅଳଙ୍କାର, ଚଢ଼ାଉ ଏବଂ କୀର୍ତ୍ତିମାନ ସାମଗ୍ରୀର ରକ୍ଷଣାବେକ୍ଷଣ ତଥା ପରିଚାଳନା ଦାୟିତ୍ୱରେ ଥିବା ପ୍ରଭାରୀ କେ.ଡି. ବାବୁଙ୍କୁ ଦୀର୍ଘ ସମୟ ଧରି ପଚରାଉଚରା କରିଛନ୍ତି । ସୂତ୍ର ଅନୁଯାୟୀ, ଝଓଞ୍ଚ ପ୍ରଭାରୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସମସ୍ତ ସରକାରୀ ଦସ୍ତାବେଜ, ରେକର୍ଡ ଏବଂ ରେଜିଷ୍ଟରଗୁଡ଼ିକୁ ଯାଞ୍ଚ କରିଛି । ଏହା ସହିତ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଅଧୀନରେ



ଥିବା 'ପ୍ରିଣ୍ଟିଂ ଆଣ୍ଡ ମିଣ୍ଟିଂ କର୍ପୋରେସନ ଅଫ୍ ଇଣ୍ଡିଆ' ସହ ହୋଇଥିବା ସମସ୍ତ କାରବାରର ସମ୍ପୂର୍ଣ୍ଣ ବିବରଣୀ ମଧ୍ୟ ତଲବ କରାଯାଇଛି । ମନ୍ଦିରକୁ ଦାନ ଆକାରରେ ମିଳିଥିବା ସୁନା, ରୂପା ସମେତ ଅନ୍ୟାନ୍ୟ ମୂଲ୍ୟବାନ ଧାତୁଗୁଡ଼ିକୁ ବ୍ୟାଙ୍କରେ ଜମା କରିବାର ପ୍ରକ୍ରିୟା କ'ଣ ଥିଲା, ସେଗୁଡ଼ିକର ଅଫିସିଆଲ୍ ରେକର୍ଡ କେଉଁଠି ଅଛି ଏବଂ ଏପର୍ଯ୍ୟନ୍ତ କେତେ ପରିମାଣର ଧାତୁ ବ୍ୟାଙ୍କରେ ଜମା କରାଯାଇଛି, ସେ ସମସ୍ତ ତଥ୍ୟ ଝଓଞ୍ଚ ମାଗିଛି । ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁକୁ ନେଇ ଅଧିକାରୀମାନେ ଦସ୍ତାବେଜଗୁଡ଼ିକ ଯାଞ୍ଚ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗ : ତ୍ରୁଟିଶୂନ୍ୟ ବହି ମିଳିବ, ଖୁବ୍‌ଶୀଘ୍ର ନୂତନ ପୁସ୍ତକ
### ଗୁରୁଚଣ୍ଡାଳ ଭୁଲ୍ ସୁଧାରିବୁ : ସଚିବ

**ଭୁବନେଶ୍ୱର(ଏନ୍.ଏମ୍.) :** ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ତ୍ରୁଟିଶୂନ୍ୟ ନୂତନ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ । ବର୍ତ୍ତମାନ ପାଠ୍ୟପୁସ୍ତକରେ ଥିବା ତ୍ରୁଟିଗୁଡ଼ିକର ତର୍ଜମା ଚାଲିଛି । ଖୁବଶୀଘ୍ର ସଂଶୋଧିତ ବହି ବିଭାଗୀୟ ୱେବସାଇଟ୍/ଓସେପା ୱେବସାଇଟରେ ଶିକ୍ଷାବିତ୍ ତଥା ଜନସାଧାରଣଙ୍କ ମତାମତ ନିମନ୍ତେ ଦିଆଯିବ । ସମସ୍ତଙ୍କ ମତାମତକୁ ବିଚାର କରି ଛାତ୍ରଛାତ୍ରୀଙ୍କୁ ସଂଶୋଧିତ ବହି ପ୍ରଦାନ କରାଯିବ । ତେବେ ନୂତନ ପାଠ୍ୟପୁସ୍ତକ ଯୋଗାଣ ପର୍ଯ୍ୟନ୍ତ ସଂଶୋଧିତ ତଥ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦିଆଯାଇ ପାଠପଢ଼ା ଚାଲୁ ରହିବ । ପାଠପୁସ୍ତକରେ କିଛି ଗୁରୁଚଣ୍ଡାଳ ଭୁଲ୍ ରହିଛି । ତାହାକୁ ଆମେ ସୁଧାରିବୁ ବୋଲି ଗଣଶିକ୍ଷା ସଚିବ ଏନ୍ ତିରୁମାଲା ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସେ କହିଛନ୍ତି, ପାଠ୍ୟପୁସ୍ତକରେ ତ୍ରୁଟି ଥିବା ସରକାରଙ୍କ ନଜରକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ଉନ୍ନୟନ କମିସନରଙ୍କ ଅଧକ୍ଷତାରେ କମିଟି ଗଠନ କରିଥିଲେ । କମିଟିର ସୁପାରିସକ୍ରମେ ସରକାର କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ଏବଂ ଆବଶ୍ୟକସ୍ଥଳେ ଆଉ କାର୍ଯ୍ୟାନୁଷ୍ଠାନ ନିଆଯିବ । ଛାତ୍ରଛାତ୍ରୀଙ୍କୁ ତ୍ରୁଟିଶୂନ୍ୟ ପୁସ୍ତକରେ ଶିକ୍ଷା ଦେବାକୁ ନିଷ୍ପତ୍ତି ହୋଇଥିବାରୁ ତ୍ରୁଟିଗୁଡ଼ିକର ତର୍ଜମା ଚାଲିଛି । ସଂଶୋଧିତ ତାଲିକାରେ ଥିବା ତ୍ରୁଟିଗୁଡ଼ିକୁ ମଧ୍ୟ ଚିହ୍ନଟ କରାଯାଉଛି । ୨୦୨୬-୨୭ ଶିକ୍ଷାବର୍ଷରେ ହିଁ ପୁଣିଥରେ ବହି ପ୍ରକାଶ କରିବାକୁ ନିଷ୍ପତ୍ତି ହୋଇଥିଲେ ହେଁ କେବେ ପିଲାଙ୍କୁ ବହି ମିଳିବ ସେ ନେଇ ସଚିବ କିଛି ସ୍ପଷ୍ଟ କରିନାହାନ୍ତି । ବରଂ ପ୍ରଶ୍ନକୁ ଏଡ଼ାଇଯାଇ ଖୁବ୍‌ଶୀଘ୍ର ଦିଆଯିବ ବୋଲି କହିଛନ୍ତି । ଯେଉଁ ତ୍ରୁଟିପୂର୍ଣ୍ଣ ବହି ଏବେ ପିଲାଙ୍କ ପାଖରେ ପହଞ୍ଚିଛି ତାହାର ଭବିଷ୍ୟତ ନେଇ ମଧ୍ୟ କୌଣସି ଉତ୍ତର ଦେଇ ନାହାନ୍ତି । ପୂର୍ବରୁ ଛପାଯାଇଥିବା ପାଠ୍ୟପୁସ୍ତକ ବାବଦରେ କେତେ ଟଙ୍କା ଖର୍ଚ୍ଚ ହୋଇଥିଲା ଏବଂ ଆଗକୁ ଯେଉଁ ସଂଶୋଧିତ ପାଠ୍ୟପୁସ୍ତକ ପ୍ରକାଶ ପାଇବ ସେଥିପାଇଁ କେତେ ଟଙ୍କା ଖର୍ଚ୍ଚ ହେବ ସେ ସଂକ୍ରାନ୍ତରେ କୌଣସି ଉତ୍ତର ନରଖି ସଚିବ ଶ୍ରୀ ନାୟକ ଉଠି ଚାଲିଯାଇଥିଲେ । ପାଠ୍ୟପୁସ୍ତକରେ ତ୍ରୁଟି ସଂଖ୍ୟା ୧୬୦୦ରୁ କମ୍ ହେବ ବୋଲି ମତପ୍ରକାଶ କରିଥିଲେ । ତେବେ ବିକୃତ, ବିଭ୍ରାନ୍ତକର, ଅନ୍ଧବିଶ୍ୱାସ, ପୁରାତନ, ପୌରାଣିକ ତଥା ତ୍ରୁଟିଯୁକ୍ତ ପାଠ୍ୟକ୍ରମ ପ୍ରଚଳନ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଖେମିନିଙ୍କ ଅନ୍ତିମ ସଂସ୍କାରକୁ ନେଇ ଉପହାସ କଲେ ଟ୍ରମ୍ପ
### 'ଆମେରିକା ଭଲ ସ୍ୱଭାବର ହୋଇଥିବାରୁ ଇରାନକୁ ଗୋଟିଏ ସପ୍ତାହ ଛୁଟି ଦେଇଛି'

**ୱାଶିଂଟନ (ଏଜେନ୍ସି) :** ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ଅନ୍ତିମ ସଂସ୍କାର ଆରମ୍ଭ ହୋଇଛି । ଏସମ୍ପର୍କରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପହାସ ଭରା ବିବୃତି ପୁଣି ଥରେ ଶିରୋନାମା ପାଲଟିଛି । ଟ୍ରମ୍ପଙ୍କ ମନ୍ତବ୍ୟ ପୁଣି ବିବାଦ ସୃଷ୍ଟି କରିଛି । ଇରାନକୁ ଟାର୍ଗେଟ କରି ଟ୍ରମ୍ପ ଦାବି କରିଛନ୍ତି ଯେ, ଆମେରିକା ଭଲ ସ୍ୱଭାବର ହୋଇଥିବାରୁ ଇରାନକୁ ଅନ୍ତିମ ସଂସ୍କାର ପାଇଁ ଏକ ସପ୍ତାହ ସମୟ ପ୍ରଦାନ କରାଯାଇଛି । ମାଉଣ୍ଟ ରସମୋରରୁ ଟ୍ରମ୍ପ ଏଭଳି ଉପହାସ କରିଛନ୍ତି । ଆମେରିକାର ୨୫୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଦକ୍ଷିଣ ଡାକୋଟାର ମାଉଣ୍ଟ ରସମୋରରେ ଏକ କାର୍ଯ୍ୟକ୍ରମରେ ଉଦ୍ବୋଧନ ଦେଇ ଡୋନାଲ୍ଡ ଟ୍ରମ୍ପ ସାମ୍ପ୍ରତିକ ଆମେରିକା-ଇରାନ ବିବାଦକୁ ଉଲ୍ଲେଖ କରି ତାଚ୍ଛଲ୍ୟ କରି କହିଛନ୍ତି, ଆମେ ଇରାନକୁ ସମ୍ପୂର୍ଣ୍ଣ ଭାବରେ ଚକିତ କରିଦେଇଛୁ । ଏବେ ସେମାନେ ଏକ ଚୁକ୍ତି ପାଇଁ ବ୍ୟାକୁଳ ହେଉଛନ୍ତି । ଆମେ ଭଲ ସ୍ୱଭାବର ହୋଇଥିବାରୁ ସେମାନଙ୍କୁ ଅନ୍ତିମ ସଂସ୍କାର ପାଇଁ ଗୋଟିଏ ସପ୍ତାହ ଛୁଟି ଦେଇଛୁ । ଇରାନରେ ଆୟାତୋଲ୍ଲା ଅଲି ଖେମିନିଙ୍କ ପାଇଁ ଏକ ସପ୍ତାହ ବ୍ୟାପୀ ରାଷ୍ଟ୍ରୀୟଓ ଅନ୍ତିମ ସଂସ୍କାର ଆରମ୍ଭ ହେବା ପରେ ଟ୍ରମ୍ପଙ୍କ ଏହି ବିବୃତି ଆସିଛି ।




ଇରାନ ଅନୁଯାୟୀ, ଖେମିନି ଫେବ୍ରୁଆରି ୨୮ ତାରିଖରେ ଆମେରିକା ଏବଂ ଇସ୍ରାଏଲର ମିଳିତ ବିମାନ ଆକ୍ରମଣରେ ପ୍ରାଣ ହରାଇଥିଲେ । ଏହି ଆକ୍ରମଣରେ ତାଙ୍କ ପରିବାରର ଅନେକ ସଦସ୍ୟ, ତାଙ୍କ ଝିଅ, ଜ୍ୱାଇଁ, ନାତି ଏବଂ ବୋହୂ ମଧ୍ୟ ପ୍ରାଣ ହରାଇଥିଲେ । ଇସଲାମିକ ପରମ୍ପରା ଅନୁଯାୟୀ ଜଣେ ବ୍ୟକ୍ତିଙ୍କୁ ୨୪ ଘଣ୍ଟା ମଧ୍ୟରେ କବର ଦିଆଯିବା ଆବଶ୍ୟକ, କିନ୍ତୁ ଯୁଦ୍ଧ ଏବଂ ସୁରକ୍ଷା ଚିନ୍ତା ଯୋଗୁଁ ଖାମେନିଙ୍କ ଅନ୍ତିମ ସଂସ୍କାରକୁ ସ୍ଥଗିତ ରଖାଯାଇଥିଲା । ଗତ ମାସରେ ଅସ୍ତ୍ରବିରତି କାର୍ଯ୍ୟକାରୀ ହେବା ପରେ ଇରାନ କର୍ତ୍ତୃପକ୍ଷ ଅନ୍ତିମ ସଂସ୍କାରର ସମୟ ନିର୍ଦ୍ଧାରଣ କରିଥିଲେ ।

## ଚାଉଳିଆଗଞ୍ଜ ଥାନା ଆଇଆଇସିଙ୍କ ଆତ୍ମହତ୍ୟା କାରଣ ଅସ୍ପଷ୍ଟ
## ଥାନା ପରିସର କ୍ୱାର୍ଟର ଭିତରୁ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର



**କଟକ(ଏନ୍.ଏମ୍.) :** କଟକ କମିଶନରେଟ ପୁଲିସ ଅନ୍ତର୍ଗତ ଚାଉଳିଆଗଞ୍ଜ ଥାନା ପରିସର କ୍ୱାର୍ଟର ଭିତରୁ ଆଇଆଇସି ବିଉଟି ମହାନ୍ତିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି । ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ । ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ ପରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଏସସିବି ମେଡ଼ିକାଲକୁ ପଠାଯାଇଛି ।

ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ରାତି ପ୍ରାୟ ୯ଟା ଯାଏ ଆଇଆଇସି ବିଉଟି ମହାନ୍ତି ଥାନା କାର୍ଯ୍ୟ ତୁଲାଇ ଥିଲେ । ପରେ ହଠାତ ଅସୁସ୍ଥ ଅନୁଭବ କରିବାରୁ ସେ ଥାନାର ଉପର ମହଲାରେ ଥିବା ନିଜ କ୍ୱାର୍ଟରକୁ ଯାଇଥିଲେ । କିନ୍ତୁ ଶନିବାର ସକାଳେ ଥାନାରେ ନିୟମିତ ହେଉଥିବା ବ୍ରିଫିଂ ରୋଲକଲକୁ ଆସି ନଥିଲେ । ଦୀର୍ଘ ସମୟ ଅପେକ୍ଷା ପରେ ଦିନ ପ୍ରାୟ ୧୦ ଟା ବେଳେ ଥାନା କର୍ମଚାରୀ କ୍ୱାର୍ଟରକୁ ଯାଇ ଆଇଆଇସିଙ୍କୁ ଡାକିଥିଲେ । ମାତ୍ର ରୁମ ଭିତରୁ କିଛି ଉତ୍ତର ନମିଳିବାରୁ ସନ୍ଦେହ ଉପୁଜିଥିଲା । ଏ ସମ୍ପର୍କରେ ଜୋନ-୫ ଏସିପି ସୁଧାଂଶୁ ଜେନାଙ୍କୁ ସୂଚନା ଦିଆଯାଇଥିଲା । ପରେ ଏସିପିଙ୍କ ଉପସ୍ଥିତିରେ କବାଟ ଭଙ୍ଗା ଯିବାରୁ ଆଇଆଇସିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା । ପୋଲିସ ପକ୍ଷରୁ ଉକ୍ତ ରୁମକୁ ସିଲ କରାଯାଇଛି । ଖବରପାଇ ଡିସିପି ଖିଲାରୀ ଋଷିକେଶଙ୍କ ସମେତ ମୃତ ଆଇଆଇସିଙ୍କ ପରିବାର ଲୋକେ ପହଞ୍ଚିଛନ୍ତି । ସାଇଣ୍ଟିଫିକ ଟିମ ସାହାଯ୍ୟରେ ଘଟଣାସ୍ଥଳରୁ ତଥ୍ୟ ପ୍ରମାଣ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ବିତୁଛି ଓଲଟା ଜୀବନ
## ୪୫ ଡିଗ୍ରୀ ତାତିରେ ବି ଦରକାର ରେଜେଇ ଆଉ ଶୀତରେ ବରଫରେ ଶୁଅନ୍ତି ଜଣେ ଅଦ୍ଭୁତ ମଣିଷ

**ନୂଆଦିଲ୍ଲୀ(ଏଜେନ୍ସି) :** ଖରାଦିନ ଅସହ୍ୟ ଗରମ ହେଲେ କିଏ ଟିକେ ଥଣ୍ଡା ପବନ ପାଖରେ ବସିଯାଆନ୍ତି । ଗରମରୁ ଟିକେ ଆଶ୍ୱସ୍ତି ପାଇଁ କେହି କେହି ପତଳା ବସ୍ତ୍ର ପିନ୍ଧନ୍ତି । ଆଉ ଶୀତ ଦାଉରୁ ରକ୍ଷା ପାଇବାକୁ ମୋଟା କମ୍ବଳ ଘୋଡାଇ ହୁଅନ୍ତୁ । କିନ୍ତୁ ଆମେ ଆଜି ଆପଣଙ୍କୁ ଏମିତି ଜଣେ ବ୍ୟକ୍ତିଙ୍କ କଥା କହିବୁ ଯିଏକି ଓଲଟା ଜୀବନ ବିତାନ୍ତି । କହିବାକୁ ଗଲେ ଏକଦମ ଅଜବ ଜୀବନ । ତାଙ୍କୁ ଖରାଦିନେ ଶୀତ କରେ । ତେଣୁ ସେ ମୋଟା କମ୍ବଳ ଘୋଡାଇ ହୁଅନ୍ତି । ଶୀତ ଦିନେ ତାଙ୍କୁ ଅସହ୍ୟ ଗରମ ଲାଗେ । ଖରାଦିନେ ଅଧିକ ଥଣ୍ଡା ଲାଗୁଥିବାରୁ ସେ ନିଆଁ ପାଖରେ ବସନ୍ତି ଏବଂ ଆଉ ଅକାଠୁଆ ଶୀତରେ ସେ ବରଫ ଗଦାରେ ଶୁଅନ୍ତି । ଆପଣଙ୍କୁ ନିଶ୍ଚିତ ଏ କଥା ଆଶ୍ଚର୍ଯ୍ୟ କରୁଥିବ । ହେଲେ ଏହି ଘଟଣାଟି ସମ୍ପୂର୍ଣ୍ଣ ସତ୍ୟ । ହରିୟାଣାର ଜଣେ ବ୍ୟକ୍ତି ଏପରି ନିଆରା-ଅଜବ ଜୀବନ ବିତାଉଛନ୍ତି ଯାହା ଏବେ ଚର୍ଚ୍ଚାରେ ରହିଛି ।

ହରିୟାଣାର ମହେନ୍ଦ୍ରଗଡ଼ ଜିଲ୍ଲାର ଡେରୋଲି ଅହୀର ଗାଁର ସନ୍ତଲାଲ ଆଜିକାଲି ନିଜର



ନିଆରା ଶାରୀରିକ ସ୍ଥିତି ଯୋଗୁ ଚର୍ଚ୍ଚାରେ । ଚର୍ଚ୍ଚା ଯେ, ତାଙ୍କୁ ଖରାଦିନେ ଥଣ୍ଡା ଲାଗେ ଏବଂ ଶୀତରେ ଗରମ ହୁଏ । ସନ୍ତଲାଲଙ୍କ ବୟସ ପ୍ରାୟ ୭୦ ବର୍ଷ । ଅଜବ ଶାରୀରିକ ସ୍ଥିତି ଯୋଗୁ ସେ ଅନେକ ଡାକ୍ତରଙ୍କ ଦ୍ୱାରା ଯାଞ୍ଚ କରାଇ ସାରିଲେଣି । ଭୀଷଣ ଗରମରେ ସନ୍ତଲାଲ ୪-୫ ରେଜେଇ ଘୋଡ଼ାଇ ହୁଅନ୍ତି । ଆଉ ଖରାଦିନେ ଅଧିକ ଥଣ୍ଡା ଲାଗିଲେ ନିଆଁରେ ସେକି ହୁଅନ୍ତି । ଉତ୍ତର ଭାରତ ପ୍ରବଳ ଗରମରେ ଜର୍ଜରିତ ହେଉଥିବା ବେଳେ, ହରିୟାଣାର ମହେନ୍ଦ୍ରଗଡ଼ ଜିଲ୍ଲାର ସନ୍ତଲାଲ ପ୍ରବଳ ଗରମରେ ମଧ୍ୟ କମ୍ବଳ ଘୋଡ଼ାଇ ହୋଇ ବୁଲନ୍ତି । ଶୀତଦିନେ ମଧ୍ୟ, ଏହି ବ୍ୟକ୍ତି ଠିକ୍ ବିପରୀତ କରନ୍ତି ଅର୍ଥାତ୍ ପାଣିରେ ବୁଡି ରୁହନ୍ତି ।

ଆଶ୍ଚର୍ଯ୍ୟର କଥା ହେଉଛି ଏତେ ଗରମରେ ବି ତାଙ୍କ ଦେହରୁ ଝାଳ ବାହାରେ ନାହିଁ । ଏହା ବଦଳରେ ଶୀତଦିନେ ଗରମ ଲାଗେ ବୋଲି ସନ୍ତଲାଲ କହନ୍ତି । ଶୀତଦିନେ ସେ ସକାଳ ୫ଟାରେ ପୋଖରୀରେ ସ୍ନାନ କରନ୍ତି ଏବଂ ଅନେକ ସମୟରେ ଦିନ ସାରା ପାଣିରେ ହିଁ ବିତାନ୍ତି । ପରିଜନଙ୍କ ଅନୁସାରେ, ସନ୍ତଲାଲ କୌଣସି ନାଟକ କରନ୍ତି ନାହିଁ । ତାଙ୍କର ଏହି ନିଆରା ସ୍ଥିତିକୁ ଦେଖି ଜିଲ୍ଲା ପ୍ରଶାସନ ତାଙ୍କୁ ୧ଲକ୍ଷ ଟଙ୍କା ଦେଇ ସମ୍ମାନିତ କରିଛି । ସନ୍ତଲାଲଙ୍କ ବୋହୂ କହିଛନ୍ତି, ଜିଲ୍ଲା ପ୍ରଶାସନ ତାଙ୍କୁ ସମ୍ମାନିତ କରିଛି ଏବଂ ସାହାଯ୍ୟ କରିଛି । ବାହାରୁ ଆସୁଥିବା ଡାକ୍ତରୀ ଟିମ୍ ତାଙ୍କୁ ପରୀକ୍ଷା କରିଥିଲେ । କିନ୍ତୁ କୌଣସି ଫଳାଫଳ ପାଇଲେ ନାହିଁ । ଗଣମାଧ୍ୟମ ରିପୋର୍ଟ ଅନୁସାରେ, ସନ୍ତଲାଲଙ୍କୁ ପାଣିପାଗ ବିଭାଗ ଭାବେ ଜଣାଶୁଣା । ସନ୍ତଲାଲ କୌଣସି ରୋଗରେ ପୀଡ଼ିତ ନୁହଁନ୍ତି ।

## କେନ୍ଦ୍ର ମନ୍ତ୍ରୀମଣ୍ଡଳ ଅଦଳବଦଳର ଚୂଡ଼ାନ୍ତ ପର୍ଯ୍ୟାୟ



**ନୂଆଦିଲ୍ଲୀ (ଏଜେନ୍ସି) :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ତ୍ରିମଣ୍ଡଳରେ ଏକ ବଡ଼ ଧରଣର ପୁନର୍ଗଠନ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଚଳିତ ଜୁଲାଇ ତୃତୀୟ ସପ୍ତାହ ସୁଦ୍ଧା ଏହି ମେଗା ଅଦଳବଦଳ ହେବା ନେଇ ଜୋରଦାର ପ୍ରସ୍ତୁତି ଚାଲିଛି । ଜୁଲାଇ ୨୧ରେ ଆରମ୍ଭ ହେବାକୁ ଥିବା ସଂସଦର ଆଗାମୀ ମୌସୁମୀ ଅଧିବେଶନ ପୂର୍ବରୁ କିମ୍ବା ଏହାର ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଧକ୍ଷତାରେ ମନ୍ତ୍ରୀମାନଙ୍କ କାର୍ଯ୍ୟଦକ୍ଷତା ସମୀକ୍ଷା କରାଯାଇଥିବା ବେଳେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଶେଷ ହୋଇଛି । ବିଜେପି ଜାତୀୟ ସଭାପତି ନିତିନ ନବୀନଙ୍କ ନୂତନ ଦଳୀୟ ସଂଗଠନ ସହ ସମନ୍ୱୟ ରକ୍ଷା କରି ସରକାରରେ ଏହି ବଡ଼ ପରିବର୍ତ୍ତନ କରାଯାଉଛି । ବିଜେପିର ସାଂଗଠନିକ ନୀତି ଅନୁଯାୟୀ କେନ୍ଦ୍ର ମନ୍ତ୍ରୀ ପଙ୍କଜ ଚୌଧୁରୀଙ୍କୁ ଉତ୍ତର ପ୍ରଦେଶ ଏବଂ ହର୍ଷ ମାଲହୋତ୍ରାଙ୍କୁ ଦିଲ୍ଲୀ ବିଜେପିର ସଭାପତି ଦାୟିତ୍ୱ ମିଳିଥିବାରୁ 'ଜଣେ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

### ରିଆଲିଟି ସୋରେ ରାଜ୍ ଖୋଲିଦେଲେ ଇନଫ୍ଲୁଏନସର

# ନିଜକୁ ସମଲିଙ୍ଗୀ କହି ପସ୍ତେଇଲେ ଆକାଂକ୍ଷା



**ମୁମ୍ବାଇ(ଏଜେନ୍ସି) :** ରିଆଲିଟି ସୋରେ ଛାଡ଼ପତ୍ର ଘୋଷଣା ପରେ ଏବେ ଅଭିନେତ୍ରୀ ଆକାଂକ୍ଷା ଚମୋଲାଙ୍କ ନୂଆ ଡ୍ରାମା । ଲକଅପ୍ ସିଜିନ୍-୨ରେ କଲେ ନୂଆ ଖୁଲାସା । କହିଲେ ମୁଁ ସମଲିଙ୍ଗୀ । ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଶ୍ରେୟା କାଲରାଙ୍କ ନିକଟରେ ଆକାଂକ୍ଷା ଏହି ଖୁଲାସା କରିଛି । ଯାହାକି ଏବେ ଚର୍ଚ୍ଚାରେ ବିଷୟ ପାଲଟିଛି ।

ନେଟଫ୍ଲିକ୍ସରେ ଷ୍ଟ୍ରିମିଂ ହେଉଥିବା ଲକଅପ୍ ସିଜିନ୍-୨ର ଏପିସୋଡ୍ ଦିନକୁ ଦିନ ରୋଚକ ହେବାରେ ଲାଗିଛି । ପ୍ରତି ଏପିସୋଡରେ କିଛି ନା କିଛି ଖୁଲାସା ହେଉଛି । ସମ୍ପର୍କ, ରାଜ୍ ଓ ରଣନୀତିର ଖେଳ ଅଧିକ ରୋଚକ ହେବାରେ ଲାଗିଛି । ଏହି କାର୍ଯ୍ୟକ୍ରମରେ ଇନଫ୍ଲୁଏନ୍ସର ସୁଫି ମୋତିୱାଲାଙ୍କ ସହ କଥା ହେବା ବେଳେ ଶ୍ରେୟା ଆକାଂକ୍ଷାଙ୍କ ବିଷୟରେ ଏହି ଖୁଲାସା କରିଛନ୍ତି । ସୂଚନା ଥାଉକି, ଲକଅପ୍-୨ର ଗ୍ରାଣ୍ଡ ପ୍ରିମିୟର୍ ଏପିସୋଡରେ ଆକାଂକ୍ଷା ଚମୋଲା ଏକ ବଡ଼ ଖୁଲାସା କରିଥିଲେ । ସ୍ୱାମୀ ଗୌରବଙ୍କ ଠାରୁ ଅଲଗା ରହୁଥିବା କଥା କହିଥିଲେ । ତାଙ୍କ ବିବାହ ବିଚ୍ଛେଦ ସମ୍ପର୍କରେ ଶୁଣି ହୋଷ୍ଟ ଫରାହ ଖାନ, ରିତେଶ ଦେଶମୁଖ, ଏବଂ ତାଙ୍କର ଫ୍ୟାନ୍ସଙ୍କୁ ଝଟକା ଲାଗିଥିଲା । ତେବେ ଆକାଂକ୍ଷା କହିଥିଲେ ଯେ, ଦୁହିଁଙ୍କ ମଧ୍ୟରେ କୌଣସି ଝଗଡ଼ାଝାଟି ହୋଇନାହିଁ, ବାସ୍ ଭବିଷ୍ୟତକୁ ନେଇ ଦୁହିଁଙ୍କ ବିଚାରାଧାର ଅଲଗା । ଏଥିପାଇଁ ଦୁହେଁ ଛାଡ଼ପତ୍ର ନେବାକୁ ଯାଉଛନ୍ତି ।

ଏହି ସୋର ତୃତୀୟ ଏପିସୋଡରେ ଆକାଂକ୍ଷା ବିବାହ ବିଚ୍ଛେଦର ଅସଲ କାରଣ କହିଥିଲେ । ଗୌରବ ପିତା ହେବାକୁ ଚାହୁଁଥିବା ବେଳେ ଆକାଂକ୍ଷା ମା ହେବାକୁ ଚାହୁଁ ନଥିବା କହିଥିଲେ । ଏନେଇ ଆକାଂକ୍ଷା କହିଥିଲେ ଯେ, ୯୯ ପ୍ରତିଶତ ଲୋକ ପରିବାର ଆଗକୁ ବଢାଇବାକୁ ଚାହାଁନ୍ତି । ଏଥିରେ ଗୌରବଙ୍କର କୌଣସି ଭୁଲ୍ ନାହିଁ । ତାଙ୍କୁ ପିଲା ବହୁତ ପସନ୍ଦ, ହେଲେ ଗୌରବଙ୍କୁ ସେ ଏହି ଖୁସି ଦେଇପାରିବେନି । କାରଣ ତାଙ୍କ ଭିତରେ ମା ହେଲା ଭଳି ଭାବନା କେବେ ଆସୁ ନାହିଁ । ଗୌରବଙ୍କ ବନ୍ଧୁ ଅନୁଜ ସଚଦେବା ପ୍ରତିକ୍ରିୟା ରଖିଛନ୍ତି । ଆକାଂକ୍ଷା ରିଆଲିଟି ସୋରେ ଛାଡ଼ପତ୍ର ଖୁଲାସା କରିଥିବା ନେଇ ଗୌରବ ଜାଣିନଥିବା କହିଛନ୍ତି । 'ଯେ ରିସ୍ତା କ୍ୟା କେହଲାତା ହେ' ର ଅଭିନେତା ଅନୁଜ କହିଛନ୍ତି ଯେ, ଆକାଂକ୍ଷା ଛାଡ଼ପତ୍ର ବିଷୟରେ ଘୋଷଣା କରିବାକୁ ଏକ ରିଆଲିଟି ସୋର ସାହାରା ନେବେ ବୋଲି ଗୌରବ କେବେ ଭାବି ନଥିଲେ । ଦୁହେଁ ଦୀର୍ଘ ୯ ମାସ ହେଲା ଅଲଗା ରହୁଛନ୍ତି ବୋଲି ମଧ୍ୟ ସେ ଜାଣି ନଥିଲେ । ଆକାଂକ୍ଷା ଏନେଇ ଘୋଷଣା କରିବା ପରେ ସେ ଗୌରବଙ୍କ ସହ କଥା ହୋଇଥିଲେ । ଗୌରବ କେବେବି ନିଜ ବ୍ୟକ୍ତିଗତ କଥା ପବ୍ଲିକରେ ଏମିତି ଆଲୋଚନା କରିବାକୁ ପସନ୍ଦ କରନ୍ତିନି । ସୂଚନା ଥାଉକି, ଲକଅପ୍ ସିଜିନ୍-୨ରେ ଆକାଂକ୍ଷା କହିଥିଲେ ଯେ, ସେ ସ୍ୱାଧିନତା ଚାହୁଁଛନ୍ତି । ଏନେଇ ଅନୁଜ କହିଛନ୍ତି ଯେ, ଏହା ସତ୍ୟ ନୁହେଁ । ଆକାଂକ୍ଷାଙ୍କୁ ଗୌରବ ଖୁବ୍ ଭଲ ପାଆନ୍ତି । ସେ ଯାହା ଚାହାଁନ୍ତି ତାଙ୍କୁ ଦିଅନ୍ତି । ଏଯାଏଁ ଦୁହିଁଙ୍କ ସମ୍ପର୍କକୁ ନେଇ ଗୌରବ କୌଣସି ଖୁଲାସା କରିନାହାଁନ୍ତି । ତେଣୁ ଆକାଂକ୍ଷା ବୋଧହୁଏ ଲାଇମଲାଇଟ୍ ପାଇଁ ଛାଡ଼ପତ୍ର ଘୋଷଣା କରିଥାଇ ପାରନ୍ତି ।

### ବ୍ରେକଅପ୍ ଗୁଜବକୁ ଖଣ୍ଡନ କଲେ କ୍ରିତି

# ସୋସିଆଲ ମିଡିଆରେ ପୋଷ୍ଟ କଲେ ଫଟୋ

**ନୂଆଦିଲ୍ଲୀ (ଏଜେନ୍ସି):** ଗ୍ଲାମର ଦୁନିଆରେ ଚର୍ଚ୍ଚା କିଛି ନୂଆକଥା ନୁହେଁ । କେତେବେଳେ ଫ୍ୟାନମାନେ ପସନ୍ଦର ଅଭିନେତା ଅଭିନେତ୍ରୀମାନଙ୍କୁ ନେଇ ଚର୍ଚ୍ଚା ଆରମ୍ଭ କରିଦିଅନ୍ତି ତ ଆଉ କେତେବେଳେ ଗ୍ଲାମରମାନେ ନିଜେ ନିଜକୁ ଚର୍ଚ୍ଚିତ କରିବା ପାଇଁ ଉଦ୍ୟମ କରିଥାନ୍ତି । ସେହିଭଳି କ୍ରିତି ସାନନ୍‌ଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ବେଶ କିଛି ଦିନ ହେଲା ଗୁଜବ ପ୍ରଚାର ହେଉଛି । ବ୍ୟବସାୟୀ କବୀର ବାହିୟାଙ୍କ ସହ ତାଙ୍କର ବ୍ରେକଅପ୍ ହୋଇଥିବା ଚର୍ଚ୍ଚା ଜୋର ଧରିଛି । ଏବେ ଏହି ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି କୃତି । ସୋସିଆଲ ମିଡିଆ ପୋଷ୍ଟରେ ଉଭୟଙ୍କର ଏକ ଫଟୋ ପୋଷ୍ଟ କରି ସମସ୍ତଙ୍କ ମୁହଁ ସେ ବନ୍ଦ କରିଦେଇଛନ୍ତି । ନିକଟରେ ଏକ ସାକ୍ଷାତକାରରେ କୃତିଙ୍କୁ କବୀରଙ୍କ ସହ ପ୍ରେମ ସମ୍ପର୍କ ବିଷୟରେ ପଚରାଯାଇଥିଲା । ତେବେ ସେ ଏ ବିଷୟରେ ମୁହଁ ଖୋଲିନଥିଲେ । ସଦ୍ୟ ଫଟୋରେ କ୍ରିତି ଓ କବୀର ବହିୟା ପରସ୍ପର କାନ୍ଧରେ କାନ୍ଧ ଛନ୍ଦି ଏକ ସଙ୍ଗୀତ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖୁଛନ୍ତି । ଫଟୋରୁ ଉଭୟଙ୍କ ବ୍ରେକଅପ୍ ଖବର ଗୁଜବ ବୋଲି ସ୍ପଷ୍ଟ ହେଉଛି । ନିକଟରେ ମୁକ୍ତିପ୍ରାପ୍ତ ହୋମି ଆଦାଜାନିୟାଙ୍କ 'କକ୍ଟେଲ୍-୨'ରେ କ୍ରିତିଙ୍କ ପ୍ରଦର୍ଶନକୁ ଦର୍ଶକ ଖୁବ୍ ପସନ୍ଦ କରୁଛନ୍ତି । ଏଥିରେ ସେ ଶାହିଦ କପୁର ଓ ରଶ୍ମିକା ମନ୍ଦାନାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି । ସିନେ ସମୀକ୍ଷକ ଏ ନେଇ ମିଶ୍ର ପ୍ରତିକ୍ରିୟା ଦେଉଥିଲେ ମଧ୍ୟ ବକ୍ସ ଅଫିସ୍ରେ ଏହା ଭଲ ବ୍ୟବସାୟ କରିଛି । ଭାରତରେ ଏହା ୧୦୩ କୋଟିରୁ ଅଧିକ ଆୟ କରିଛି । ଏଥିସହିତ ୨୦୨୬ର ୫ମ ସର୍ବାଧିକ ଆୟ କରିଥିବା ଫିଲ୍ମ ହୋଇଛି 'କକଟେଲ୍-୨' ।



# ୪ହଜାର କୋଟିର 'ରାମାୟଣ'କୁ ପଛରେ ପକାଇଲା ୫ଶହ କୋଟିର 'ଟକ୍ସିକ'

**ମୁମ୍ବାଇ (ଏଜେନ୍ସି):** କନ୍ନଡ଼ ସିନେମାର ସୁପରଷ୍ଟାର ଯଶ ୨୦୨୨ର କେଜିଏଫ ୨ପରେ କୌଣସି ଫିଲ୍ମରେ ନଜର ଆସିନାହାନ୍ତି । ମାତ୍ର ୪ବର୍ଷ ପରେ ସେ ଗୀତୁ ମୋହନଦାସଙ୍କ ନିର୍ଦ୍ଦେଶନାରେ ନିର୍ମିତ ସିନେମା 'ଟକ୍ସିକ' ମାଧ୍ୟମରେ କମବ୍ୟାକ୍ କରୁଛନ୍ତି । ଏହି ଫିଲ୍ମ ଚଳିତ ବର୍ଷ ୨୬ଅଗଷ୍ଟରେ ରିଲିଜ ହେବାକୁ ଯାଉଛି । ପୂର୍ବରୁ ମେକର୍ସ ଜାନୁଆରୀରେ ଏକ ଟିଜର ଭିଡ଼ିଓ ରିଲିଜ କରି ଯଶଙ୍କ କ୍ୟାରେକ୍ଟର ରାୟା ଉପରୁ ପରଦା ଉଠାଇଥିଲେ । ଏହାପରେ ୧ ଜୁଲାଇରେ ନୂଆ ଟିଜର ଆସିଛି, ଯେଉଁଥିରେ ଏହି ଫିଲ୍ମରେ ୫ ହିରୋଇନର ଝଲକ ଦେଖାଯାଇଛି । ଏହି ସବୁ ମଧ୍ୟରେ ମେକର୍ସ ଫିଲ୍ମକୁ ନେଇ ଜବରଦସ୍ତ ମାହୋଲ କରିଛନ୍ତି । ଏହି ଫିଲ୍ମକୁ ନେଇ ଏତେ ଅଧିକ ଚର୍ଚ୍ଚା ହେଉଛି କି ଟିକେଟ ବୁକିଂ ୱେବସାଇଟ୍ ବୁକମାଇ ଶୋରେ 'ଟକ୍ସିକ' ରଣବୀର କପୁରଙ୍କ ଅପକମିଂ ଫିଲ୍ମ 'ରାମାୟଣ'ଠାରୁ ବି ଆଗକୁ ଚାଲିଯାଇଛି । ପ୍ରକାଶ ଯେ, ବୁକମାଇ ଶୋରେ ପ୍ରତ୍ୟେକ ଫିଲ୍ମର ନାମ ସହ ଆଗ୍ରହର ଏକ ଅପଶନ ଆସିଥାଏ, ଯେଉଁଠାରେ କ୍ଲିକ କରି ଦର୍ଶକ ଜାହିର କରିଥାନ୍ତି କି ସେ ସେହି ଫିଲ୍ମ ଦେଖିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି ହଁ କିମ୍ବା ନାହିଁ । ଏବେ 'ଟକ୍ସିକ'କୁ ରିଲିଜ ହେବାକୁ ପ୍ରାୟ ଦୁଇ ମାସ ସମୟ ଅଛି ଏବଂ ଏବେ ପର୍ଯ୍ୟନ୍ତ ଏହି ଫିଲ୍ମକୁ ୬ଲକ୍ଷ ଆଗ୍ରହ ମିଳି ସାରିଛି । ଯଶଙ୍କ 'ଟକ୍ସିକ'ର ବଜେଟ ପ୍ରାୟ ୫୦୦କୋଟି ଟଙ୍କା ଅଟେ । ସେହିଭଳି 'ରାମାୟଣ'ର ଦୁଇ ପାର୍ଟର ବଜେଟ ୪ହଜାର କୋଟି ଅଟେ । ବଡ଼ ବଜେଟର ଫିଲ୍ମ ହେବା ପରେ ବି 'ରାମାୟଣ' ଆଗ୍ରହର ମାମଲାରେ 'ଟକ୍ସିକ'ର ବହୁତ ପଛରେ ରହିଛି । 'ରାମାୟଣ'କୁ ଏବେ ପର୍ଯ୍ୟନ୍ତ କେବଳ ୯୫ହଜାରର ଆଗ୍ରହ ମିଳିଛି । ଏହାବି ଦେଖିବାକୁ ଅଛି କି ଉଭୟ ଫିଲ୍ମର ରିଲିଜରେ ପ୍ରାୟ ୨.୫ମାସର ଗ୍ୟାପ୍ ରହିଛି । କିନ୍ତୁ ତା'ପରେ ବି 'ରାମାୟଣ' ଭଳି ବଡ଼ ବଜେଟର ଫିଲ୍ମକୁ ଆଗ୍ରହ ଏବେ ପର୍ଯ୍ୟନ୍ତ ବହୁତ କମ୍ ରହିଛି । 'ରାମାୟଣ'ର ପ୍ରଥମ ପାର୍ଟ ଚଳିତ ବର୍ଷ ଦ୍ୱିୱାଲୀ ଅବସରରେ ରିଲିଜ ହେବାକୁ ଅଛି । ସେହିଭଳି ଦ୍ୱିତୀୟ ପାର୍ଟ ୨୦୨୭ର ଦ୍ୱିୱାଲୀରେ ଆସିବ । ବିଶେଷ କଥା ଏହାକି ଯଶ 'ଟକ୍ସିକ'ରେ ତ ଅଛନ୍ତି ଏହାସହ 'ରାମାୟଣ'ରେ ବି ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି । ରଣବୀର କପୁର ଭଗବାନ ରାମଙ୍କ ଚରିତ୍ର ନିଭାଇଛନ୍ତି ଏବଂ ଯଶ ରାବଣର ଭୂମିକାରେ ନଜର ଆସିବେ । ପ୍ରକାଶ ଯେ,'ଟକ୍ସିକ'ରେ ଯେଉଁ ୫ହିରୋଇନ ନଜର ଆସିବାରେ ଅଛନ୍ତି ସେମାନେ ହେଲେ, କିୟାରା ଆଡ଼ଭାଣୀ, ନୟନତାରା, ରକ୍ମିଣୀ ବସନ୍ତ, ତାରା ସୁତାରିୟା, ହୁମା କ୍ୟୁରେଶ । ଦେଖିବାକୁ ବାକି ରହିଲା କି ବକ୍ସ ଅଫିସରେ ଏହି ଫିଲ୍ମ କିଭଳି କମାଲ୍ ଦେଖାଉଛି ।



## ଏ ସପ୍ତାହର ଭାଗ୍ୟବିଚାର

**ମେଷ :** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ । ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ । ରବିବାର ପାରିବାରିକ ସୁଖ ମିଳିବ ।

**ବୃଷ :** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ । ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ । ରବିବାର: ଲାଭବାନ ହେବେ ।

**ମିଥୁନ :** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ । ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ । ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି । ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ ।

**କର୍କଟ :** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ । ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ । ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ । ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ ।

**ସିଂହ :** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ । ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ । ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ । ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ ।

**କନ୍ୟା :** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ । ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ । ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ ।

**ତୁଳା :** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ । ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ । ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ । ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ ।

**ବିଛା :** ସୋମବାର: ବ୍ୟବସାୟରେ ସବୁ ଭଲ ହେବ । ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ । ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ । ରବିବାର: ବ୍ୟବସାୟରେ ଲାଭବାନ ହେବେ ।

**ଧନୁ :** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ । ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ । ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ । ରବିବାର: ଅଯଥାରେ ସମୟ ଅତିବାହିତ ହେବ ।

**ମକର :** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ । ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ । ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ ।

**କୁମ୍ଭ :** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ । ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ । ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ ।

**ମୀନ :** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ । ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ । ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ । ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ ।

## ଇବୋଲା ଭାଇରସ; କେନ୍ଦ୍ର ଜାରି କଲା ନୂଆ ମାର୍ଗଦର୍ଶିକା

ଏବେ ଡରାଇଲାଣି ଇବୋଲା ଭାଇରସ । ଏଥି ପାଇଁ ପ୍ରସ୍ତୁତି ମୂଲ୍ୟାଙ୍କନ କରିବା ପାଇଁ କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସହିତ ଏକ ସମୀକ୍ଷା ବୈଠକ କରିଥିଲେ । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ, ଭାରତରେ ଏପର୍ଯ୍ୟନ୍ତ କୌଣସି ସଂକ୍ରମଣ ମାମଲା ରିପୋର୍ଟ ହୋଇନାହିଁ, କିନ୍ତୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସତର୍କତା ପରେ ନଜର ଏବଂ ପ୍ରତିରୋଧ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପୁଣ୍ୟ ସଲିଳା ଶ୍ରୀବାସ୍ତବ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସ୍ୱାସ୍ଥ୍ୟ ସଚିବଙ୍କ ସହିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଥିଲେ । ବୈଠକରେ ଇବୋଲା ଭାଇରସ୍ ରୋଗ ପାଇଁ ପ୍ରସ୍ତୁତି ଏବଂ ପ୍ରତିକ୍ରିୟା ତନ୍ତ୍ରର ମୂଲ୍ୟାଙ୍କନ କରାଯାଇଥିଲା । ସୂତ୍ର ଅନୁଯାୟୀ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ଏପର୍ଯ୍ୟନ୍ତ ଭାରତରେ ଇବୋଲା ଭାଇରସ୍ ରୋଗର କୌଣସି ମାମଲା ରିପୋର୍ଟ ହୋଇନାହିଁ । ଏହାକୁ ଦୃଷ୍ଟିରେ ରଖି, ଭାରତ ସରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛି । ସମସ୍ତ ପ୍ରବେଶ ସ୍ଥାନ, ବିମାନବନ୍ଦର ଏବଂ ବନ୍ଦରଗୁଡ଼ିକୁ ଏହି ନିର୍ଦ୍ଦେଶଗୁଡ଼ିକୁ କଡ଼ାକଡ଼ି ପାଳନ କରି ବିଦେଶରୁ ଆସୁଥିବା ଲୋକଙ୍କ ସ୍କ୍ରିନିଂ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଭାରତ ସରକାର ଏହି ଦେଶଗୁଡ଼ିକରୁ ଭାରତରେ ଆସୁଥିବା କିମ୍ବା ଏହି ଦେଶ ଦେଇ ପରିବହନ କରୁଥିବା ଯାତ୍ରୀମାନଙ୍କର ସ୍କ୍ରିନିଂ ପାଇଁ ଏକ ପରାମର୍ଶ ଜାରି କରିଛନ୍ତି । ବିଶେଷ କରି କଙ୍ଗୋ, ଉଗାଣ୍ଡା ଏବଂ ଦକ୍ଷିଣ ସୁଡାନରୁ ଆସୁଥିବା ଲୋକମାନେ ନିଜ ସହିତ ଭାଇରସ ଆଣିପାରନ୍ତି । ଇତିମଧ୍ୟରେ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଇବୋଲାକୁ ଆନ୍ତର୍ଜାତୀୟ ଚିନ୍ତାର ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛି । ଏହା ପରେ, କେନ୍ଦ୍ର ସରକାର ସତର୍କତା ସ୍ୱରୂପ ପ୍ରସ୍ତୁତି ଏବଂ ନଜରକୁ ଆହୁରି ସୁଦୃଢ଼ କରିଛନ୍ତି । ବୈଠକ ସମୟରେ, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସମସ୍ତ ସ୍ତରରେ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଆଗମନ ପୂର୍ବରୁ ଏବଂ ଆଗମନ ପରେ ସ୍କ୍ରିନିଂ, କ୍ୱାରେଣ୍ଟାଇନ୍ ପ୍ରୋଟୋକଲ୍, ରୋଗୀ ପରିଚାଳନା, ରେଫରାଲ୍ ବ୍ୟବସ୍ଥା ଏବଂ ଲ୍ୟାବ ପରୀକ୍ଷା ସହିତ ଜଡିତ ବିସ୍ତୃତ ମାନକ କାର୍ଯ୍ୟ ପ୍ରଣାଳୀ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପଠାଯାଇଛି ।

### ମା'ରାଣ ଦେହକୁ ନେବେନି...

ଫେରାର ମୌସୁମୀ ଫେରି ଆସିବକି
ବରଷିବ ଘନଘନ... ?
ସ୍ନାନମଣ୍ଡପରେ ଭିଜିବାକୁ ପ୍ରଭୁ
କରିସିନ୍ତି ପରା ମନ...
ଦେଖିବେ ଭକତ ଜନ...
ଦୁଃଖ ଶୁଣିବାକୁ ବାହାରି ଆସିବେ
କୁଲାପରି ତାଙ୍କ କାନ...



- ସମ୍ବିତ ସେନାପତି

## ବୋଉର ରୋଷେଇ ଘର

# ଦହି ଆମ୍ବୁଲ ଖଟା

**ଆବଶ୍ୟକୀୟ ସାମଗ୍ରୀ:**

୭-୮ ଖଣ୍ଡ ଆମ୍ବୁଲ (ଶୁଖିଲା ଆମ୍ବ)
୨ ଚାମଚ ସୋରିଷ ପେଷ୍ଟ
୨ ଲାଲ ଲଙ୍କା
୧ ଚାମଚ ପଞ୍ଚ ଫୁରାଣ
୧୦-୧୧ କରୀ ପତ୍ର
୨ ଚାମଚ ଦେଶୀ ଘିଅ କିମ୍ବା ତେଲ
୨ ଚାମଚ ସୋରିଷ ପେଷ୍ଟ
୧/୨ ଚାମଚ ଗ୍ରାଇଣ୍ଡିଂ ଅଦା
୧/୨ ଚାମଚ ଗ୍ରାଇଣ୍ଡିଂ ଆମ୍ବ ଅଦା
୨ ଚାମଚ ଗ୍ରାଇଣ୍ଡିଂ ନଡ଼ିଆ
୧-୨ ଚାମଚ ଜୀରା ପାଉଡର (ଭଜା)
୧-୨ ଲାଲ ଲଙ୍କା ପାଉଡର (ଭଜା)
୫୦ ଗ୍ରାମ ଗୁଡ଼ (ଗୁଡ଼ା)
୨ ଚାମଚ ଚିନି
୧ କପ୍ ଦହି
୧/୨ ଚାମଚ କଳା ଲୁଣ
ସ୍ୱାଦ ଅନୁସାରେ ଲୁଣ



**ପ୍ରସ୍ତୁତି ପ୍ରଣାଳୀ:**

ଆମ୍ବୁଲାକୁ ପାଣିରେ ୧ ଘଣ୍ଟା ପାଇଁ ବୁଡ଼ାଇ ରଖନ୍ତୁ । ତା'ପରେ କଡ଼ାଇ ନିଅନ୍ତୁ ଏବଂ ସେଥିରେ ଘିଅ ଗରମ କରନ୍ତୁ । ତା'ପରେ ଲାଲ ଲଙ୍କା ଏବଂ ପଞ୍ଚ ଫୁରାଣ ପକାନ୍ତୁ । ଯେତେବେଳେ ଏହା ଛିଞ୍ଚିବାକୁ ଆରମ୍ଭ କରେ ସେତେବେଳେ ଗ୍ରାଇଣ୍ଡିଂ ଅଦା ପକାନ୍ତୁ । ତା'ପରେ ଏଥିରେ ଭିଜା ଶୁଖିଲା ଆମ୍ବ ପକାନ୍ତୁ । ୨-୩ ମିନିଟ୍ ପରେ ଏଥିରେ ସୋରିଷ ପେଷ୍ଟ ମିଶାନ୍ତୁ । ତା'ପରେ ୧-୨ ମିନିଟ୍ ପରେ ଏଥିରେ ଗୁଡ଼ ଏବଂ ଚିନି ମିଶାନ୍ତୁ । ତା'ପରେ କିଛି ଲୁଣ ମିଶାନ୍ତୁ । ଏବଂ ମଧ୍ୟମ ଆଞ୍ଚ ରଖନ୍ତୁ । ତା'ପରେ ଏହାକୁ ୧୦ ମିନିଟ୍ ପାଇଁ ଛାଡିଦିଅନ୍ତୁ । ତା'ପରେ ଏଥିରେ ଗ୍ରାଇଣ୍ଡିଂ ହୋଇଥିବା ନଡ଼ିଆ, ଲାଲ ଲଙ୍କା ଏବଂ ଜିରା ପାଉଡର ପକାଇ ୨-୩ ମିନିଟ୍ ପାଇଁ ଛାଡିଦିଅନ୍ତୁ । ତା'ମଧ୍ୟରେ କଳା ଲୁଣ ଦହିରେ ମିଶାନ୍ତୁ । ଏବଂ ଏହାକୁ ଭଲ ଭାବରେ ମିଶାନ୍ତୁ । ତା'ପରେ ସେହି ଶୁଖିଲା ଆମ୍ବ ମିଶ୍ରଣ ସହିତ ମିଶାନ୍ତୁ । ଏବଂ ନିଆଁ ବନ୍ଦ କରିଦିଅନ୍ତୁ । ଏବଂ ସବୁକିଛି ଭଲ ଭାବରେ ମିଶାନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ଦହି ଆମ୍ବୁଲ ଖଟା ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।




# ଖୋଜି ଖୋଜି ପାଇବେନି ଚୀନ-ପାକିସ୍ତାନ : ସମୁଦ୍ର ମଝିରେ ଗାଏବ ହେବ ଭାରତ ଯୁଦ୍ଧଜାହାଜ



## ଜାପାନ ସହ ହୋଇଗଲା 'ନିଞ୍ଜା' ଡିଲ୍

**ନୂଆଦିଲ୍ଲୀ(ଏଜେନ୍ସି) :** ଭାରତ ଏବଂ ଜାପାନ ପ୍ରଥମ ଥର ପାଇଁ ମିଳିତ ଭାବରେ ଏକ ପ୍ରମୁଖ ପ୍ରତିରକ୍ଷା ଉପକରଣ ବିକଶିତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଉଭୟ ଦେଶ ଏବେ ନୌସେନା ପାଇଁ ୟୁନିକର୍ଣ୍ଣ (ୟୁନିଫାଏଡ୍ କମ୍ପ୍ଲେକ୍ସ ରେଡିଓ ଆଣ୍ଟେନା /ଏନଓଆରଏ-୫୦ ଇଣ୍ଟିଗ୍ରେସନ୍ ମାଷ୍ଟ) ନାମକ ଏକ ଆଧୁନିକ ରେଡିଓ ଆଣ୍ଟେନା ସିଷ୍ଟମ ବିକଶିତ କରିବେ । ନୂଆଦିଲ୍ଲୀରେ ଜାପାନ ପ୍ରଧାନମନ୍ତ୍ରୀ ସାନେ ତାକାଇଚିଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସହଭାଗୀତାରେ ଏକ ନୂତନ ଅଧ୍ୟାୟ ବୋଲି କହିଛନ୍ତି ।

ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସରେ ୧୬ତମ ଭାରତ-ଜାପାନ ବାର୍ଷିକ ସମ୍ମିଳନୀରେ ଦୁଇ ଦେଶ ମଧ୍ୟରେ ୨୧ ଚୁକ୍ତି ହୋଇଛି । ଦୁଇଦେଶ ମଧ୍ୟରେ ବାଣିଜ୍ୟ ଏବଂ ରଣନୀତିକ ଭାଗୀଦାରିକୁ ନୂଆ ଗତି ଦେବାକୁ ଯାଇ ସହଯୋଗ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି । ପ୍ରତିରକ୍ଷା କ୍ଷେତ୍ରରେ ନୂଆ ଚୁକ୍ତି ସ୍ୱାକ୍ଷର ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ଏହି ପ୍ରକଳ୍ପ ଭାରତ-ଜାପାନ ପ୍ରତିରକ୍ଷା ସମ୍ପର୍କକୁ ଏକ ନୂତନ ଗତି ଦେବ । ଦୁଇ ଦେଶ ମିଳିତ ଭାବରେ ଉନ୍ନତ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ବିକଶିତ କରିବେ ଯାହା ସାମୁଦ୍ରିକ ସୁରକ୍ଷାକୁ ସୁଦୃଢ଼ କରିବ, ଅଞ୍ଚଳରେ ଶାନ୍ତି ବଜାୟ ରଖିବ ଏବଂ ଏକ ନିୟମ-ଭିତ୍ତିକ କ୍ରମକୁ ପ୍ରୋତ୍ସାହିତ କରିବ । ୟୁନିକର୍ଣ୍ଣ ସିଷ୍ଟମ୍ କ'ଣ ? ୟୁନିକର୍ଣ୍ଣ ହେଉଛି ଏକ ଆଧୁନିକ ନୌସେନା ରେଡିଓ ଆଣ୍ଟେନା ପ୍ରଣାଳୀ । ବର୍ତ୍ତମାନ ଅଧିକାଂଶ ଯୁଦ୍ଧଜାହାଜରେ ପୃଥକ ଭାବରେ ଅନେକ ଆଣ୍ଟେନା ଲଗାଯାଇଥାଏ, ୟୁନିକର୍ଣ୍ଣ ସିଷ୍ଟମରେ ଏହି ସମସ୍ତ ଆଣ୍ଟେନା ଗୋଟିଏ ସ୍ୱତନ୍ତ୍ର ରାଡାର ଡୋମ୍ (ରାଡୋମ) ମଧ୍ୟରେ ରହିଥାଏ । ଏହା ଯୁଦ୍ଧଜାହାଜର ରାଡାର ସ୍ୱାକ୍ଷରକୁ ଯଥେଷ୍ଟ ହ୍ରାସ କରିଥାଏ ଏବଂ ଶତ୍ରୁ ରାଡାରରେ ଏହାକୁ ଚିହ୍ନଟ କରିବା କଷ୍ଟକର କରିଥାଏ ।

**ସିଷ୍ଟମରେ କ'ଣ ରହିବ ? :** ୟୁନିକର୍ଣ୍ଣ ସିଷ୍ଟମ ଅନେକ ଉନ୍ନତ ପ୍ରଯୁକ୍ତିବିଦ୍ୟାକୁ ସମନ୍ୱିତ କରିବ, ଯେଉଁଥିରେ କୌଶଳଗତ ଡାଟା ଲିଙ୍କ୍, କୌଶଳଗତ ଏୟାର ନାଭିଗେସନ୍ ସିଷ୍ଟମ (ଟିଏସିଏଏନ), ଯୋଗାଯୋଗ ପ୍ରଣାଳୀ, ବନ୍ଧୁ କିମ୍ବା ଶତ୍ରୁ ଚିହ୍ନଟ (ଆଇଏଫଏଫ), ଏବଂ ଇଲେକ୍ଟ୍ରୋନିକ୍ ସମର୍ଥନ ମାପ (ଇଏସଏମ) ଅନ୍ତର୍ଭୁକ୍ତ । ଏହି ସମସ୍ତ ଉପକରଣ ଗୋଟିଏ ଏକକ, ନିମ୍ନ-ରାଡାର ସିଗ୍ନେଚର ରାଡୋମରେ ରଖାଯିବ, ଯାହା ଯୁଦ୍ଧଜାହାଜକୁ ପୂର୍ବ ଅପେକ୍ଷା ଅଧିକ ସୁରକ୍ଷିତ କରିବ ।

**ଜାପାନ ଏହି ପ୍ରଯୁକ୍ତିବିଦ୍ୟା ବିକଶିତ କରିଛି :** ୟୁନିକର୍ଣ୍ଣ ସିଷ୍ଟମକୁ ତିନୋଟି ପ୍ରମୁଖ ଜାପାନୀ କମ୍ପାନୀ ମିଳିତ ଭାବରେ ବିକଶିତ କରିଛନ୍ତି । ଏନଇସି କର୍ପୋରେସନ ହେଉଛି ମୁଖ୍ୟ କମ୍ପାନୀ, ଯେତେବେଳେ ସାମ୍ପା କୋଗ୍ୟୋ କେ.କେ. ଏବଂ ଦି ୟୋକୋହାମା ରବର କୋ., ଲିମିଟେଡ୍ ମଧ୍ୟ ଏହି ପ୍ରକଳ୍ପର ଅଂଶ । ବର୍ତ୍ତମାନ, ଏହି ସିଷ୍ଟମକୁ ଜାପାନୀ ନୌସେନାର ମୋଗାମି-କ୍ଲାସର ଷ୍ଟେଲଥ୍ ଫ୍ରିଗେଟସରେ ସ୍ଥାପନ କରାଯାଉଛି । ଜାପାନ ପୂର୍ବରୁ ୧୨ଟି ଏପରି ଯୁଦ୍ଧଜାହାଜ ନିର୍ମାଣ କରିସାରିଛି, ଏବଂ ଆହୁରି ୧୨ଟି ନିର୍ମାଣାଧୀନ ଅଛି ।

**ଏହା ଭାରତରେ ମଧ୍ୟ ନିର୍ମିତ ହେବ :** ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ (ବିଇଏଲ) ଭାରତରେ ଏହି ସିଷ୍ଟମକୁ ସହ-ଉତ୍ପାଦନ କରିବ । ଜାପାନ ଡିଜାଇନ୍ ଏବଂ ବୈଷୟିକ ବିଶେଷଜ୍ଞତା ପ୍ରଦାନ କରିବ, ଯେତେବେଳେ ଭାରତ ଏହି ସିଷ୍ଟମକୁ ନିର୍ମାଣ କରିବ । ଏହା ମେକ୍ ଇନ୍ ଇଣ୍ଡିଆ ଅଭିଯାନକୁ ମଜବୁତ କରିବ । ନଭେମ୍ବର ୨୦୨୪ରେ ଟୋକିଓସ୍ଥିତ ଭାରତୀୟ ଦୂତାବାସରେ ଏହି ପ୍ରକଳ୍ପ ପାଇଁ ଏକ କାର୍ଯ୍ୟାନ୍ୱୟନ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଏହି ଚୁକ୍ତିନାମା ଅନୁଯାୟୀ, ଦୁଇ ଦେଶ ଭାରତୀୟ ନୌସେନା ଯୁଦ୍ଧଜାହାଜରେ ୟୁନିକର୍ଣ୍ଣ ସିଷ୍ଟମ ନିୟୋଜିତ କରିବା ପାଇଁ ମିଳିତ ବିକାଶ ଉପରେ ସହମତ ହୋଇଥିଲେ । ଜାପାନୀ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାରେ ଭାରତ ଦ୍ୱିତୀୟ ଏସୀୟ ଦେଶ ହୋଇଛି । ଜାପାନ ନଭେମ୍ବର ୨୦୨୩ରେ ଫିଲିପାଇନ୍ସକୁ ବାୟୁ ନିରୀକ୍ଷଣ ରାଡାର ଯୋଗାଇଥିଲା ।

**ଏହି ବ୍ୟବସ୍ଥା ଚୀନ୍ ପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ ?** ପ୍ରତିରକ୍ଷା ବିଶେଷଜ୍ଞଙ୍କ ମତରେ, ୟୁନିକର୍ଣ୍ଣ ସିଷ୍ଟମର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତି ହେଉଛି ଏହାର ଗୁପ୍ତ କ୍ଷମତା । ପୂର୍ବ ଏବଂ ଦକ୍ଷିଣ ଚୀନ୍ ସାଗର ଭଳି କ୍ଷେତ୍ରରେ, ଚୀନ୍ ନୌସେନା ଅନ୍ୟ ଦେଶର ଯୁଦ୍ଧଜାହାଜଗୁଡ଼ିକୁ ସେମାନଙ୍କର ରାଡାର ସ୍ୱାକ୍ଷର ଦ୍ୱାରା ଚିହ୍ନଟ କରିଥାଏ । ୟୁନିକର୍ଣ୍ଣ ସିଷ୍ଟମ ଯୁଦ୍ଧଜାହାଜର ରାଡାର ସ୍ୱାକ୍ଷରକୁ ଆହୁରି ହ୍ରାସ କରିଥାଏ, ଯାହା ଫଳରେ ଶତ୍ରୁ ଜାହାଜଗୁଡ଼ିକ ପାଇଁ ଜାହାଜକୁ ଚିହ୍ନଟ ଏବଂ ଟ୍ରାକ୍ କରିବା ବହୁତ କଷ୍ଟକର ହୋଇଯାଏ ।

**ଭାରତ-ପ୍ରଶାନ୍ତ ମହାସାଗରରେ ଶାନ୍ତିକୁ ୨ ଦେଶର ଗୁରୁତ୍ୱ :** ଭାରତ ଗସ୍ତରେ ଥିବା ଜାପାନ ପ୍ରଧାନମନ୍ତ୍ରୀ ସାନାଏ ତାକାଇଚି କହିଛନ୍ତି ଯେ, ଭାରତ ଏବଂ ଜାପାନ ବିଶ୍ୱର ସର୍ବବୃହତ ଅର୍ଥନୀତି ମଧ୍ୟରୁ ଅନ୍ୟତମ । ଉଭୟ ଦେଶ ଏକ ମୁକ୍ତ, ସୁରକ୍ଷିତ ଏବଂ ସମୃଦ୍ଧ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

# ମୋଦୀ ଓ ଶାହବାଜଙ୍କୁ ବିଶିଷ୍ଟ ବ୍ୟକ୍ତିଙ୍କ ଚିଠି



**ନୂଆଦିଲ୍ଲୀ (ଏଜେନ୍ସି) :** ଭାରତ ଓ ପାକିସ୍ତାନ ମଧ୍ୟରେ ରହିଥିବା ମନୋଭାବକୁ ପରିବର୍ତ୍ତନ କରି ସମଗ୍ର ବିଶ୍ୱରେ ଶାନ୍ତି ସ୍ଥାପନା କରିବା ନିମନ୍ତେ ବିଶ୍ୱରେ ବିଭିନ୍ନ ରାଷ୍ଟ୍ର ପକ୍ଷରୁ ଉଦ୍ୟମ କରାଯାଉଛି । ଏପରିକି ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ପର୍କରେ ସୁଧାର ଆଣିବା ଏବଂ ଦକ୍ଷିଣ ଏସିଆରେ ଶାନ୍ତି ଓ ସ୍ଥିରତା ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ଉଭୟ ଦେଶର ୧୧୭ ଜଣ ବିଶିଷ୍ଟ ବ୍ୟକ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କୁ ଏକ ମିଳିତ ଚିଠି ଲେଖିଛନ୍ତି । ଚିଠିରେ ଉଭୟ ଦେଶର ନେତୃତ୍ୱଙ୍କୁ ସଂଘର୍ଷ ପରିବର୍ତ୍ତେ ଆଲୋଚନା ଓ କୂଟନୈତିକ ସମାଧାନର ପଥ ବାଛିବାକୁ ଆହ୍ୱାନ କରାଯାଇଛି । ଦକ୍ଷିଣ ଏସିଆରେ ଶାନ୍ତି, ସହଯୋଗ ଏବଂ ବିକାଶର ପରିବେଶ ସୃଷ୍ଟି ପାଇଁ ଉଭୟ ଦେଶ ମଧ୍ୟରେ ନିରନ୍ତର ସଂଳାପ ଆବଶ୍ୟକ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି । ଏହି ଚିଠିରେ ପୂର୍ବତନ ସରକାରୀ ଅଧିକାରୀ, ସାମାଜିକ କର୍ମୀ, ରାଜନୈତିକ ନେତା ଓ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିତ୍ୱମାନେ ସ୍ୱାକ୍ଷର କରିଛନ୍ତି । ଭାରତ ପକ୍ଷରୁ ଜମ୍ମୁ-କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲା, ମେହବୁବା ମୁଫତି ଓ ଆରଜେଡି ସାଂସଦ ମନୋଜ ଝାଙ୍କ ସମେତ ୬୧ ଜଣ ଏହି ପଦକ୍ଷେପରେ ସାମିଲ ହୋଇଥିବାବେଳେ, ପାକିସ୍ତାନ ପକ୍ଷରୁ ପୂର୍ବତନ ବୈଦେଶିକ ମନ୍ତ୍ରୀ ଖୁର୍ସିଦ ମହମୁଦ କସୁରୀଙ୍କ ସମେତ ୫୬ ଜଣ ବିଶିଷ୍ଟ ବ୍ୟକ୍ତି ଚିଠିରେ ସ୍ୱାକ୍ଷର କରିଛନ୍ତି । ସ୍ୱାକ୍ଷରକାରୀମାନଙ୍କ ମତରେ, ଉଭୟ ପଡ଼ୋଶୀ ଦେଶ ମଧ୍ୟରେ ଉତ୍ତେଜନା କମିଲେ କେବଳ ଦ୍ୱିପାକ୍ଷିକ ସମ୍ପର୍କରେ ସୁଧାର ଆସିବ ନାହିଁ, ବରଂ ସମଗ୍ର ଦକ୍ଷିଣ ଏସିଆ ଅଞ୍ଚଳରେ ଶାନ୍ତି, ଆର୍ଥିକ ସହଯୋଗ ଓ ବିକାଶର ନୂଆ ସୁଯୋଗ ସୃଷ୍ଟି ହେବ ବୋଲି ଉକ୍ତ ଚିଠିରେ ଦର୍ଶାଯାଇଛି ।

# ଶକ୍ତି ସଂକଟରେ ମସ୍କୋ : ୬୦ ହଜାର ଟନ୍ ଗ୍ୟାସୋଲିନ୍ ପଠାଇଲା ଭାରତ

**ନୂଆଦିଲ୍ଲୀ (ଏଜେନ୍ସି) :** ସମଗ୍ର ଏସିଆକୁ ଅଶୋଧିତ ତୈଳ ଯୋଗାଉଥିବା ରୁଷ ବର୍ତ୍ତମାନ ସାଂଘାତିକ ଶକ୍ତି ସଙ୍କଟର ସମ୍ମୁଖୀନ ହେଉଛି । ଏଭଳି ସ୍ଥିତିରେ ଭାରତର ବି ସହାୟତା ନେବାକୁ ଏହା ବାଧ୍ୟ ହୋଇଛି । ଚାହିଁବା ପୂରଣ ଲାଗି ରୁଷ ଭାରତ ଠାରୁ ଗ୍ୟାସୋଲିନ (ପେଟ୍ରୋଲ) ଆମଦାନି ଆରମ୍ଭ କରିଦେଇଛି । ନିକଟରେ ୟୁକ୍ରେନ ସେନା ରୁଷର ପ୍ରମୁଖ ଶକ୍ତି ଭିତ୍ତିଭୂମି ଉପରେ ପ୍ରଚଣ୍ଡ ଏୟାର ଷ୍ଟ୍ରାଇକ୍ କରିଥିଲା । ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା ଯ । ଏହାଯୋଗୁ ଦେଶରେ ଅଚାନକ ପେଟ୍ରୋଲ ଅଭାବ ଦେଖାଦେଇଛି । ଦୈନନ୍ଦିନ ଚାହିଦା ପୂରଣ କରିବା କଠିକର ପାଠ ପାଲଟିଛି । ରୁଷର ୧୧ଟି ଟାଇମ୍ ଜୋନରେ ଶକ୍ତି ସଙ୍କଟ ବୃଦ୍ଧି ପାଇଛି । ଦେଶବ୍ୟାପୀ ପେଟ୍ରୋଲ ପମ୍ପଗୁଡ଼ିକରେ ଲୋକଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଛି । ଏହାଛଡ଼ା ପେଟ୍ରୋଲ ଦରରେ ରେକର୍ଡ ବୃଦ୍ଧି ଘଟିଛି । ବିଶେଷକରି ପେଟ୍ରୋଲ ଚାହିଦା ପୂରଣ ଲାଗି ରୁଷ ବର୍ତ୍ତମାନ ବିଭିନ୍ନ ଦେଶ ସହିତ ଆଲୋଚନା ଜାରି ରଖିଛି । ଏକ ସୁଲଭ ତଥା ଗ୍ରହଣୀୟ ଦରରେ ତେଲ ଆମଦାନି ପାଇଁ ବିଭିନ୍ନ ରାଷ୍ଟ୍ର ସହିତ କ୍ରେମଲିନ୍ ଆଲୋଚନା କରୁଥିବା କହିଛି । ରିପୋର୍ଟ ମୁତାବକ, ରୁଷ ସମୁଦ୍ର ମାର୍ଗ ଦେଇ ଭାରତ ଠାରୁ ଗ୍ୟାସୋଲିନ ଆମଦାନି ଆରମ୍ଭ କରିଦେଇଛି । ତତ୍କାଳ ଇନ୍ଧନ ସଙ୍କଟ ଦୂର ନିମନ୍ତେ ଭାରତର ସହାୟତା ଜରୁରି ହୋଇପଡ଼ିଛି । ଭାରତ ଇତି ମଧ୍ୟରେ ଅନ୍ୟୁନ ୬୦ ହଜାର ମେଟ୍ରିକ ଟନ ଗ୍ୟାସୋଲିନ ରୁଷକୁ ଯୋଗାଇ ସାରିଲାଣି । ୩୦ରୁ ୪୦ ହଜାର ଟନ ଲେଖାଏଁ ଦୁଇଟି ଟ୍ୟାଙ୍କର ଭାରତରୁ ରୁଷ ଅଭିମୁଖେ ଯାତ୍ରା କରିଛି । ରୁଷ୍ ପ୍ରତିମାସ ପୃଥକ ପୃଥକ ଦେଶ ଠାରୁ ୪ଲକ୍ଷ ଟନ ଗ୍ୟାସୋଲିନ ଆମଦାନି ଲାଗି ଯୋଜନା ପ୍ରସ୍ତୁତ କରୁଛି । ଏଥିରେ ପଡ଼ୋଶୀ ବେଲାରୁଷ ବି ଅନ୍ତର୍ଭୁକ୍ତ । ଏହା ପ୍ରଥମରୁ ହିଁ ରୁଷକୁ ଇନ୍ଧନ ରପ୍ତାନି ଆରମ୍ଭ କରିଦେଇଛି । ରୁଷରେ ଗରମ ଦିନରେ ଅଧିକ ତୈଳ ଚାହିଦା ରହିଥାଏ । ଏହି ସମୟରେ ସର୍ବାଧିକ ଦୈନିକ ଚାହିଦା ୧.୧୦ଲକ୍ଷ ଟନ ପର୍ଯ୍ୟନ୍ତ ଯାଇଥାଏ । ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ନିଜ ମନ୍ତ୍ରୀ ଏବଂ ଅନ୍ୟ ଅଧିକାରୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି । ଦେଶର ତୈଳ ବିଶୋଧନା ଗାରଗୁଡ଼ିକ ଉପରେ ୟୁକ୍ରେନ ଡ୍ରୋନ ଆକ୍ରମଣ କରିବା ଯୋଗୁ କିଛି ଅଞ୍ଚଳରେ ଇନ୍ଧନ ଅଭାବ ରହିଥିବା ସେ ସ୍ୱୀକାର କରିଥିଲେ । ରିପୋର୍ଟ ଅନୁସାରେ, ପଡ଼ୋଶୀ ବେଲାରୁଷ ରେଳ ମାର୍ଗ ଦ୍ୱାରା ଗ୍ୟାସେଲିନ ରପ୍ତାନି କରୁଛି । ମେ ପ୍ରଥମାର୍ଦ୍ଧ ତୁଳନାରେ ଜୁନରେ ଏହାର ତୈଳ ଯୋଗାଣ ୩ ଗୁଣା ବୃଦ୍ଧି ପାଇ ୭୦ ହଜାର ଟନରୁ ଅଧିକ ପହଞ୍ଚିଛି । ଋଷର ସଂସଦ ଗତ ସପ୍ତାହରେ ନିଜ ଟିକସ ସଂହିତାରେ ସଂଶୋଧନକୁ ଅନୁମୋଦନ ଦେଇଥିଲା । ୟୁକ୍ରେନର ଡ୍ରୋନ ଆକ୍ରମଣ କାରଣରୁ ଇନ୍ଧନ ସଙ୍କଟର ମୁକାବିଲା କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା । ଏହାଛଡ଼ା ଭାରତଠାରୁ କିଣାଯାଉଥିବା ତୈଳ ଉପରେ ସବସିଡି ପ୍ରଦାନ କରିବା ନେଇ ମଧ୍ୟ ଏଥିରେ ପ୍ରସ୍ତାବ ରହିଥିଲା । ଏଏଆଇଜି ଏବଂ କେପଲରର ଜାହାଜ ଟ୍ରାକିଙ୍ଗ୍ ତଥ୍ୟରୁ ଜଣାପଡ଼ିଛି ଯେ ଚଳିତବର୍ଷ ଜୁନରେ ରୁଷ ଠାରୁ ଭାରତର ଅଶୋଧିତ ତୈଳ ଆମଦାନି ରେକର୍ଡ ସ୍ତରରେ ପହଞ୍ଚିଛି । କାରଣ ଇରାନ ଯୁଦ୍ଧ ଯୋଗୁ ହର୍ମୁଜ ପ୍ରଣାଳୀ ବନ୍ଦ ରହିବା କାରଣରୁ ଭାରତୀୟ କମ୍ପାନିମାନେ ଚାପ କମାଇବା ପାଇଁ ରୁଷ ଠାରୁ ଭାରୀ ମାତ୍ରାରେ ତେଲ କିଣିଥିଲେ । ଜୁନରେ ଭାରତର ମୋଟ ଆମଦାନିରେ ରୁଷ୍ ତୈଳର ଭାଗ ଅଧାରୁ ଅଧିକ ଥିଲା, ଯାହା ମେ ମାସରେ ୩୬.୫% ରହିଥିଲା ।

# ଆଇନ ଅଦାଲତ

## ସୁଲେଇପାଟ ଲୁହା ପଥର ଖଣି ଲିଜ ଅବଧି ବୃଦ୍ଧି ପ୍ରସଙ୍ଗ, ଆବେଦନ ଖାରଜ କଲେ ହାଇକୋର୍ଟ

### ଖଣିର ଲିଜ ଅବଧି ୫୦ ବର୍ଷକୁ ବୃଦ୍ଧି ପାଇଥିଲା

**କଟକ (ଏନ୍.ଏମ୍.) :** ମୟୂରଭଞ୍ଜ ଜିଲ୍ଲା ସୁଲେଇପାଟ ଲୁହାପଥର ଖଣିର ଲିଜ ଅବଧି ବୃଦ୍ଧି ପାଇଁ ଦାୟର ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ବି.ସି.ଡଗରାଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ୬୧୮ ହେକ୍ଟରର ସୁଲେଇପାଟ ଖଣି ଲିଜ ପ୍ରଥମେ ବଜ୍ରଙ୍ଗଲାଲ ପଡିଆଙ୍କୁ ମିଳିଥିଲା । ୧୯୭୫, ଅକ୍ଟୋବର ୨୫ରୁ ଏହି ଖଣି ଲିଜ ପ୍ରଦାନ କରାଯାଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାପାଳ ଓ ମୂଳ ଲିଜଧାରୀଙ୍କ ମଧ୍ୟରେ ଏ ନେଇ ୧୯୭୬, ମେ ୨୪ରେ ଲିଜଚୁକ୍ତି ପଞ୍ଜୀକରଣ ହୋଇଥିଲା । ଆଇନ ଅନୁସାରେ ସରକାରୀ ଅନୁମତି ନେଇ ଏହି ଖଣିର ଲିଜ ଆବେଦନକାରୀଙ୍କୁ ମୂଳ ଲିଜଧାରୀ ଟ୍ରାନ୍ସଫର କରିଥିଲେ । ୨୦୧୫ରେ ଏମଏମଡିଆର ଆଇନରେ ସରକାର ସଂଶୋଧନ ଆଣିଥିଲେ ।

୨୦୧୫, ଜାନୁଆରି ୧୨ ପୂର୍ବରୁ ମଞ୍ଜୁର କରାଯାଇଥିବା ସମସ୍ତ ଖଣି ଲିଜର ଅବଧି ୫୦ ବର୍ଷ ବୋଲି ସଂଶୋଧିତ ଆଇନ ଅନୁସାରେ ଘୋଷଣା କରାଯାଇଥିଲା । ଫଳରେ ସୁଲେଇପାଟ ଖଣିର ଲିଜ ଅବଧି ୫୦ ବର୍ଷକୁ ବୃଦ୍ଧି ପାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ସରକାରୀ ନିଷ୍କ୍ରିୟତା ପାଇଁ ବେ ?ଧ ଲିଜ ଅବଧି ଭିତରେ ମଧ୍ୟ ଆବେଦନକାରୀ କିଛି ମାସ ଖଣି ଚଳାଇ/ପରିଚଳାନା କରି ପାରି ନଥିଲେ । ଏଭଳି ସ୍ଥିତି ପାଇଁ ୧୪ ମାସ ଲିଜ ଅବଧି ବୃଦ୍ଧି କରିବା ପାଇଁ ଆବେଦନକାରୀ ନିବେଦନ କରିଥିଲେ । ଏଥି ସହିତ ମୂଳ ଲିଜ ଚୁକ୍ତି ପଞ୍ଜୀକରଣ ଠାରୁ ୫୦ ବର୍ଷର ଅବଧିକୁ ଗଣନା କରାଯାଉ ବୋଲି ଆବେଦନକାରୀ ଦାବି କରିଥିଲେ । ତେଣୁ ଏଥି ପାଇଁ ୬ ମାସ ଲିଜ ଅବଧି ବୃଦ୍ଧି କରାବୋ କଥା । ଏଭଳି ଭାବେ ୨୦୨୭, ଜୁନ ୨୪ ପର୍ଯ୍ୟନ୍ତ ସୁଲେଇପାଟ ଖଣି ଚଳାଇବା ପାଇଁ ଅନୁମତି ଦିଆଯାଉ ବୋଲି ଆବେଦନକାରୀ ଦର୍ଶାଇଥିଲେ । ଅନ୍ୟପକ୍ଷରେ ସରକାରଙ୍କ ତରଫରୁ ଏପରି ଆବେଦନକୁ ବିରୋଧ କରାଯାଇଥିଲା । ହାଇକୋର୍ଟ ସମସ୍ତ ପକ୍ଷଙ୍କୁ ଶୁଣିବା ପରେ ମାମଲାକୁ ଖାରଜ କରିଛନ୍ତି । ସରକାରଙ୍କ ତରଫରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଥିଲେ ।

## ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକାଙ୍କ ମୃତ୍ୟୁ ଘଟଣା : ଭୀମସେନ୍ ଟୁଡୁଙ୍କ ଜାମିନ୍ ଆବେଦନ ଖାରଜ

**କଟକ(ଏନ୍.ଏମ୍.) :** ବହୁଚର୍ଚ୍ଚିତ ମୟୂରଭଞ୍ଜର ମେଡିକାଲ୍ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ୍‌ଙ୍କ ମୃତ୍ୟୁ ଘଟଣା । ଅପରାଧିକ ମାମଲାରେ ବିଚାର ବିଭାଗୀୟ ଜେଲ୍ ହାଜତ ଥିବା ପୁରଷ ବନ୍ଧୁ ଭୀମସେନ ଟୁଡୁଙ୍କ ଜାମିନ୍ ଆବେଦନ ଖାରଜ । ଜାମିନ୍ ଆବେଦନକୁ ଖାରଜ କଲେ କଟକ ସ୍ୱତନ୍ତ୍ର ଏଡିଜେ କୋର୍ଟ । ଅଭିଯୁକ୍ତ ଭୀମସେନ୍ ଟୁଡୁଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ରହିଛି । ଏଭଳି ଘଟଣାର ସାମାଜିକ ପ୍ରଭାବ ଖୁବ୍ ଅଧିକ ରହିଛି । ତେଣୁ ଏହାକୁ ଆଧାର କରି ଜାମିନ ଖାରଜ କରାଯାଇଛି ।

ସୂଚନାଯୋଗ୍ୟ ଯେ, ଜୁନ୍ ୪ତାରିଖରେ କାଠଯୋଡ଼ି ନଦୀରୁ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତଦେହ ମିଳିଥିଲା । ହେଲେ ପ୍ରେମ ବ୍ୟାପାରକୁ ନେଇ ପୁରୁଷବନ୍ଧୁ ଭୀମସେନ ଜଣେ ଯୁବତୀଙ୍କ ସହ ମିଶି ଚନ୍ଦ୍ରିକାଙ୍କୁ ହତ୍ୟା କରିଥିବା ଚନ୍ଦ୍ରିକାଙ୍କ ପରିବାରଲୋକ ଅଭିଯୋଗ କରିଥିଲେ । ପରିବାର ଲୋକେ ଅଭିଯୋଗ କରିଥିଲେ, ଚନ୍ଦ୍ରିକାଙ୍କ ସହ ଦୀର୍ଘ ଦିନର ପ୍ରେମ ସମ୍ପର୍କ ଭିତରେ ଦ୍ୱିତୀୟ ଯୁବତୀ ଆସିବା ପରେ ଓଏଏସ୍ ତାଲିମ ନେଉଥିବା ପୁରୁଷବନ୍ଧୁ ଭୀମସେନ ମାନସିକ ନିର୍ଯାତନା ଦେଇ ଚନ୍ଦ୍ରିକାଙ୍କୁ ଚାପରେ ରଖିବା ଆରମ୍ଭ କରିଥିଲେ । ତେବେ ପୁଲିସ ମାମଲାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଥିଲା । ଅଭିଯୁକ୍ତ ପୁରୁଷ ବନ୍ଧୁ ଭୀମସେନ୍ ଟୁଡୁକୁ ଗିରଫ କରିବା ପରେ ବିଚାର ବିଭାଗୀୟ ହେପାଜତକୁ ପଠାଯାଇଛି ।

## ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାରେ ଅତିରିକ୍ତ ଦୌରା ଜଜ ଅଦାଲତଙ୍କ ରାୟକୁ ରଦ୍ଦ କଲେ ହାଇକୋର୍ଟ



**କଟକ (ଏନ୍.ଏମ୍.) :** ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ନଥାଇ ନାବାଳିକା ଅପହରଣ ଓ ଦୁଷ୍କର୍ମ ଅଭିଯୋଗ ମାମଲାରେ ଜଣେ ଯୁବକଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିବା ଦର୍ଶାଇ ଦାୟର ଏକ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି । ଯୁବକଙ୍କୁ ଦୋଷୀ ସାବ୍ୟସ୍ତ କରି ଯାଜପୁର ଆଡ୍-ହକ୍ ଅତିରିକ୍ତ ଦୌରା ଜଜ୍ (ଏଫଟିଏସସି) ଅଦାଲତ ୨୦୨୫, ଫେବ୍ରୁଆରି ୧୧ ତାରିଖରେ ପ୍ରଦାନ କରିଥିବା ରାୟକୁ ହାଇକୋର୍ଟ ରଦ୍ଦ କରିଛନ୍ତି । ଏହି ମାମଲାରେ ଆବେଦନକାରୀଙ୍କୁ ତୁରନ୍ତ ଜେଲରୁ ମୁକ୍ତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ପୀଡ଼ିତା ନିଜ ପୂର୍ବ ବୟାନରୁ ଓହରିଥିବା ବେଳେ ପ୍ରସିକ୍ୟୁସନ ମାମଲାକୁ ସମର୍ଥନ କରି ନଥିବା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା । ଏଭଳି ସ୍ଥିତିରେ ଯଦି କୌଣସି କ୍ଷତିପୂରଣ ରାଶି ପୀଡ଼ିତାଙ୍କୁ ପ୍ରଦାନ କରାଯାଇଥାଏ ତେବେ ପୀଡ଼ିତା ଏହାକୁ ଜିଲ୍ଲା ଆଇନସେବା

### ଡାକ୍ତରୀ ରିପୋର୍ଟକୁ ନେଇ ପ୍ରଶ୍ନ

ପ୍ରାଧିକରଣକୁ ଫେରାଇବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଯଦି ପୀଡ଼ିତା ଏଥିରେ ବିଫଳ ହୁଅନ୍ତି ତେବେ କ୍ଷତିପୂରଣ ରାଶି ତାଙ୍କ ନିକଟରୁ ଆଦାୟ ପାଇଁ ପ୍ରାଧିକରଣ ତରଫରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ହାଇକୋର୍ଟ କହିଛନ୍ତି ।

ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଅତିରିକ୍ତ ଦୌରା ଜଜ ଅଦାଲତଙ୍କ ରାୟ ବିରୋଧରେ ଯୁବକ ଜଣକଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ୧୬ ବର୍ଷିୟା ପୀଡ଼ିତାଙ୍କୁ ଅପହରଣ କରାଯାଇଥିବା ନେଇ ବାଲିଚନ୍ଦ୍ରପୁର ଥାନାରେ ୨୦୨୦ରେ ପରିବାର ତରଫରୁ ଅଭିଯୋଗ ହୋଇଥିଲା । ପୁଲିସ ପୀଡ଼ିତାଙ୍କୁ ଉଦ୍ଧାର କରିବା ସହିତ ଆବେଦନକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଆଡ୍-ହକ୍ ଅତିରିକ୍ତ ଦୌରା ଜଜ୍‌ଙ୍କ ଅଦାଲତରେ ମାମଲାର ଶୁଣାଣି ସମୟରେ ପୀଡ଼ିତା ପୂର୍ବ ବୟାନ ଠାରୁ ପୃଥକ କଥା କହିଥିଲେ । ତାଙ୍କ ସହିତ ଅପହରଣ ଓ ଦୁଷ୍କର୍ମ ଭଳି କୌଣସି ଘଟଣା ହୋଇ ନଥିବା ପୀଡ଼ିତାଙ୍କ ବୟାନ ଓ ଜେରାରୁ ସ୍ପଷ୍ଟ ହୋଇଥିଲା । ଡାକ୍ତରୀ ରିପୋର୍ଟକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା । ଏହା ପରେ ମଧ୍ୟ ଆଡ୍-ହକ୍ ଅତିରିକ୍ତ ଦୌରା ଜଜ୍ ଅଦାଲତ ୨୦୨୫, ଫେବ୍ରୁଆରି ୧୧ରେ ଆବେଦନକାରୀଙ୍କୁ ଆଇପିସିର ଦଫା ୩୬୩, ୩୬୬, ୩୭୬(୨)(ଏନ) ଓ ପୋକସୋ ଆଇନର ଧାରା ୬ରେ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲ ଦଣ୍ଡ ପ୍ରଦାନ କରିଥିଲେ । ଏଥି ସହିତ ପୀଡ଼ିତାଙ୍କୁ ୭ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଅଦାଲତ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଏହି ରାୟକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

### ଥାନାରେ ପୁଅକୁ ମାଡ଼ ସହ ମା'ଙ୍କ ସିନ୍ଦୂର ପୋଛିବା ଘଟଣା

## ଆଗୁଆ ଜାମିନ୍ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ସଂଧ୍ୟାରାଣୀ

**କଟକ/ରାଜନଗର (ଏନ୍.ଏମ୍.) :** ଦିନକୁ ଦିନ ପୁଲିସର ବର୍ବରତା ବୃଦ୍ଧି ପାଉଛି ବୋଲି ଜନସାଧାରଣ ଅଭିଯୋଗ କରୁଛନ୍ତି । ପୁଲିସ ଅଧିକାରୀ ଓ କର୍ମଚାରୀମାନେ ନିଜ କର୍ତ୍ତବ୍ୟ ପାଳନ ସମୟରେ ନିଜର ଲକ୍ଷ୍ମଣରେଖା ଭୁଲିଯାଉଥିବା ଭଳି ସଂଗୀନ ଅଭିଯୋଗ ଉଠୁଛି । ରାଜନଗର ବ୍ଲକ୍ ତାଳଚୁଆ ସାମୁଦ୍ରିକ ଥାନାର ପୂର୍ବତନ ଆଇଆଇସି ସନ୍ଧ୍ୟାରାଣୀ ଜେନା ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । ଗତ ଜୁନ ୨୯ ତାରିଖ ଦିନ ହାଇକୋର୍ଟଙ୍କ ନିକଟରେ ସେ ଜାମିନ୍ ପାଇଁ ଆବେଦନ କରିଛନ୍ତି । ସଂଧ୍ୟାରାଣୀ ତାଳଚୁଆ ସାମୁଦ୍ରିକ ଥାନାରେ ଆଇଆଇସି ଥିବା ବେଳେ ପାରିବାରିକ କଳହକୁ କେନ୍ଦ୍ରକରି ଥାନାକୁ ଯାଇଥିବା ମା'-ପୁଅଙ୍କୁ ଗତ ମେ' ମାସ ୨୫ ତାରିଖରେ ମାଡ଼ ମାରିବା ସହ ମହିଳାଙ୍କ ମଥାରୁ ସିନ୍ଦୂର ପୋଛି ଦେଇଥିବା ନେଇ ଅଭିଯୋଗ ହୋଇଥିଲା । ଏହି ଘଟଣାରେ ସାମୁଦ୍ରିକ ଥାନାରେ ଆଇଆଇସି ଶ୍ରୀମତୀ ଜେନାଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ ହୋଇଥିଲା । ଏହି ଘଟଣାକୁ ପୁଲିସ ମହାନିର୍ଦ୍ଦେଶକ ଗୁରୁତ୍ୱ ଦେଇ ଆଇଆଇସି ଶ୍ରୀମତୀ ଜେନାଙ୍କୁ ନିଲମ୍ବନ କରିବା ସହ ପୁଲିସ ମୁଖ୍ୟାଳୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ସୂଚନା ଥାଉକି, ସାମୁଦ୍ରିକ ଥାନା ଅନ୍ତର୍ଗତ ବାଘମାରି ପଞ୍ଚାୟତ ଗିରିଆପାହି ଗ୍ରାମର ଅନ୍ନପୂର୍ଣ୍ଣା ମଣ୍ଡଳ(୫୮)ଓ ତାଙ୍କ ପୁଅ



### ବଢ଼ିଚାଲିଛି ପୁଲିସର ବର୍ବରତା

ଅନନ୍ତ(୩୧) ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତ ପାତ୍ରଙ୍କ ନିକଟରେ ମେ ମାସ ୨୬ତାରିଖ ଦିନ ଅଭିଯୋଗ କରିଥିଲେ । ଅନ୍ନପୂର୍ଣ୍ଣାଙ୍କ ଅଭିଯୋଗ ଆଧାରରେ କେନ୍ଦ୍ରାପଡ଼ା ଏସପି ସିଦ୍ଧାର୍ଥ କଟାରିଆ ଓ ଏସଡିପିଓ ଶ୍ରୀ ପାତ୍ରଙ୍କ ତଦନ୍ତ ପରେ ଡିଜିପି ଆଆଇସି ଶ୍ରୀମତୀ ଜେନାଙ୍କୁ ସେହି ମାସ ୨୭ ତାରିଖ ଦିନ ନିଲମ୍ବିତ କରିଥିଲେ ତଦନ୍ତ ସମୟରେ ଜଣାପଡ଼ିଥିଲା ଯେ, ଥାନା ଭିତରେ ଲାଗିଥିବା ସିସିଟିଭିରେ ୨୭ ତାରିଖ ରାତି ପୂର୍ବର କୌଣସି ଫୁଟେଜ୍ ରେକର୍ଡ ମିଳିନଥିଲା ।




## ଓଡ଼ିଶାରେ ଏସଆଇଆର: ସାଧାରଣ ଲୋକଙ୍କ ଚିନ୍ତା ଓ ସରକାରଙ୍କ ପଦକ୍ଷେପ

ଭାରତର ଗଣତନ୍ତ୍ର ସଠିକ ଭୋଟର ତାଲିକାର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ । ଦଶନ୍ଧି ଧରି ଦ୍ରୁତ ସହରୀକରଣ, ବ୍ୟାପକ ଆଭ୍ୟନ୍ତରୀଣ ପ୍ରବାସ, ରିପୋର୍ଟ ହୋଇନଥିବା ମୃତ୍ୟୁ ଏବଂ ଡୁପ୍ଲିକେଟ୍ ପଞ୍ଜିକରଣ ଭୋଟର ତାଲିକାକୁ ଭୁଲତା ସହିତ ଫୁଲାଇ ଦେଇଛି । ଭାରତୀୟ ନିର୍ବାଚନ କମିଶନ ଏହି ଐତିହ୍ୟ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଏକ ବ୍ୟାପକ ଘର-ଘର ଯାଞ୍ଚ ପ୍ରକ୍ରିୟା ଭାବରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରଚଳନ କରିଥିଲେ । ଦଶନ୍ଧି ପୂର୍ବର ଶେଷ ପ୍ରମୁଖ ସଘନ ଅଭିଯାନ ପରେ ନିୟମିତ ବାର୍ଷିକ ସଂଶୋଧନ ଅପର୍ଯ୍ୟାପ୍ତ ପ୍ରମାଣିତ ହୋଇଥିଲା । ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କୁ ଅନ୍ତର୍ଭୁକ୍ତ କରିବା ସୁନିଶ୍ଚିତ କରିବା ସହିତ ମୃତ, ସ୍ଥାନାନ୍ତରିତ, କିମ୍ବା ଅଯୋଗ୍ୟ ଭୋଟରଙ୍କ ନାମକୁ ହଟାଇବା ପାଇଁ ଏସଆଇଆର ଲକ୍ଷ୍ୟ ରଖିଛି । ଏହା ନିର୍ବାଚନର ଅଖଣ୍ଡତାକୁ ବୃଦ୍ଧି କରେ, ନକଲି ଭୋଟିଂକୁ ରୋକେ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଜନସାଧାରଣଙ୍କ ବିଶ୍ୱାସକୁ ପୁନଃସ୍ଥାପିତ କରେ । ଜନପ୍ରତିନିଧିତ୍ୱ ଆଇନ ଅନୁଯାୟୀ ପରିଚାଳିତ, ଏସଆଇଆର ବିକଶିତ ଜନସଂଖ୍ୟା ମଧ୍ୟରେ ନିରପେକ୍ଷ ନିର୍ବାଚନ ପାଇଁ ଗୁରୁତ୍ୱପୂର୍ଣ୍ଣ । ଯଦିଓ ବିତର୍କିତ, ଏହାର ଲକ୍ଷ୍ୟ ଭାରତର ସ୍ପନ୍ଦନଶୀଳ ଗଣତନ୍ତ୍ର ପାଇଁ ଏକ ସଫା, ଅଧିକ ନିର୍ଭରଯୋଗ୍ୟ ଭୋଟର ତାଲିକା ରହିଛି । ଗ୍ରାମାଞ୍ଚଳରେ ସଚେତନତାର ଅଭାବ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଦେଖାଦେଇଛି । ଅନେକ ଲୋକ ଏପର୍ଯ୍ୟନ୍ତ ଏସଆଇଆର କ'ଣ, ଏହା କାହିଁକି ହେଉଛି ଏବଂ ସେମାନଙ୍କୁ କ'ଣ କରିବାକୁ ପଡ଼ିବ, ସେ ବିଷୟରେ ସ୍ପଷ୍ଟ ଧାରଣା ରଖିନାହାନ୍ତି । ଇଣ୍ଟରନେଟ୍ କିମ୍ବା ଡିଜିଟାଲ୍ ସେବାର ସୀମିତ ବ୍ୟବହାର କାରଣରୁ ଅନେକ ଲୋକ ସରକାରୀ ସୂଚନା ସହଜରେ ପାଇପାରୁନାହାନ୍ତି । ଏହି କାରଣରୁ ସ୍ଥାନୀୟ ପ୍ରଶାସନ ଓ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ଅନ୍ୟପକ୍ଷରେ, ଯୁବପିଢ଼ି ଏସଆଇଆରକୁ ସକାରାତ୍ମକ ଦୃଷ୍ଟିରେ ଦେଖୁଛନ୍ତି । ପ୍ରଥମ ଥର ପାଇଁ ଭୋଟ ଦେବାକୁ ଯୋଗ୍ୟ ହୋଇଥିବା ଯୁବକ ଓ ଯୁବତୀମାନେ ନିଜ ନାମ ଭୋଟର ତାଲିକାରେ ସାମିଲ କରିବା ପାଇଁ ଉତ୍ସାହିତ ଅଛନ୍ତି । ସେମାନଙ୍କ ମତରେ ଏକ ଅଦ୍ୟତନ ଭୋଟର ତାଲିକା ଗଣତନ୍ତ୍ରକୁ ଅଧିକ ସୁଦୃଢ଼ କରିବ ଏବଂ ନିର୍ବାଚନ ପ୍ରକ୍ରିୟାକୁ ଅଧିକ ବିଶ୍ୱସନୀୟ କରିବ । ଏସଆଇଆର କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରାଜ୍ୟ ସରକାର ଏବଂ ନିର୍ବାଚନ ପ୍ରଶାସନ ବିଭିନ୍ନ ପଦକ୍ଷେପ ନେଇଛନ୍ତି । ବୁଥ୍ ଲେଭେଲ୍ ଅଫିସରମାନଙ୍କୁ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବାକୁ ଦାୟିତ୍ୱ ଦିଆଯାଇଛି । ସେହିପରି ଜିଲ୍ଲା ଓ ବ୍ଲକ୍ ସ୍ତରରେ ସଚେତନତା କାର୍ଯ୍ୟକ୍ରମ, ସୂଚନା ଶିବିର ଏବଂ ଜନସମ୍ପର୍କ ଅଭିଯାନ ଆୟୋଜନ କରାଯାଉଛି । ଲୋକମାନେ ଅନଲାଇନ୍ ଓ ଅଫଲାଇନ୍ ଉଭୟ ମାଧ୍ୟମରେ ନିଜ ତଥ୍ୟ ଯାଞ୍ଚ ଓ ସଂଶୋଧନ କରିପାରୁଛନ୍ତି । ତଥାପି, କିଛି ସ୍ଥାନରେ ଦଲିଲ ଯାଞ୍ଚ, ନାମର ବନାନ ତ୍ରୁଟି କିମ୍ବା ଠିକଣା ସମ୍ବନ୍ଧୀୟ ଅସୁବିଧା ଲୋକଙ୍କୁ ହଇରାଣ କରୁଛି । ଦିନମଜୁରିଆ, ପ୍ରବାସୀ ଶ୍ରମିକ ଓ ଦୂର ଅଞ୍ଚଳରେ ବସବାସ କରୁଥିବା ପରିବାରମାନଙ୍କ ପାଇଁ ଏହି ପ୍ରକ୍ରିୟାରେ ସମୟ ଦେବା ସହଜ ନୁହେଁ । ତେଣୁ ସାଧାରଣ ଲୋକଙ୍କ ଆଶା ହେଉଛି ସରକାର ପ୍ରକ୍ରିୟାକୁ ଆହୁରି ସରଳ, ସୁବିଧାଜନକ ଓ ଲୋକମୁଖୀ କରନ୍ତୁ । ବିଶେଷଜ୍ଞମାନଙ୍କ ମତରେ ଏସଆଇଆରର ସଫଳତା କେବଳ ପ୍ରଶାସନିକ କାର୍ଯ୍ୟକଳାପ ଉପରେ ନୁହେଁ, ବରଂ ଲୋକଙ୍କ ସକ୍ରିୟ ସହଯୋଗ ଉପରେ ମଧ୍ୟ ନିର୍ଭର କରେ । ଯଦି ପ୍ରତ୍ୟେକ ଯୋଗ୍ୟ ନାଗରିକ ନିଜ ଭୋଟର ସୂଚନା ଯାଞ୍ଚ କରନ୍ତି ଏବଂ ଆବଶ୍ୟକ ସଂଶୋଧନ ସମୟରେ କରନ୍ତି, ତେବେ ଭବିଷ୍ୟତରେ ନିର୍ବାଚନ ସମୟରେ ଅନେକ ସମସ୍ୟା ଏଡ଼ାଯାଇ ପାରିବ । ସେହିପରି ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା, ନିରପେକ୍ଷତା ଓ ଜବାବଦେହିତା ବଜାୟ ରଖିବା ମଧ୍ୟ ସମାନ ଭାବରେ ଜରୁରୀ । ଓଡ଼ିଶାରେ ଏସଆଇଆରକୁ ନେଇ ଚାଲିଥିବା ଆଲୋଚନା ଦର୍ଶାଉଛି ଯେ ଲୋକମାନେ ନିଜର ଭୋଟ ଅଧିକାର ପ୍ରତି ପୂର୍ବ ଅପେକ୍ଷା ଅଧିକ ସଚେତନ ହୋଇଛନ୍ତି । ଗଣତନ୍ତ୍ରରେ ପ୍ରତ୍ୟେକ ଭୋଟର ମୂଲ୍ୟ ସମାନ । ତେଣୁ ଭୋଟର ତାଲିକାର ସଠିକତା ରକ୍ଷା କରିବା ସରକାର, ନିର୍ବାଚନ କମିଶନ ଏବଂ ସାଧାରଣ ଜନତା ସମସ୍ତଙ୍କର ମିଳିତ ଦାୟିତ୍ୱ । ଶେଷରେ କୁହାଯାଇପାରେ ଯେ, ଏସଆଇଆର୍ କେବଳ ଏକ ପ୍ରଶାସନିକ ପ୍ରକ୍ରିୟା ନୁହେଁ, ବରଂ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଆହୁରି ଶକ୍ତିଶାଳୀ କରିବାର ଏକ ପ୍ରୟାସ । ଏହି ପ୍ରକ୍ରିୟା ସଫଳ ହେବା ପାଇଁ ସରକାରଙ୍କ ଦାୟିତ୍ୱଶୀଳ ପଦକ୍ଷେପ ସହ ସାଧାରଣ ଲୋକଙ୍କ ସଚେତନ ଅଂଶଗ୍ରହଣ ମଧ୍ୟ ଅତ୍ୟନ୍ତ ଆବଶ୍ୟକ । ଯେତେବେଳେ ଉଭୟ ପକ୍ଷ ପରସ୍ପର ଉପରେ ବିଶ୍ୱାସ ରଖି କାମ କରିବେ, ସେତେବେଳେ ହିଁ ଏକ ସ୍ୱଚ୍ଛ, ନିର୍ଭୁଲ ଓ ବିଶ୍ୱସନୀୟ ଭୋଟର ତାଲିକା ପ୍ରସ୍ତୁତ ହେବ, ଯାହା ଓଡ଼ିଶାର ଗଣତନ୍ତ୍ରକୁ ଆହୁରି ସୁଦୃଢ଼ କରିବ ।

✷ ✷ ✷

## କବିତା ଗୁଚ୍ଛ

### ନିୟତିର ଗତି



ଯେଉଁ ସ୍ଥାନେ ଆଜି ଦେଖୁଛ ପର୍ବତ
କାଲିକି ହୁଏ ସାଗର
ଭୂମିକମ୍ପ ଥରେ ହୋଇଯାଏ ଯଦି
ପରବତ ପାରାବାର ।
ଗହନ କାନନ ହେଉଅଛି ସଫା
ଦେଖ ନିୟତିର ଗତି
ପଶୁପକ୍ଷୀ ସବୁ ରାଜରାସ୍ତା ପରେ
ଆସନ୍ତି ମାନବ କତି ।
ସବୁଠୁ ଚତୁର ଏ ମାନବ ଜାତି
ନିଜେ କରେ ନିଜ ଧ୍ୱଂସ
ରାବଣ ପରାୟ ପଢି ପାଶୋରନ୍ତି
ଥାଏ ଖାଲି ଅବଶୋଷ ।
ଆଉ ସହିବନି ନିୟତିର ଖେଳ
ସତ୍ୟ ପଥେ ଆମେଯିବା
ଅନ୍ୟାୟ ଅନୀତି କେବେ ନସହିବା
ନ୍ୟାୟ ର ପଥ ଖୋଜିବା ।
ନିୟତି ଚଳିବ ତାହାରି ପଥରେ
ଆମେ ଯିବା ଆମ ପଥେ
ଦୁର୍ନୀତି ହଟାଅ ଗୀତା ଭାଗବତ
ପଢିଚାଲ ସତପଥେ ।

- ବିଷ୍ଣୁପ୍ରିୟା ପଣ୍ଡା
ଯୋଗାଯୋଗ : ସେକ୍ଟର ୧୩, ସିଡିଏ, କଟକ

# ଶିକ୍ଷା : ଭାରତୀୟ ମୁସଲିମ ସମ୍ପ୍ରଦାୟର ଉନ୍ନତିର ମୂଳ ଆଧାର

୧୮୭୫ ମସିହାରେ ଆଲିଗଡ଼ରେ ସାର ସୟଦ ଅହମ୍ମଦ ଖାନଙ୍କ ଦ୍ୱାରା ମହମ୍ମଦାନ୍ ଆଙ୍ଗ୍ - ଓରିଏଣ୍ଟାଲ୍ କଲେଜ୍ ପ୍ରତିଷ୍ଠା ହେବାର ଦେଢ଼ ଶତାବ୍ଦୀରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ତାଙ୍କର ମୂଳ ବାର୍ତ୍ତା ଆଜି ମଧ୍ୟ ଭାରତର ମୁସଲିମ୍ ସମ୍ପ୍ରଦାୟ ମଧ୍ୟରେ ସମାନ ଭାବରେ ପ୍ରାସଙ୍ଗିକ ରହିଛି ଓ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁଛି । ଏକ ଗୌରବମୟ ଅତୀତ ଓ ଆଶାଭରା ଭବିଷ୍ୟତ ମଧ୍ୟରେ ସଂଯୋଗ ସ୍ଥାପନା କରିବାରେ ଶିକ୍ଷା ସଦା ସର୍ବାଧିକ ପ୍ରଭାବଶାଳୀ ଓ ବିଶ୍ୱସନୀୟ ସେତୁ ଭାବେ କାର୍ଯ୍ୟ କରିଆସିଛି । ଆଜି ଯେତେବେଳେ ଏହି ସମ୍ପ୍ରଦାୟ ଦ୍ରୁତ ଗତିରେ ପରିବର୍ତ୍ତନଶୀଳ ଭାରତର ନୂତନ ଆବଶ୍ୟକତା ଓ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେଉଛି ସେତେବେଳେ ଗୁଣାତ୍ମକ ଶିକ୍ଷା, ଆଧୁନିକ ଦକ୍ଷତା ଏବଂ ସାମ୍ବିଧାନିକ ସଚେତନତାର ଉପଲବ୍ଧତା ସମ୍ପ୍ରଦାୟର ସଶକ୍ତିକରଣ, ଆର୍ଥିକ ଉନ୍ନତି ଏବଂ ଦେଶର ବହୁତ୍ୱବାଦୀ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସକ୍ରିୟ ଓ ଅର୍ଥପୂର୍ଣ୍ଣ ଅଂଶଗ୍ରହଣର ମୂଳ ଆଧାର ପାଲଟିଛି ।

ସାମ୍ପ୍ରତିକ ସରକାରୀ ତଥ୍ୟ ପ୍ରଗତି ଏବଂ ସ୍ଥାୟୀ ବ୍ୟବଧାନ ଉଭୟକୁ ପ୍ରତିଫଳିତ କରେ । ପିରିଓଡ଼ିକ ଲେବର ଫୋର୍ସ ସର୍ଭେ (୨୦୨୩-୨୪) ଅନୁଯାୟୀ ମୁସଲମାନଙ୍କ ମଧ୍ୟରେ (୭ ବର୍ଷ ଓ ତଦୁର୍ଦ୍ଧ ବୟସ) ସାକ୍ଷରତା ହାର ୭୯.୫ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ଜାତୀୟ ହାର ୮୦.୯ ପ୍ରତିଶତର ନିକଟତର । ତଥାପି ଜାତୀୟ ନମୁନା ସର୍ଭେ (୭୫ତମ ପର୍ଯ୍ୟାୟ) ଦର୍ଶାଉଛି ଯେ, ସ୍କୁଲ ଶିକ୍ଷାର ପ୍ରତ୍ୟେକସ୍ତରରେ ଧାର୍ମିକ ଗୋଷ୍ଠୀ ମଧ୍ୟରେ ମୁସଲମାନ ଛାତ୍ରଙ୍କ ପାଇଁ ମୋଟ ଉପସ୍ଥାନ ଅନୁପାତ ସବୁଠାରୁ କମ୍ ରହିଛି । ଡ୍ରପ୍ ଆଉଟ୍ ଏକ ଚିନ୍ତାର ବିଷୟ ହୋଇରହିଛି, ବିଶେଷକରି ପ୍ରାଥମିକ ଶିକ୍ଷା ବ୍ୟତୀତ । ମଦ୍ରାସାଗୁଡ଼ିକ ଦୀର୍ଘ ସମୟ ଧରି ଅନୁସୃତ ମୁସଲିମ୍ ଅଞ୍ଚଳର ପିଲାମାନଙ୍କ ପାଇଁ ଶିକ୍ଷା ଜୀବନରେଖା ଭାବରେ କାର୍ଯ୍ୟ କରିଆସୁଛନ୍ତି ଏବଂ ଧାର୍ମିକ ମୂଲ୍ୟବୋଧ ଉପରେ ମୂଳ ସୁଲଭ ଶିକ୍ଷା ପ୍ରଦାନ କରୁଛନ୍ତି । ଯଦିଓ ସେମାନଙ୍କର ପହଞ୍ଚ ପ୍ରଭାବଶାଳୀ, ପାରମ୍ପରିକ ପାଠ୍ୟକ୍ରମ ପ୍ରାୟତଃ ବିଜ୍ଞାନ, ଗଣିତ, ଇଂରାଜୀ ଏବଂ ଆଜିର ପ୍ରତିଯୋଗିତାମୂଳକ ଦୃଶ୍ୟପଟ ପାଇଁ ଅତ୍ୟାବଶ୍ୟକ ଡିଜିଟାଲ୍ ଦକ୍ଷତା ଖର୍ଚ୍ଚ କରି ଧାର୍ମିକ ଅଧ୍ୟୟନ ଉପରେ ଗୁରୁତ୍ୱ ଦେଇଆସିଛି । ଏ ସମ୍ବନ୍ଧରେ ନିକଟ ଅତୀତରେ କିଛି ଉତ୍ସାହଜନକ ପରିବର୍ତ୍ତନ ଦୃଶ୍ୟମାନ ହୋଇଛି । ଅକ୍ଟୋବର ୨୦୨୩ରେ ଉତ୍ତର ପ୍ରଦେଶ ସରକାର ଘୋଷଣା କରିଥିଲେ ଯେ, ଜାନୁଆରୀ ୨୦୨୪ରୁ ମଦ୍ରାସା ପାଠ୍ୟକ୍ରମରେ ଡିଜିଟାଲ୍ ସାକ୍ଷରତା, କୋଚିଂ ଏବଂ କୃତ୍ରିମ ବୁଦ୍ଧିମତା ସମ୍ବନ୍ଧୀୟ ମଡ୍ୟୁଲ୍ ସାମିଲ କାରାଯିବ । ଏହା ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ କମ୍ପ୍ୟୁଟର ଓ ଅଧ୍ୟୟନ କିଟ୍ ମଧ୍ୟ ବଣ୍ଟନ କରାଯିବ ।ଅନ୍ୟପକ୍ଷରେ କେରଳମରେ ମଦ୍ରାସା ପୃଷ୍ଠଭୂମିରୁ ଆସିଥିବା ଅନେକ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ କୋଚିଂ ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ସେହିପରି ମୁସଲିମ୍ ଝିଅମାନଙ୍କ ପାଇଁ ଦ୍ୱିଭାଷୀ କୋଚିଂ କ୍ଲବ ଭଳି ସମ୍ପ୍ରଦାୟ ଚାଳିତ ପଦକ୍ଷେପଗୁଡ଼ିକ ମଧ୍ୟ ଶିକ୍ଷା ଓ ପ୍ରଯୁକ୍ତିଗତ ଦକ୍ଷତା ବିକାଶ କ୍ଷେତ୍ରରେ ସକାରାତ୍ମକ ପ୍ରଭାବ ସୃଷ୍ଟି କରୁଛି । ଏହାଛଡ଼ା ଜମିଆତ ଉଲେମା-ଏ-ହିନ୍ଦ୍ ସମେତ ଅନେକ ପ୍ରମୁଖ ମୁସଲିମ ସଂଗଠନ ଧାର୍ମିକ ଶିକ୍ଷା ସହିତ ଆଧୁନିକ ବିଷୟଗୁଡ଼ିକର ସମନ୍ୱୟ ପାଇଁ ସକ୍ରୀୟ ଭାବେ ସମର୍ଥନ ଓ ପ୍ରଚେଷ୍ଟା ଜାରି ରଖୁଛନ୍ତି । ଏପରି ଆଭ୍ୟନ୍ତରୀଣ ପଦକ୍ଷେପଗୁଡ଼ିକର ବିଶେଷ ମହତ୍ୱ ରହିଛି, କାରଣ ସମ୍ପ୍ରଦାୟର ପରିଚୟ ଓ ସାଂସ୍କୃତିକ ଐତିହ୍ୟ ସହ ଗଭୀର ଭାବେ ସଂଯୁକ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ଦୀର୍ଘସ୍ଥାୟୀ ଓ ଗ୍ରହଣଯୋଗ୍ୟ ସଂସ୍କାର ବାହ୍ୟ ଚାପରେ ନୁହେଁ, ବରଂ ସମ୍ପ୍ରଦାୟ ଭିତରୁ ଉତ୍ପନ୍ନ ହୋଇ କାର୍ଯ୍ୟକାରୀ ହେଲେ ଅଧିକ ସଫଳ ହୋଇଥାଏ ।

ସରକାରୀ ନୀତି ଓ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟ ଏହି ପରିବର୍ତ୍ତନକୁ ସମର୍ଥନ କରୁଛି । ଶିକ୍ଷା ମନ୍ତ୍ରଣାଳୟର ସ୍କିମ ଫର ପ୍ରୋଭାଇଡିଂ କ୍ୱାଲିଟି ଏଜୁକେସନ ଇନ ମାଡ୍ରାସ ଯୋଜନା ମାଦ୍ରାସାଗୁଡ଼ିକରେ ବିଜ୍ଞାନ, ଗଣିତ, ଇଂରାଜୀ ପରି ଆଧୁନିକ ବିଷୟର ଶିକ୍ଷା, ଶିକ୍ଷକ ତାଲିମ ଓ ଭିତ୍ତିଭୂମି ଉନ୍ନତିକୁ ପ୍ରୋତ୍ସାହନ ଦେଇଛି । ସେହିପରି ଆଇଡିଏମଆଇ ଯୋଜନା ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନର ମୌଳିକ ସୁବିଧା ବିକାଶରେ ସହାୟତା କରୁଛି । ଏହା ସହିତ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟର ଛାତ୍ରବୃତ୍ତି ଯୋଜନାଗୁଡ଼ିକ ମୁସଲିମ୍ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇ ସମାନ ସୁଯୋଗ ଓ ଦୀର୍ଘମିଆଦୀ ସଶକ୍ତିକରଣକୁ ବୃଦ୍ଧି କରୁଛନ୍ତି । ଏହି ଯୋଜନାଗୁଡ଼ିକ ଅଧୀନରେ ୯ମ ଓ ୧୦ମ ଶ୍ରେଣୀ ପାଇଁ ପ୍ରାକ୍-ମାଟ୍ରିକ, ଏକାଦଶ ଶ୍ରେଣୀରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ପୋଷ୍ଟ-ମାଟ୍ରିକ ଏବଂ ବୃତ୍ତିଗତ ଓ ବୈଷୟିକ ପାଠ୍ୟକ୍ରମ ପାଇଁ ମେରିଟ-କମ୍-ମିନ୍ସ ଛାତ୍ରବୃତ୍ତି ପ୍ରଦାନ କରାଯାଏ । ଏହି ସୁବିଧାଗୁଡ଼ିକର ବ୍ୟାପକ ପହଞ୍ଚ ସୁନିଶ୍ଚିତ କରିବାରେ ସମ୍ପ୍ରଦାୟ ନେତା ଓ ସ୍ଥାନୀୟ ସଂଗଠନଗୁଡ଼ିକ ସଚେତନତା ସୃଷ୍ଟି ଏବଂ ଆବେଦନ ପ୍ରକ୍ରିୟାରେ ସହାୟତା କରି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବେ । ଶିକ୍ଷାର ଲକ୍ଷ୍ୟ ହେଉଛି ସାକ୍ଷରତା ଓ ଦକ୍ଷତା ବିକାଶ ସହିତ ସଚେତନ ଓ ଦାୟିତ୍ୱବାନ ନାଗରିକ ଗଢ଼ି ତୋଳିବା । ଏହି କ୍ଷେତ୍ରରେ ଶିକ୍ଷକମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଧାର୍ମିକ ଶିକ୍ଷା ସହିତ ଭାରତୀୟ ସମ୍ବିଧାନର ମୂଲ୍ୟବୋଧ- ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ ସମ୍ପର୍କରେ ଜ୍ଞାନ ପ୍ରଦାନ କରି ସେମାନେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନାଗରିକ ସଚେତନତା ବିକଶିତ କରିପାରିବେ । ସେହିପରି ଡିଜିଟାଲ୍ ଯୁଗରେ ଭୁଲ ସୂଚନାର ମୁକାବିଲା ପାଇଁ ସମାଲୋଚନାମୂଳକ ଚିନ୍ତାଧାରା ଓ ଗଣମାଧ୍ୟମ ସାକ୍ଷରତା ଅତ୍ୟାବଶ୍ୟକ । ଧାର୍ମିକ ଶିକ୍ଷା, ଆଧୁନିକ ଜ୍ଞାନ ଓ ସାମ୍ବିଧାନିକ ମୂଲ୍ୟବୋଧର ସମନ୍ୱୟ କରୁଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ଆତ୍ମବିଶ୍ୱାସୀ, ଦକ୍ଷ ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ପ୍ରତିବଦ୍ଧ ନାଗରିକ ସୃଷ୍ଟି କରିବାରେ ସହାୟକ ହୁଅନ୍ତି । ଭାରତର ମୁସଲିମ ସମ୍ପ୍ରଦାୟର ଶିକ୍ଷାଗତ ଉନ୍ନତି ଏକ ସାମୂହିକ ଦାୟିତ୍ୱ । ପିତାମାତାଙ୍କୁ ପୁଅ ଓ ଝିଅ ଉଭୟଙ୍କ ଶିକ୍ଷା ଏବଂ ଦକ୍ଷତା ବିକାଶକୁ ସମାନ ଗୁରୁତ୍ୱ ଦେବାକୁ ହେବ । ମଦ୍ରାସା ପ୍ରଶାସନ, ଉଲେମା, ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ସମ୍ପ୍ରଦାୟ ସଂଗଠନମାନଙ୍କୁ ମଧ୍ୟ ଆଧୁନିକ ଶିକ୍ଷା, ସଚେତନତା ଓ ଉପଲବ୍ଧ ସୁଯୋଗଗୁଡ଼ିକର ସର୍ବୋତ୍ତମ ବ୍ୟବହାର ଦିଗରେ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ହେବ । ସାର୍ ସୟଦ ଅହମ୍ମଦ ଖାନଙ୍କ ଦୃଷ୍ଟିଭଙ୍ଗୀ ଆଜି ମଧ୍ୟ ସମାନ ଭାବେ ପ୍ରାସଙ୍ଗିକ । ଶିକ୍ଷାରେ ବିନିଯୋଗ କେବଳ ବ୍ୟକ୍ତି କିମ୍ବା ସମ୍ପ୍ରଦାୟର ଉନ୍ନତି ନୁହେଁ, ବରଂ ଏକ ଶକ୍ତିଶାଳୀ, ଅନ୍ତର୍ଭୁକ୍ତିମୂଳକ ଏବଂ ପ୍ରଗତିଶୀଳ ଭାରତ ଗଠନର ଭିତ୍ତି । ନ୍ୟାୟ, ସ୍ୱାଧୀନତା ଓ ସମାନତାର ସାମ୍ବିଧାନିକ ଆଦର୍ଶକୁ ବାସ୍ତବ ରୂପ ଦେବାରେ ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ମାଧ୍ୟମ ଯାହା ମୁସଲମାନମାନଙ୍କୁ ଦେଶର ଗର୍ବିତ ଓ ସକ୍ରିୟ ନାଗରିକ ଭାବେ ସଶକ୍ତ କରିଥାଏ ।

✷

- ଅଲତାଫ୍ ମିର୍
ପିଏଚ୍.ଡି ଜାମିଆ ମିଲିଆ ଇସଲାମିଆ

# ଦଳ ବଦଳ : ରାଜନୈତିକ ମହାମାରୀ



ବିଶ୍ୱଜିତ ଭଞ୍ଜ



ଆଜିର ଭାରତୀୟ ରାଜନୀତିରେ ଦଳ ବଦଳ ଆଉ ଘଟଣା ହୋଇ ରହିନାହିଁ, ଏହା ଏକ ରାଜନୈତିକ ମହାମାରୀରେ ପରିଣତ ହୋଇ ସାରିଛି । ନିର୍ବାଚନ ସମୟରେ ଦଳ ବଦଳ ଯେମିତି ଏକ ମହୋତ୍ସବ । ନେତାମାନେ ସ୍ୱାର୍ଥ ହାସଲ ଲକ୍ଷ୍ୟରେ ଦଳ ଛାଡ଼ନ୍ତି, କିନ୍ତୁ ପଛରେ ଛାଡ଼ି ଯାଆନ୍ତି ହଜାର ହଜାର କର୍ମୀ ଓ ସମର୍ଥକଙ୍କର ଭଙ୍ଗାମନ, ଭଙ୍ଗା ପରିବାର ଏବଂ ନଷ୍ଟ ବିଶ୍ୱାସ । ନେତାମାନେ ଆବେଗ ବୁଝନ୍ତିନି, କେବଳ ନିଜ ଚେୟାର ଓ ଟିକେଟ ଦେଖନ୍ତି । ହଁ ନେତାମାନେ ଦଳ ଛାଡ଼ନ୍ତି, ନୂଆ ଦଳରେ ଯୋଗ ଦିଅନ୍ତି, ସେମାନଙ୍କ ଟିକେଟରେ ନିର୍ବାଚନ ଲଢ଼ନ୍ତି, ଜିତିଲେ ମନ୍ତ୍ରୀ ପଦର ଆଶା ରଖନ୍ତି । ଅଥଚ ତାଙ୍କ ପଛରେ ଥିବା ସାଧାରଣ କର୍ମୀ, ଅନୁଗତ ସମର୍ଥକ, ଭୋଟର-ସେମାନେ ହାହୁତାଶ ଭିତରେ କାଳାତିପାତ କରନ୍ତି । ଭାରତରେ ଦଳବଦଳ କୌଣସି ନୂଆକଥା ନୁହେଁ । ୧୯୬୭ ମସିହାରେ ହରିୟାନାର ଜଣେ ବିଧାୟକ ବାରମ୍ବାର ଦଳ ବଦଳ କରିବାରୁ ଭାରତୀୟ ରାଜନୀତିରେ 'ଆୟା ରାମ, ଗୟା ରାମ' ପ୍ରବାଦଟି ଜନ୍ମଲାଭ କରେ । କିନ୍ତୁ ଏକବିଂଶ ଶତାବ୍ଦୀରେ ପାଦରଖି, ବିଶେଷ କରି ସାମ୍ପ୍ରତିକ ବର୍ଷ ଗୁଡ଼ିକରେ ଏହି ବ୍ୟାଧି କେବଳ ଗୋଟିଏ ବିଚ୍ଛିନ୍ନ ଘଟଣା ହିସାବରେ ସୀମାବଦ୍ଧ ନୁହେଁ; ଏହା ଅଧୁନା ଏକ ପ୍ରାତିଷ୍ଠାନିକ ରୂପ ଧାରଣ କରିଛି । ନିର୍ବାଚନର ବିଗୁଲ ବାଜିବା ମାତ୍ରେ ହିଁ ନେତାମାନେ ଆଦର୍ଶର ପୋଷାକ ବଦଳାଇବାର ଏକ ନିର୍ଲଜ ପ୍ରତିଯୋଗିତା । ଯେ, କୌଣସି ଗଣତାନ୍ତ୍ରିକ ଢାଞ୍ଚା ପ୍ରତି ଚରମ ଅବମାନନା । ଆଜିର ଭାରତୀୟ ରାଜନୀତିରେ 'ଆଦର୍ଶ' ଶବ୍ଦଟି ଚରମ ପ୍ରହସନରେ ପରିଣତ ହୋଇଛି । ଗତକାଲି ଯେଉଁନେତା କୌଣସି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଦର୍ଶନକୁ କଡ଼ା ନିନ୍ଦା କରୁଥିଲା, ଗଳା ଫଟେଇ ସମାଲୋଚନା କରୁଥିଲା, ଆଜି ସେହି ଦଳରେ ଯୋଗ ଦେଇ ଉଚ୍ଚାଙ୍ଗ କଣ୍ଠରେ ତାର ନୀତି ଆଦର୍ଶର ମହାନତାକୁ ପ୍ରଶଂସା କରି ଚାଲିଛନ୍ତି ।ଦଳ ବଦଳର ଆଜ ଜନସେବା ବା ସମାଜ ପରିବର୍ତ୍ତନର ମାଧ୍ୟମ ନୁହେଁ, ବରଂ ଏହା କ୍ଷମତା ଦଖଲର ଏକ ନିର୍ଭେଜାଲ ବ୍ୟବସାୟିକ କୌଶଳ ।

ଦଳ ବଦଳରେ ରାଜନୀତି ସାମ୍ପ୍ରତିକ ସମୟରେ ଗଣତାନ୍ତ୍ରିକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଥାନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ୨୦୨୪ ମସିହାର ଲୋକସଭା ନିର୍ବାଚନ ପୂର୍ବରୁ ଓ ପରେ ଦଳ ବଦଳର ଢେଉ ଉଠିଥିଲା । ଦିଲ୍ଲୀର ପ୍ରାକ୍ତନ କଂଗ୍ରେସ ସଭାପତି ଅରବିନ୍ଦର ସିଂହ ଲଭଲି ବିଜେପିରେ ଯୋଗ ଦିଅନ୍ତି- ଏଇଟା ତାଙ୍କର ଦ୍ୱିତୀୟଥର ଦଳ ବଦଳ । ପଶ୍ଚିମ ବଙ୍ଗର ଅର୍ଜ୍ଜୁନ ସିଂହ ତୃଣମୂଳ କଂଗ୍ରେସ ଛାଡ଼ି ବିଜେପିରେ ଯୋଗ ଦେଇ ଟିକେଟ ହାସଲ କରନ୍ତି । ସେହିଭଳି ବିଜେପି ମନ୍ତ୍ରୀ ବାବୁଲ ସୁପ୍ରିଓ ବିଜେପି ଛାଡ଼ି ତୃଣମୂଳ କଂଗ୍ରେସରେ ଯୋଗ ଦେଇଥିଲେ । ଏବେ କିନ୍ତୁ ସେ କୋଣଠେସା ହୋଇ ରହିଛନ୍ତି । ମହାରାଷ୍ଟ୍ରର ମିଳିନ୍ଦ ଦେଓରା କଂଗ୍ରେସ ଛାଡ଼ ଏକନାଥ ସିନ୍ଧେଙ୍କ ଶିବସେନାରେ ଯୋଗଦେଇ ରାଜ୍ୟସଭା ସଦସ୍ୟ ହୋଇ ପାରିଛନ୍ତି ।

ମହାରାଷ୍ଟ୍ରର ଅମ୍ବରନାଥ ଦଳ ୨୦୨୬ ମସିହା ପ୍ରାରମ୍ଭରୁ କଂଗ୍ରେସର ୧୨ଜଣ କାଉନସିଲରଙ୍କୁ 'ଆଣ୍ଟି-ପାର୍ଟି ଆକ୍ଟିଭିଷ୍ଟ' ଅଭିଯୋଗରେ ସସପେଣ୍ଡ କରାହୁଏ । ସେମାନେ ତହିଁ ପରଦିନ ହିଁ ବିଜେପିରେ ଯୋଗଦିଅନ୍ତି । ଏହି ଘଟଣା ପରେ ସ୍ଥାନୀୟ କର୍ମୀମାନଙ୍କ ମଧ୍ୟରେ ତିବ୍ର ବିଭେଦ ସୃଷ୍ଟିହୁଏ । ଗୋଟିଏ ଦଳ କହେ 'ବଞ୍ଚିଗଲୁରେ ଭାଇ' ଅନ୍ୟଦଳ କହେ 'ବିଶ୍ୱାସ ଘାତକତା' । ଯୌଥ ପରିବାରରେ ଦେଖାଦିଏ ଝଗଡ଼ା, ମାରପିଟ, ଭାଇଭାଇର ସମ୍ପର୍କ ନଷ୍ଟ ହୁଏ; ସ୍ୱାମୀସ୍ତ୍ରୀଙ୍କ ଅତୁଟ ବନ୍ଧନ ତୁଟିଯାଏ- ଏସବୁ ଘଟଣା ଏବେ ଅତି ସାଧାରଣ ହୋଇ ପଡ଼ିଛି ।

ଆମ ରାଜ୍ୟ ଓଡ଼ିଶା ତ ଏ କ୍ଷେତ୍ରରେ ଦେଶର ଅନ୍ୟ ରାଜ୍ୟଗୁଡ଼ିକୁ ବହୁ ପଛରେ ପକେଇ ଦେଇଛି । ୨୦୨୪ ମସିହା ବିଧାନସଭା ଓ ଲୋକସଭା ନିର୍ବାଚନ ପରେ ବିଜୁ ଜନତା ଦଳର ୨୪ବର୍ଷର ଶାସନରେ ପୂର୍ଣ୍ଣଚ୍ଛେଦ ପଡେ । ଏହା ପରେ ପରେ ରାଜନୀତିର ବୈତରଣୀରେ ଦଳବଦଳର ଢେଉ ବିବେକର ଶ୍ୟାମଳିମାରେ କଳଙ୍କର କାଦୁଅ ମଡାଏ । ସେହି ପଙ୍କିଳ ପଥରେ ପାଦ ଖସିଯାଏ ଅନେକ ବିଜେଡି ବିଧାୟକଙ୍କର । ୨୦୨୬ ମସିହାର ରାଜ୍ୟସଭା ନିର୍ବାଚନରେ ବ୍ୟାପକ କ୍ରସ ଭୋଟିଂ ଏହାର ପ୍ରତିଫଳନ । ବିଜେଡିରୁ ୮ଜଣ ଏବଂ କଂଗ୍ରେସରୁ ୩ଜଣ ବିଧାୟକ ଦଳର ହ୍ୱିପ ନମାନି ବିଜେପି ସମର୍ଥିତ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଭୋଟ ଦେଇ ବିଜୟୀ କରାଇବାରେ କର୍ଣ୍ଣଧାର ସାଜନ୍ତି । ରାଜ୍ୟସଭା ନିର୍ବାଚନର କେଇ ଦିନପରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ୬ଜଣ ବିଧାୟକଙ୍କୁ ସସପେଣ୍ଡ କରନ୍ତି ଓ ନିର୍ବାଚନ ପୂର୍ବରୁ ଦୁଇ ଜଣ ବିଧାୟକ ସସପେଣ୍ଡ ହୋଇଥିଲେ- ମୋଟ ସସପେଣ୍ଡ ବିଧାୟକଙ୍କ ସଂଖ୍ୟା ୮ହୁଏ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ବିଜେଡି ବିଧାୟିକା ସୁନନ୍ଦା ଦାସଙ୍କ ସହ ଅନେକ ବିଜେଡି କର୍ମୀ ବିଜେପିରେ ଯୋଗ ଦେଇଛନ୍ତି ।

ସେହିଭଳି ଦେଶର ଜଣେ ପ୍ରାକ୍ତନ ମନ୍ତ୍ରୀ ମାତ୍ର ୬୮ଦିନରେ ତିନୋଟି ଦଳ ବଦଳାଇଛନ୍ତି- ଯାହାକି ଭାରତୀୟ ନେତା ଭାବରେ ବିରଳ ବିଶ୍ୱ ରେକର୍ଡ଼ । ନେତାମାନଙ୍କ ଏହିସବୁ କାରନାମା ଅନୁଗତ କର୍ମୀମାନଙ୍କ ମନରେ ଗଭୀର କ୍ଷତି ସୃଷ୍ଟି କରିଛି ଯାହା ଯାହାର ମଲମ ଏପର୍ଯ୍ୟନ୍ତ ତିଆରି ହୋଇ ନାହିଁ । ବିହାରରେ ଦଳବଦଳ ରାଜନୀତି ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛି । କଂଗ୍ରେସ ଓ ରାଷ୍ଟ୍ରୀୟ ଜନତା ଦଳର ବିଧାୟକମାନେ ବିଜେପିରେ ଯୋଗ ଦିଅନ୍ତି । ମଣିପୁର, ଗୋଆ, କର୍ଣ୍ଣାଟକରେ ମଧ୍ୟ ସେଇ ଏକ ପ୍ରକାର ଦୃଶ୍ୟ । ଗୋଆର ୧୦ଜଣ କଂଗ୍ରେସ ବିଧାୟକ ବିଜେପି ସହ ଗଠବନ୍ଧନ କରି ସରକାର ଗଠନରେ ସାହାଯ୍ୟ କରିଛନ୍ତି । ମେଘାଳୟରେ ୧୨ଜଣ କଂଗ୍ରେସ ବିଧାୟକ ତୃଣମୂଳ କଂଗ୍ରେସରେ ସାମିଲ ହୋଇଛନ୍ତି । ଏସବୁ କ୍ଷେତ୍ରରେ ଆଣ୍ଟି-ଡିଫେକ୍ସନ ଆଇନର ଦୁଇ ତୃତୀୟାଂଶ 'ସଂଯୁକ୍ତିକରଣ ଫାଙ୍କି' ସୂତ୍ର ବ୍ୟବହାର କରାଯାଇଛି ।

ଏହିସବୁ ଉଦାହରଣ ଗୁଡ଼ିକୁ ଜଣାଯାଏ ଯେ, ଦଳ ବଦଳ ଆଉ ବ୍ୟକ୍ତିଗତ ସିଦ୍ଧାନ୍ତ ହୋଇ ରହିନାହିଁ । ଏହା ସଂଗଠିତ ଏବଂ ସୁବିଧାବାଦୀଙ୍କ ମାଷ୍ଟର ଷ୍ଟ୍ରୋକ । ନେତାମାନେ ଟିକେଟ, ମନ୍ତ୍ରୀପଦ, ଛନ୍ଦି ହୋଇ ପଡ଼ିଥିବା ଅପରାଧ ବା ମାମଲାରୁ ମୁକ୍ତି ପାଇବା ପାଇଁ ଦଳ ବଦଳାଇଥାନ୍ତି । ଅନେକ କ୍ଷେତ୍ରରେ ଭାରତୀୟ ଜାତୀୟ କଂଗ୍ରେସ 'ଫିଡ଼ର ପାର୍ଟି'କୁ ରୂପାନ୍ତରିତ ହୋଇଛି- ଫଳତଃ, ଅନେକ କର୍ମୀ ବା ନେତା ଦଳ ତ୍ୟାଗକରି ଅନ୍ୟ ଦଳ ଗଠନ କରିଛନ୍ତି ବା ଅନ୍ୟଦଳରେ ଯୋଗ ଦେଇଛନ୍ତି । କର୍ମୀମାନେ ଯେତେବେଳେ ଜଣେ ନେତା ପାଇଁ ବର୍ଷ ବର୍ଷ ଧରି ଅକ୍ଲାନ୍ତ କରିଶ୍ରମ କରନ୍ତି, ଲଢ଼େଇ କରିବା ପାଇଁ ରାଜରାସ୍ତାକୁ ଓହ୍ଲାଇ ଆସନ୍ତି, ଦେଖିଯାଆନ୍ତି, ପରିବାର ଠାରୁ ବିଚ୍ଛିନ୍ନ ହୋଇ ପଡ଼ନ୍ତି । ଆଞ୍ଚଳିକ କର୍ମୀମାନେ ନିର୍ଦ୍ଦିଷ୍ଟ ରାଜନୈତିକ ଶତ୍ରୁ ବିରୋଧରେ ଲଢ଼େଇ କରି ନିଜର ରାଜନୈତିକ ସତ୍ତା ତିଆରି କରନ୍ତି । ଗତକାଲି ପର୍ଯ୍ୟନ୍ତ ଯେଉଁ ପ୍ରତିପକ୍ଷକୁ ସେମାନେ ଜନତା ଜନାର୍ଦ୍ଦନଙ୍କ ଶତ୍ରୁ ବା 'ଦୁର୍ନୀତିବାଜ' ବୋଲି ପ୍ରଚାର କରି ଆସିଛନ୍ତି, ଆଜି ହଠାତ ସେହି ପ୍ରତିପକ୍ଷର ହାତ ଧରି ଶୋଭାଯାତ୍ରାରେ ସାମିଲ ହେବା ସେମାନଙ୍କ ପକ୍ଷରେ ମାନି ନେବାଟା ଅସମ୍ଭବ ହୋଇପଡେ । ସେମାନଙ୍କ ଦୀର୍ଘ ଦିନର ସାଧନା ଓ ରାଜନୈତିକ ବିଶ୍ୱାସ ମୁହୂର୍ତ୍ତକରେ ଭାଙ୍ଗି ଚୂରମାର ହୋଇଯାଏ । ନେତାମାନଙ୍କୁ ଆନୁଗତ୍ୟ ଦେଖାଇବାକୁ ଯାଇ କର୍ମୀମାନେ ପରିବାରଠୁ ଆରମ୍ଭ କରି ପଡ଼ା ପଡୋଶୀମାନଙ୍କର ଶତ୍ରୁ ହୋଇଯାଏ । ଦଗାବାଜ ନେତା ଦଳବଦଳ କଲା ପରେ ସେ ଆଉ ସାମଜରେ ମୁଣ୍ଡଟେକି ବାଟ ଚାଲିପାରେନା, ସେମାନଙ୍କ ତୀର୍ଯ୍ୟକ ପ୍ରଶ୍ନ ଓ ଉପହାସର ପାତ୍ର ହୋଇଯାଏ ସେ, ଭୂଲୁଣ୍ଠିତ ହୁଏ ତା'ର ଆତ୍ମ ସମ୍ମାନ । ସେତେବେଳେ ଯଦି ସେହି ନେତା ଦଳବଦଳ କରି ବିରୋଧୀଦଳକୁ ଚାଲିଯାଆନ୍ତି ତ କର୍ମୀମାନଙ୍କ ଜୀବନରେ ଓଲଟା ଗଙ୍ଗା ବୋହିବାକୁ ଲାଗେ । ଏଇଠି ଆମ ରାଜ୍ୟ ଓଡ଼ିଶାର ନେତାମାନଙ୍କୁ ଦୃଷ୍ଟାନ୍ତ ରୂପେ ନିଆ ଯାଇପାରେ । ବିଜେଡିର କର୍ମୀମାନେ ଦୀର୍ଘ ବର୍ଷ ଧରି ଯେଉଁ ନେତାମାନଙ୍କ ପାଇଁ ପରିଶ୍ରମ କରିଛନ୍ତି, ସେମାନଙ୍କ ଆଦର୍ଶକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ପାଇଁ ପଥପ୍ରାନ୍ତ ଚାଲିଆସିଛନ୍ତି, ନବୀନ ପଟ୍ଟନାୟକଙ୍କୁ 'ବିଜୁବାବୁଙ୍କ ଉତ୍ତରାଧିକାରୀ' ବୋଲି ମାନନ୍ତି, ସେମାନେ ଆଜି ଯେତେବେଳେ ଦେଖୁଛନ୍ତି ଯେ, ସେମାନଙ୍କର ଆଦର୍ଶ ସ୍ଥାନୀୟ ନେତାମାନେ ଜଣେ ପରେ ଜଣେ ଦଳ ଛାଡ଼ି ଚାଲିଯାଉଛନ୍ତି, ବିରୋଧିଦଳରେ ମିଶିବା ପାଇଁ ମସୁଧା କରୁଛନ୍ତି- ସେତେବେଳେ ଏଇ କର୍ମୀ ସମୂହ ନିରାଶାର ମରୁପ୍ରାନ୍ତରେ ମଥା ପିଟିବାକୁ ବାଧ ହୋଇଛନ୍ତି । ଗୋଟିଏ ପଟେ, ଗୋଟିଏ ଗୋଷ୍ଠୀ ଦୀର୍ଘ ବର୍ଷ ଧରି ବିରୋଧ କରି ଆସୁଥିବା ପାରମ୍ପରିକ ରାଜନୈତିକ ଶତ୍ରୁ ବିବେଚିତ ଦଳକୁ ଚାଲି ଯାଆନ୍ତି ତ ଅନ୍ୟ ଗୋଷ୍ଠୀ ବିଜେଡି ପ୍ରତି ନିଜର ଆନୁଗତ୍ୟ ବଜାୟ ରଖନ୍ତି । ଫଳରେ କର୍ମୀମହଲରେ ଘନେଇ ଉଠେ ଅଶାନ୍ତି ଝଡ଼, ରୁଦ୍ରରୂପ ନିଏ ଝଗଡ଼ା, ନଷ୍ଟହୁଏ ସମ୍ପର୍କ । ଏହିସବୁ ଦିଗପ୍ରତି ପଳାୟନପନ୍ଥୀ ନେତାମାନେ କେତେଟା ବିଚାର କରନ୍ତି ? ନା ନେତାମାନେ ନୂଆ ଦଳକୁ ଯାଇ କ୍ଷମତା ହାସଲର ନୂଆ ସ୍ୱପ୍ନ ଦେଖନ୍ତି, କିନ୍ତୁ କର୍ମୀମାନଙ୍କ ପୁରୁଣା ଆବେଗ ଓ ବିଶ୍ୱସର କ୍ଷତ ପୂରଣ ହୁଏନା । ବେଦନାର ବାଲୁଚରେ ଲୁପ୍ତ ହୁଏ ସେମାନଙ୍କ ଭବିଷ୍ୟତର ପରିକଳ୍ପନା ।

ମହାରାଷ୍ଟ୍ରରେ ଅମ୍ବରନାଥର ଘଟଣା ପରେ ପରେ କର୍ମୀମାନଙ୍କ ମଧ୍ୟରେ ଅଶାନ୍ତି ଏତେ ତୀବ୍ର ହୋଇଥିଲା ଯେ, ପାରିବାରିକ ଓ ସାମ୍ପ୍ରଦାୟିକ ହିଂସାରେ ପହଞ୍ଚି ଯାଇଥିଲା । ଜଣେ ସକ୍ରୀୟ କର୍ମୀ କହିଥିଲେ 'ଆମେ ମାନେ ଯାହା ପାଇଁ ରକ୍ତ କ୍ଷରଣ କରି ଶ୍ରମ ଦେଲୁ ସେ ରାତାରାତି ଶତ୍ରୁ ଦଳକୁ ପଳାୟନ କଲେ ! ଆମ ପରିବାରରେ ଏବେ ରାଜନୀତିର ନାଁ ଧରିବା ନିଷିଦ୍ଧ' ।

୧୯୮୫ ମସିହାରେ ଦଶମ ତଫସିଲ (ଆଣ୍ଟି-ଡିଫେକ୍ସନ ଲ) ଦଳବଦଳ ରୋକିବାକୁ ଚହିଁଥିଲେ । କିନ୍ତୁ ଏହି ଆଇନ ଭିତରେ ରହିଥିଲା ଅନେକ ଗଳା ବାଟ । ସ୍ପିକରଙ୍କ ଭୂମିକା ଦଳୀୟ, ଅନ୍ୟଦଳରେ ଏକ ଦଳର ବିଲୟ ବା ସଂଯୁକ୍ତିକରଣ (ଗଠବନ୍ଧନ) ବିଧାନ ବ୍ୟବହାର କରି ନେତାମାନେ ବଡ଼ବଡ଼ ପରିବର୍ତ୍ତନ ଆଣନ୍ତି । ସୁପ୍ରିମକୋର୍ଟ ବ୍ୟବହାର ସମୟସୀମା ୩ମାସ ନିର୍ଦ୍ଧାରଣ କରିଥିଲେ ବି ବାସ୍ତବକ୍ଷେତ୍ରରେ ବିଭିନ୍ନ ରାଜନୈତିକ ଦଳ ଏଥିରେ ବିଳମ୍ବ ଘଟାଇଥିଲେ । ୨୦୨୫ ମସିହାରେ ତେଲେଙ୍ଗାନାର ସ୍ପିକରଙ୍କୁ ନେଇ ସୁପ୍ରିମକୋର୍ଟ କନଟେମ୍ପଟର ଧମକ ଦେଇଥିଲେ । ଏହି ପ୍ରବଣତା ରୋକିବାକୁ ଆଣ୍ଟି-ଡିଫେକ୍ସନ ଲ ଅଣା ଯାଇଥିଲା । ଅଥଚ ରାଜନୈତିକ ବିଦୂଷକମାନଙ୍କ ଚତୁରତା ନିକଟରେ ତାହା ଆଜି ଅଚଳପ୍ରାୟ । ଗଣ ଇସ୍ତଫା ଦେଇ ସରକାର ପତନ ଘଟାଇବା ବା ଆଇନକୁ ଫାଙ୍କିମାରି ରାତାରାତି ଶିବିର ବଦଳାଇବା ଅଧୁନା ଅତି ଅସାଧାରଣ କଥାରେ ପରିଣତ ହୋଇଛି । ଫଳରେ ପ୍ରଶ୍ନ ଉଠୁଛି, ଭାରତର ସାଧାରଣ ମଣିଷ ଯେତେବେଳେ କୌଣସି ନିର୍ଦ୍ଦିଷ୍ଟ ପ୍ରତୀକ ବା ଇସ୍ତାହାର ଦେଖି ଭୋଟ ଦିଅନ୍ତି, ସେତେବେଳେ ନିର୍ବାଚନ ପରେ ଯଦି ସେହି ପ୍ରତିନିଧି ଅନ୍ୟ ଶିବିରକୁ ଯାଇ ଆତ୍ମା ଜମାନ୍ତି, ତେବେ ଭୋଟର ସେହି ପବିତ୍ର ମତାମତ ମୂଲ୍ୟ ରହିଲା କେଉଁଠି । ଏହା କ'ଣ ଜନଗଣଙ୍କ ଆସ୍ଥା ସହିତ ବିଶ୍ୱାସ ଘାତକତା ନୁହେଁ ତ ?

ଏ ଦେଶରେ ଆଇନ କାନୁନ ସାଧାରଣ ଜନତା ପାଇଁ, ନେତାମାନଙ୍କ ପାଇଁ ନୁହେଁ । ତେଣୁ ଦଳବଦଳ ଅବାଧରେ ଚାଲିଛି, ଚାଲିଥିବ । ନେତାମାନେ ଆଇନର ଗଳାବାଟରେ ଖସି ଯାଉଥିବେ, କର୍ମୀମାନେ ବିଶ୍ୱାସର ଅନ୍ଧଗଳିରେ ଗଳିଗଳି ଥକି ପଡ଼ିବେ । ନେତାମାନେ ଆଇନର ବହୁ ଉର୍ଦ୍ଧ୍ୱରେ କିନ୍ତୁ କର୍ମୀମାନଙ୍କ ପାଇଁ ଆଇନ ସୁରକ୍ଷା ନାହିଁ । ଦଳ ବଦଳ ଭୋଟରମାନଙ୍କ ବିଶ୍ୱାସକୁ ନଷ୍ଟ କରିଛି । 'ଯାହାକୁ ଭୋଟ ଦେଲି ସେ ତ ଦଳ ବଦଳେଇ ଦେଲେ'- ଏହି ଚିନ୍ତା ଗଣତନ୍ତ୍ରକୁ ଦୁର୍ବଳ କରୁଛି । ଯୁବଗୋଷ୍ଠୀ ରାଜନୀତି ଠାରୁ ଦୂରେଇ ଯାଉଛନ୍ତି । ନୀତିର ଧାରାବାହିକତା ନଷ୍ଟ ହେଉଛି । ଓଡ଼ିଶାର ବିଜେଡିର ଉନ୍ନୟନମୂଳକ କାର୍ଯ୍ୟଧାରା ଦିଗହରା ହୋଇଛି । ଭାରତର ସର୍ବୋଚ୍ଚ ନ୍ୟାୟାଳୟକୁ ଏହି ଦୁଃସମୟରେ କଠୋର ହେବାକୁ ପଡ଼ିବ । ଆଣ୍ଟି-ଡିଫେକ୍ସନ ଆଇନକୁ ଆହୁରି କଠୋର କରିବାକୁ ପଡ଼ିବ, ସ୍ପିକର ପରିବର୍ତ୍ତେ ନିରପେକ୍ଷ ଟ୍ରିବ୍ୟୁନାଲ ଗଠନ କରିବାକୁ ହେବ । ପୁନଶ୍ଚ ଦଳଗୁଡ଼ିକରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ଓ ଟିକେଟ ବିତରଣରେ ସ୍ୱଚ୍ଛତା ଆଣିବାକୁ ହେବ । ଭୋଟରମାନେ ସଚେତନ ହେବା ଉଚିତ, ଦଳବଦଳକାରୀମାନଙ୍କୁ ବୟକଟ କରିବାକୁ ଦୃଢ଼ ପରିକର ହେବାକୁ ହେବ । କର୍ମୀମାନେ ସଂଗଠିତ ହୋଇ ନେତାଙ୍କୁ ଘେରାବନ୍ଦୀ କରି ଜବାବ ମାଗିଲେ ନେତାମାନଙ୍କ ମନମୁଖୀ ନିଷ୍ପତ୍ତିରେ ପୂର୍ଣ୍ଣଛେଦ ପଡ଼ିପାରେ । କାରଣ ବିନାକର୍ମୀରେ ନେତାମାନେ ଅସ୍ତିତ୍ୱହୀନ । ଓଡ଼ିଶା ଠାରୁ ଆରମ୍ଭ କରି ମହାରାଷ୍ଟ୍ର, ବିହାର ଠାରୁ ଗୋଆ- ସବୁଠି ଦଳବଦଳର କଳଙ୍କିତ ଛବି ସୁସ୍ପଷ୍ଟ । ନେତାମାନେ କର୍ମୀମାନଙ୍କ ଆବେଗକୁ ସମ୍ମାନ ଦେବା ଉଚିତ । ଏମିତି ନକଲେ ଦିନ ଆସିବ କର୍ମୀମାନେ ଆଉ ନେତାଙ୍କ ପଛରେ ପ୍ରାଚୀର ହୋଇ ଠିଆ ହେବେ ନାହିଁ । ସେତେବେଳକୁ ହୁଏତ ରାଜନୀତି ସୁବିଧାବାଦର ଖେଳ ହୋଇସାରିଥିବ, ଜନସେବାର ନୁହେଁ । ଗଣତନ୍ତ୍ର ସେତେବେଳେ ସୁସ୍ଥ ହେବ ଯେତେବେଳେ ନେତା-କର୍ମୀ-ଭୋଟରମାନଙ୍କ ମଧ୍ୟରେ ବିଶ୍ୱାସର ବନ୍ଧନ ମଜବୁତ ହେବ । ଦଳ ବଦଳ ଏଇ ମହାମାରୀରୁ ମୁକ୍ତି ଚାହୁଁଥିଲେ ଆଦର୍ଶବାଦୀ ରାଜନୀତିର ପୁନର୍ଜୀବନ ଜରୁରୀ । କର୍ମୀମାନଙ୍କ ମନ ଭାଙ୍ଗି ଦିଅନା-ଏଇଟା ହିଁ ସମୟର ଦାବି ।

✷

ଯୋଗାଯୋଗ : ଚୌଦ୍ୱାର, କଟକ
ଦୂରଭାଷ : ୯୮୫୩୪୦୧୭୯୦






### ହୀରାକୁଦ ବୁଡ଼ି ଅଞ୍ଚଳ ଚାଷୀଙ୍କ ପାଇଁ ବଡ଼ ଆଶ୍ୱସ୍ତି

# ରବି ଧାନ କିଣିବାକୁ ଅନୁମତି ଦେଲେ ରାଜ୍ୟ ସରକାର



**ଝାରସୁଗୁଡ଼ା (ଏନ୍.ଏମ୍.):** ଝାରସୁଗୁଡ଼ାଜିଲ୍ଲା ଲଖନପୁର ବ୍ଲକ୍ ଅନ୍ତର୍ଗତ ହୀରାକୁଦ ଜଳଭଣ୍ଡାରର 'ବୁଡ଼ି ଅଞ୍ଚଳ' ରେ ଧାନ ଚାଷ କରିଥିବା ଚାଷୀଙ୍କ ପାଇଁ ଏକ ବଡ଼ ଖୁସି ଖବର ଆସିଛି। ଚଳିତ ୨୦୨୫-୨୬ ରବି ଋତୁରେ ଏହି ଜମିରେ ଚାଷ କରିଥିବା ୭୯୬ ଜଣ ଚାଷୀଙ୍କୁ ଏକ ସ୍ୱତନ୍ତ୍ର କ୍ଷେତ୍ର ଭାବେ ଗ୍ରହଣ କରି ସେମାନଙ୍କ ଧାନ ସରକାରୀ ମଣ୍ଡିରେ ବିକ୍ରି କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଗ୍ରୀନ୍ ସିଗ୍ନାଲ୍ ମିଳିଛି।ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ପ୍ରସ୍ତାବକୁ ଗମ୍ଭୀରତାର ସହ ବିଚାର କରି ରାଜ୍ୟ ସରକାର ଏହି ମାନବୀୟ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଅତିରିକ୍ତ ସଚିବ ସୁଦାମ ଚରଣ ମଣ୍ଡଳ ଏ ନେଇ ଜିଲ୍ଲାପାଳଙ୍କୁ ଚିଠି ଲେଖି ଜରୁରୀକାଳୀନ ଭିତ୍ତିରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ, ଏହି ୭୯୬ ଜଣ ଚାଷୀଙ୍କ ନାମ ନିକଟସ୍ଥ ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ 'ପି-ପାସ୍' ପୋର୍ଟାଲ୍‌ରେ ପଞ୍ଜୀକୃତ କରାଯିବ। ଚାଷୀମାନେ ଯେପରି ସେମାନଙ୍କର ବଳକା ରବି ଧାନ ସହଜରେ ବିକ୍ରି କରିପାରିବେ, ସେଥିପାଇଁ ମାତ୍ର ୨ ଦିନ ମଧ୍ୟରେ ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ଜିଲ୍ଲାପାଳଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହି କାର୍ଯ୍ୟକୁ 'ଅତ୍ୟନ୍ତ ଜରୁରୀ' ବୋଲି ଦର୍ଶାଯାଇଛି। ବୈଷୟିକ ସହାୟତା ପାଇଁ ଓଡ଼ିଶା ମହାକାଶ ବ୍ୟବହାର ପ୍ରୟୋଗ କେନ୍ଦ୍ର ଏବଂ ବିଭାଗୀୟ ପ୍ରୋଗ୍ରାମ ମ୍ୟାନେଜରଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇଛି।

ଏହି ନିଷ୍ପତ୍ତି କେବଳ ଚଳିତ ବର୍ଷ ପାଇଁ ଏକ ସ୍ୱତନ୍ତ୍ର ଅନୁକମ୍ପାମୂଳକ ପଦକ୍ଷେପ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ଏଥିସହ ସମ୍ପୃକ୍ତ ଚାଷୀଙ୍କୁ ଚେତାବନୀ ଦିଆଯାଇଛି ଯେ, ଆଗାମୀ ଦିନରେ ସେମାନେ ଆଉ କୌଣସି ସରକାରୀ କିମ୍ବା ବୁଡ଼ି ଅଞ୍ଚଳ ଜମିରେ ଧାନ ଚାଷ କରିପାରିବେ ନାହିଁ। ଯଦି ଭବିଷ୍ୟତରେ ଏଭଳି ବେଆଇନ ଜମିରେ ଚାଷ କରାଯାଏ, ତେବେ ସରକାରୀ ମଣ୍ଡିରେ ସେହି ଧାନକୁ ଆଦୌ ଗ୍ରହଣ କରାଯିବ ନାହିଁ ବୋଲି '୧୧୨୫୧' ପତ୍ର ସଂଖ୍ୟା ବିଶିଷ୍ଟ ସରକାରୀ ନିର୍ଦ୍ଦେଶନାମାରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଏହି ଗୁରୁତ୍ୱପୂର୍ଣ୍ଣ ସରକାରୀ ଚିଠିର ନକଲ ମାନ୍ୟବର ମୁଖ୍ୟମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅବଗତି ନିମନ୍ତେ ପ୍ରେରଣ କରାଯାଇଛି।

### ରାସ୍ତାକଡ଼ରୁ ଡ୍ରାଇଭରଙ୍କ ଶବ ଉଦ୍ଧାର

# ହତ୍ୟା ସନ୍ଦେହରେ ପୁଲିସ ତଦନ୍ତ ଜାରି

**ବ୍ରଜରାଜନଗର(ଏନ୍.ଏମ୍.):** ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଥାନା ଅନ୍ତର୍ଗତ ମୁଚବାହାଲ ସବଷ୍ଟେସନ ରାସ୍ତା କଡରେ ଗତ ଶୁକ୍ରବାର ସକାଳେ ଜଣେ ଯୁବକଙ୍କ ଶବ ଉଦ୍ଧାର ହୋଇଛି। ଏହାକୁ ହତ୍ୟାକାଣ୍ଡ ବୋଲି ପୁଲିସ ସନ୍ଦେହ କରୁଛି। ମୃତ ଯୁବକଙ୍କ ନାମ ସୁଜନ କୁମାର ବୋଲି ଜଣାପଡ଼ିଛି। ସେ ବୃତ୍ତିରେ ଜଣେ ଡ୍ରାଇଭର। ଗତ ୧୦ ବର୍ଷ ଧରି ସେ ମୁଚବାହାଲ ଅଞ୍ଚଳରେ ରହି ଆସୁଥିଲେ। ତେବେ ତାଙ୍କ ପ୍ରକୃତ ଘର ଝାଡ଼ଖଣ୍ଡ ନା ବିହାରରେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ପାରିନାହିଁ।

ସ୍ଥାନୀୟ ଲୋକେ ସକାଳେ ରାସ୍ତା କଡ଼ରେ ଶବ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ବେଲପାହାଡ଼ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଘଟଣାର ତଦନ୍ତ ପାଇଁ ପୁଲିସ ସାଇଣ୍ଟିଫିକ୍ ଟିମର ସହାୟତା ନେଇଛି।



ଏନେଇ ବେଲପାହାଡ଼ ଥାନା ଅଧିକାରୀ କହିଛନ୍ତି, 'ପ୍ରାଥମିକ ଅନୁମାନରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଲାଗୁଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ସମସ୍ତ ପ୍ରମାଣ ସଂଗ୍ରହ କରାଯାଉଛି। ମୃତକଙ୍କ ପରିଚୟ ଓ ହତ୍ୟାର କାରଣ ଖୋଜିବା ପାଇଁ ତଦନ୍ତ ଜାରି ରହିଛି'। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବାକୁ ପୁଲିସ ଉଦ୍ୟମ କରୁଛି। ଏସଡିପିଓ ଚିନ୍ତାମଣି ପ୍ରଧାନଙ୍କ ସମେତ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ଚଳିତ ଶିକ୍ଷାବର୍ଷରେ ପୁରୁଣା ପୁସ୍ତକରେ ଶିକ୍ଷାଦାନ ଓ ନୂଆ ଭାଷାନୀତି ପ୍ରତ୍ୟାହାର ଦାବିରେ ଏସୟୁସିଆଇ(ସି)ର ବିକ୍ଷୋଭ




**କଟକ(ଏନ୍.ଏମ୍.):** ତ୍ରୁଟିପୂର୍ଣ୍ଣ ନୂଆ ପାଠ୍ୟପୁସ୍ତକ ପ୍ରତ୍ୟାହାର, ଚଳିତ ବର୍ଷ ପୁରୁଣା ପାଠ୍ୟପୁସ୍ତକରେ ଶିକ୍ଷାଦାନ ଓ ନୂଆ ଭାଷାନୀତି ପ୍ରତ୍ୟାହାର ଦାବିରେ ଏସ ୟୁ ସି ଆଇ (କମ୍ୟୁନିଷ୍ଟ) କଟକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ କଲେଜ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହିତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏବଂ ରାଜ୍ୟ ଗଣଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବିକ୍ଷୋଭକାରୀଙ୍କ ପକ୍ଷରୁ କୁହାଯାଇଛି ଯେ, ତ୍ରୁଟିପୂର୍ଣ୍ଣ ଓ ଅବୈଜ୍ଞାନିକ ଭାବରେ ପ୍ରସ୍ତୁତ କରାଯାଇଥିବା ପୁସ୍ତକ ରଚନାକରି ତ୍ରୁଟିପୂର୍ଣ୍ଣ ପାଠ ପଢ଼ିବା ପାଇଁ ଛାତ୍ର ଛାତ୍ରୀଙ୍କୁ ବାଧ କରି ରାଜ୍ୟ ସରକାର ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ନଷ୍ଟ କରୁଛନ୍ତି। ଏଥି ସହିତ ପିଲାମାନଙ୍କ ମଧ୍ୟରେ କୁସଂସ୍କାର ଓ ଅନ୍ଧବିଶ୍ୱାସ ମୂଳକ ଚିନ୍ତାର ପ୍ରସାର ପାଇଁ ଷଡ଼ଯନ୍ତ୍ର କରାଯାଉଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଏନସିଇଆରଟି ଦ୍ୱାରା ପ୍ରକାଶିତ ପୁସ୍ତକମାନଙ୍କରେ ମଧ୍ୟ ସମାନ ଧରଣର ପାଠ୍ୟକ୍ରମ ସ୍ଥାନିତ କରାଯିବା ଫଳରେ ସମଗ୍ର ଦେଶର ସ୍କୁଲ ଶିକ୍ଷା ଧ୍ୱଂସ ମୁଖରେ ପଡିବ। ଏହାବ୍ୟତୀତ ଇଂରାଜୀ ଓ ମାତୃଭାଷାକୁ ଇଚ୍ଛାଧୀନ ବିଷୟ କରି ପିଲାମାନଙ୍କ ଭାଷା ଶିକ୍ଷାକୁ ମାରିଦେବାକୁ ସରକାର ଷଡ଼ଯନ୍ତ୍ର କରୁଛି ବୋଲି ବିକ୍ଷୋଭକାରୀମାନେ ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏସୟୁସିଆଇ(ସି) ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ରାଜ୍ୟ ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି। ଉପରୋକ୍ତ ଦାବି ସମ୍ବଳିତ ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଏହି ବିକ୍ଷୋଭରେ ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ମାଳବିକା ସାମଲ, ବସନ୍ତ ନାୟକ, ଭଗ୍ୟରବି ଦାସ, ସିଦ୍ଧାର୍ଥ ରଥ, ଦୀପକ୍ ଦାସ, ବିନୋଦ ସେଠୀ, ତରୁଣସେନ ନାୟକ, ଇଶା ଧର, ସୌଭାଗ୍ୟ ସାମଲ, ଅକ୍ଷୟ ରାଉଳ, ଶିବାନୀ ସାହୁ, ଶୁଭସ୍ମିତା ସାହୁ, ପ୍ୟାଭେଲ ପ୍ରିୟଦର୍ଶନ, ସ୍ୱାଧୀନୀ ବେହେରା, ସରୋଜ ମାନସିଂହ, ଜ୍ୟୋସ୍ନା ଦାସ, ଝରଣା ଦାସ, ଶୋଭାରାଣୀ ଦେହୁରୀ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ପୂର୍ବତନ ସୈନିକ ଓ ବୀର ନାରୀଙ୍କ ପେନସନ ସମସ୍ୟାର ସମାଧାନ ପାଇଁ ସ୍ୱତନ୍ତ୍ର ଶିବିର

**ବ୍ରହ୍ମପୁର(ଏନ୍.ଏମ୍.):** ପୂର୍ବତନ ସୈନିକ ଓ ବୀରନାରୀଙ୍କ ତ୍ୟାଗକୁ ଦେଶ ସର୍ବଦା ସମ୍ମାନ ଦେଇ ଆସିଛି। ସେମାନଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ଦେଶର ସୀମା ସୁରକ୍ଷିତ ରହିବା ସହ ଦେଶର ସମସ୍ତ ନାଗରିକ ଶାନ୍ତିରେ ବସବାସ କରିଥାନ୍ତି। ତେବେ ସେମାନଙ୍କ ନିମନ୍ତେ ବ୍ରହ୍ମପୁର ଏସପି କାର୍ଯ୍ୟାଳୟ ସମ୍ମୁଖ ଗଳି ସ୍ଥିତ ଜିଲ୍ଲା ସୈନିକ ବୋର୍ଡ କାର୍ଯ୍ୟାଳୟ ପରିସରରେ ଗତ ବୁଧବାର ଦିନ ପୂର୍ବତନ ସୈନିକ ଓ ବୀର ନାରୀଙ୍କ ପେନସନ ସମସ୍ୟାର ସମାଧାନ ପାଇଁ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ବ୍ରହ୍ମପୁରରେ ପ୍ରଥମ ଥର ଆୟୋଜିତ ହୋଇଥିବା ବେଳେ ମହାରାଷ୍ଟ୍ର ଅହଲ୍ୟାନଗର ସ୍ଥିତ ମେକାନାଇଜ୍ଡ ଇନଫାଣ୍ଟ୍ରି ରେଜିମେଣ୍ଟ କେନ୍ଦ୍ରର ବ୍ରିଗେଡିୟର ପି. ସୁନୀଲ କୁମାର, ସେନା ମେଡାଲ, ଅଫିସର- ଇନ୍-ଚାର୍ଜ, ରେକର୍ଡସ୍, ତତ୍ତ୍ୱାବଧାନରେ ଲେଫ୍ଟନାଣ୍ଟ କର୍ଣ୍ଣେଲ୍ ଅଶୋକ କୁମାର, ଚିଫ୍ ରେକର୍ଡ ଅଫିସର ଯୋଗଦେଇ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପେନସନ ଜନିତ ସମସ୍ୟାର ସମାଧାନ କରିଥିଲେ। ଏହି ଶିବିରରେ ୧୦୫ ଜଣ ପୂର୍ବତନ ସେନା ଓ ବୀର ନାରୀଙ୍କ ପେନସନ ଜନିତ ସମସ୍ୟାର ସମାଧାନ ହୋଇଥିଲା। କାର୍ଯ୍ୟକୁ ଉକ୍ତ କାର୍ଯ୍ୟାଳୟର ମୁଖ୍ୟ କିରାଣୀ ଗୌରବ କୁମାର ସାହୁ, ସନ୍ତୋଷ କୁମାର ଦାସ, ଏସ.କାମରାଜ, ପାଣ୍ଡବ ସାହୁ ଙ୍କ ସମେତ ଭେଟେରାନ ଆସୋସିଏସନ୍ ଓଡ଼ିଶାର ସଭାପତି କାଳୁ ଚରଣ ପ୍ରଧାନ, ସାଧାରଣ ସମ୍ପାଦକ ଅଭୟ ଚରଣ ପାତ୍ର, ଶିବ ଶଙ୍କର ମାଝୀ, ଭଗବାନ ସ୍ୱାଇଁ, ବିଦ୍ୟାଧର ପ୍ରଧାନ, ରାଜେନ୍ଦ୍ର ସୁବୁଦ୍ଧି ଏବଂ ଅଭୟ ଚରଣ ପାତ୍ର ପ୍ରମୁଖ ଯୋଗଦେଇ ପରିଚାଳନା କରିଥିଲେ।




### ପ୍ରକାଶ ପାଇଲା ପିଜି ପ୍ରବେଶିକା ପରୀକ୍ଷା ଫଳ

# ୩୨ ହଜାର ଆସନ ପାଇଁ ୫୩ ହଜାର ବିଦ୍ୟାର୍ଥୀ



**ଭୁବନେଶ୍ୱର (ଏନ୍.ଏମ୍.):** ସାଧାରଣ ସ୍ନାତକୋତ୍ତର ପ୍ରବେଶିକା ପରୀକ୍ଷା (କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ ୨୦୨୬)ର ଫଳ ପ୍ରକାଶିତ ହୋଇଛି। ରାଜ୍ୟର ୧୩୨ଟି ଶିକ୍ଷାନୁଷ୍ଠାନର ବିଭିନ୍ନ ପାଠ୍ୟକ୍ରମର ମୋଟ ୩୨ହଜାର ୩୦୯ଟି ଆସନ ନିମନ୍ତେ ୫୩ ହଜାର ୯୦୧ଜଣ ଛାତ୍ରଛାତ୍ରୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲକୁ ଯାଇ ନିଜର ପରୀକ୍ଷାଫଳ ଦେଖିପାରିବେ, ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ବିଭାଗ ପକ୍ଷରୁ ପ୍ରକାଶିତ ସୂଚନାନୁସାରେ, ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ-୨୦୨୬ ଅନୁଷ୍ଠିତ ହୋଇଥିଲା। ଏହି ପ୍ରବେଶିକା ପରୀକ୍ଷା ପାଇଁ ୫୮,୬୧୩ ଜଣ ପରୀକ୍ଷାର୍ଥୀ ଆବେଦନ କରିଥିବାବେଳେ ୫୩,୯୦୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସର୍ବମୋଟ୍ ୫୦ଟି ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସୂଚନାଯୋଗ୍ୟ ଯେ, ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରାଜ୍ୟର ୧୩୨ଟି ଉଚ୍ଚ ଶିକ୍ଷାନୁଷ୍ଠାନରେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ୩୨,୩୦୯ଟି ସିଟ୍ ରହିଛି। ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ-୨୦୨୬ ଆଧାରରେ କରାଯିବ। ଆଡ଼ମିଶନର ସମୟସୂଚୀ ଖୁବଶୀଘ୍ର ସାମ୍ସ ପୋର୍ଟାଲରେ ଉପଲବ୍ଧ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାରେ ଓମସା ପକ୍ଷରୁ ଆନ୍ଦୋଳନ

# ଡାକ୍ତରମାନଙ୍କର ଧର୍ମଘଟ, ରୋଗୀ ହଇରାଣ

**ରାଇରଙ୍ଗପୁର (ଏନ୍.ଏମ୍.):** ସାରା ଓଡିଶାରେ ୧ ଜୁଲାଇ ୨୦୨୬ ଠାରୁ ସମସ୍ତ ସରକାରୀ ଡାକ୍ତରଖାନାରେ ଧର୍ମଘଟର ଡାକରା ଦେଇଛନ୍ତି। ଏଥିରେ ରୋଗୀମାନେ ନାହିଁ ନ ଥିବା ଅସୁବିଧା ଯୋଗୁଁ ଦୁଃଖ ପ୍ରକାଶ କରିଛନ୍ତି। ରାଜ୍ୟସରକାରଙ୍କ ବୈମାତୃକ ମନୋଭାବ ଯୋଗୁଁ ଆନ୍ଦୋଳନର ଡାକରା ଦେଇଥିବାରୁ ଜନସାଧାରଣଙ୍କୁ ସହଯୋଗ ଆଶା କରିଛନ୍ତି। ଏହି ପରିପ୍ରେକ୍ଷୀରେ ବାମନଘାଟୀ ଉପଖଣ୍ଡ ରାଇରଙ୍ଗପୁର ମ୍ୟୁନିସିପାଲିଟି ସମେତ ଉପଖଣ୍ଡର ୭ଟି ବ୍ଲକର ସମସ୍ତ ଚିକିତ୍ସକ ଏଥିରେ ସାମିଲ ହୋଇଛନ୍ତି। ଏଥିରେ ଓମସା ରାଇରଙ୍ଗପୁର ଶାଖା ସଭାପତି ଡାକ୍ତର ରବୀନ୍ଦ୍ର ନାଥ ମାର୍ଣ୍ଡି, ଉପସଭାପତି ଡାକ୍ତର ପ୍ରମୋଦ କୁମାର ସାହୁ, ଶାଖା ସମ୍ପାଦକ ଡକ୍ଟର ସାଜିଦ ଖାନ ତଥା କାର୍ଯ୍ୟକାରୀ ସଦସ୍ୟ ଡାକ୍ତର ଦେବେନ୍ଦ୍ର ନାଥ ଟୁଡୁ, ଡାକ୍ତର ଦୁବରାଜ ଟୁଡୁ, ଡାକ୍ତର ସଂଜୀବ କୁମାର ମିଶ୍ର, ଡାକ୍ତର ରୀତା ଟୁଡୁ, ଡାକ୍ତର ସବିତା ମାର୍ଣ୍ଡି, ଡାକ୍ତର ସୋନାଲିସା ସାହୁ, ଡାକ୍ତର ରିତେଶ, ଡାକ୍ତର ଏସ ସି ନାଏକ, ଡାକ୍ତର ଚିନ୍ମୟ ସାହୁ ତଥା ବାମନଘାଟୀ ଉପଖଣ୍ଡର ସମସ୍ତ ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରମାନେ ଯୋଗଦାନ କରିଥିଲେ। ଏଥିରେ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତରମାନେ ମଧ୍ୟ ଉପସ୍ଥିତ ଥିଲେ।




# ଓଡ଼ିଶା ପୁଲିସର ନିଶାମୁକ୍ତ ଓଡିଶା ଅଭିଯାନ

**ରାଉରକେଲା (ଏନ୍.ଏମ୍.) :** ନିଶାମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ଓଡ଼ିଶା ପୁଲିସର ନିଶାମୁକ୍ତ ଓଡିଶା କାର୍ଯ୍ୟକ୍ରମରେ ଡିଏସପି ମନୋରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ ସେକ୍ଟର ୧୯ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଥାନା ପ୍ରଭାରୀ ବୈଦ୍ୟନାଥ ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର ଶତାଧିକ ଛାତ୍ର ଯୋଗ ଦେଇ ଥିଲାବେଳେ ପ୍ରାକ୍ତନ ପୁଲିସ ଅଧିକାରୀ ଡ ସୁମନ ଦତ୍ତ, ବରିଷ୍ଠ ସାମ୍ବାଦିକ କୁଞ୍ଜବିହାରୀ ରାଉତ, ଯୋଗଗୁରୁ ଗଙ୍ଗାଧର ଦାଶ, ଏସଏସଆରଭିଏମ୍ ପରିଚାଳିତ ଇସ୍ପାତ ବିଦ୍ୟାମନ୍ଦିରର ଅଧ୍ୟାପକ ପାର୍ଥସାରଥୀ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ନିଶା ବ୍ୟବହାର ଅପକାରିତା ଓ ଏହା କିପରି ଜନଜୀବନ, ସାମାଜିକ ସ୍ଥିତିକୁ ନଷ୍ଟ କରେ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଡିଏସପି ଶ୍ରୀ ପ୍ରଧାନ ଓ ଥାନା ପ୍ରଭାରୀ ଶ୍ରୀ ସାହୁ ନିଶା ବର୍ଜନ ପାଇଁ ଛାତ୍ରମାନଙ୍କୁ ଶପଥ ପାଠ କରାଇଥିଲେ। ଶ୍ରୀ ପ୍ରଧାନ ନିଶା ବର୍ଜନ ପାଇଁ ଗୁରୁତ୍ୱାରୋପ କରିଥିଲା ବେଳେ ଶ୍ରୀ ସାହୁ ପଞ୍ଚେନ୍ଦ୍ରିୟକୁ ନିୟନ୍ତ୍ରଣ ସହ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ସାକ୍ଷ୍ୟ ଅଧିନିୟମ ସମ୍ପର୍କରେ ତଥା ସମସ୍ତ ଅତିଥି ନିଜ ଭିତରେ ଆତ୍ମବିଶ୍ୱାସ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଏଏସଆଇ ମନୋରଞ୍ଜନ ପରିଡା ନିଶା ଅପକାରିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇ ସଠିକ ଉତ୍ତର ଦେଇଥିବା ଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶ୍ରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଥାନା ପକ୍ଷରୁ ଏସଆଇ ଦୁର୍ଯୋଧନ ପ୍ରଧାନ, ଏଏସଆଇ ସୁରେଶ ଦାସ, ବସନ୍ତ ବେହେରା,ପ୍ରଶାନ୍ତ ଆପଟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ବିକାଶ ନେଇ ପ୍ରଶ୍ନବାଚୀ : ପ୍ରଶାସନର ଦୃଷ୍ଟି ଆଢୁଆଳରେ ତାଳଚେର ରାଣୀପାର୍କ

**ତାଳଚେର (ଏନ୍.ଏମ୍.):** ତାଳଚେରର ସୌନ୍ଦର୍ଯ୍ୟ ବୃଦ୍ଧି ହେବା ସହିତ ପ୍ରଦୂଷଣ ରୋକିବା ଦିଗରେ ସହର ମଧ୍ୟରେ ଥିବା ରାଣୀପାର୍କ ଜଙ୍ଗଲର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରାୟ ୬ଶହ ଏକର ଅଞ୍ଚଳରେ ଏହି ରାଣୀପାର୍କ ଉଦ୍ୟାନ ତଥା ଜଙ୍ଗଲ ରାଜାରାଜୁଡ଼ା ଅମଳରୁ ରହିଥିଲା। ରାଜୁଡ଼ା ଶାସନ ସମାପ୍ତ ପରେ ଏହି ସବୁ ଜଙ୍ଗଲ ସରକାରଙ୍କ ହାତକୁ ଚାଲିଯାଇଥିଲା। କିନ୍ତୁ ପରିତାପର ବିଷୟ ସରକାରଙ୍କ ହାତକୁ ଏହି ରାଣୀପାର୍କ ଜଙ୍ଗଲ ଚାଲିଯିବା ପରେ ଧିରେଧିରେ ଧ୍ୱଂସ ପାଇବା ସହିତ ପଶୁପକ୍ଷୀ ମଧ୍ୟ ଲୋପ ପାଇଗଲେ। ରାଜା ଶାସନ କାଳରେ ରାଣୀପାର୍କ ଚର୍ତୁପାର୍ଶ୍ୱର୍ରେ ବୃହତ ପାଚେରୀ ନିର୍ମାଣ କରଯାଇଥିଲା। କାଳକ୍ରମେ ତାହା ଭାଙ୍ଗିରୁଜି ନଷ୍ଟ ହୋଇଯାଇଥିଲା। ଏହାର ସୁରକ୍ଷା ନିମନ୍ତେ ବିଭିନ୍ନ ସମୟରେ ଅନେକ ଅନୁଷ୍ଠାନ ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ରାଣୀପାର୍କ ପୁନରୁଦ୍ଧାର କାର୍ଯ୍ୟ କରିବାକୁ ଅଣ୍ଟା ଭିଡ଼ିଥିଲା ପ୍ରଶାସନ। ଦାବିପରେ ପ୍ରଶାସନ ଓ ଏମସିଏଲ ପକ୍ଷରୁ ଚର୍ତୁପାର୍ଶ୍ୱର୍ରେ ନୂତନ ପାଚେରୀ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାଣୀପାର୍କ ଜଙ୍ଗଲର ସୁରକ୍ଷା ଦିଗରେ ଏହା ଏକ ଉପଯୋଗୀ ପଦକ୍ଷେପ। ପୂର୍ବେ ତାଳଚେର ଏକ ସବୁଜବନାନୀରେ ବେଶ ପରିଚିତ ଥିଲା। ବିଭିନ୍ନ କିସମର ବୃକ୍ଷଲତା ତରୁରେ ଅଞ୍ଚଳଟି ଭରାଥିବା ସହ ପଶୁପକ୍ଷୀମାନେ ଏହି ସବୁଜ ବନାନୀରେ ବସବାସ କରୁଥିଲେ। ଏହି ଜଙ୍ଗଲରେ ଔଷଧୀୟ ବୃକ୍ଷ, ଫଳମୂଳ ଏବଂ ଜାଳେଣି ପାଇଁ ଆଖପାଖ ଅଞ୍ଚଳବାସୀ କାଠ ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ପରିବାର ପ୍ରତିପୋଷଣ କରୁଥିଲେ। ବିଶେଷ କରି ଏ ଅମଳର ଲୋକମାନଙ୍କର ଅତି ହାଲୁକାରେ ସ୍ୱାସ୍ଥ୍ୟ ଖରାପ ହେଉନଥିଲା, କାରଣ ପରିବେଶ ସନ୍ତୁଳନ ସହ ସୁରକ୍ଷିତ ଜଳବାୟୁର ପରିବର୍ତ୍ତନ ମଧ୍ୟ ସମୟ ଅନୁସାରେ ଗତି କରୁଥିଲା। ଆଜିକାଲି ଆଧୁନିକ ଯୁଗରେ ଯେଉଁ ପ୍ରକାର ଲୋକଙ୍କୁ ବିଭିନ୍ନ ରୋଗଗ୍ରାସ୍ କରୁଛି, ସେହି ତୁଳନାରେ ବସ୍ତିବାସୀନ୍ଦାମାନଙ୍କର ଅତିଶୟ ରୋଗ ଦେଖାଯାଉନଥିଲା ଏବଂ ସେମାନଙ୍କର ସ୍ୱାସ୍ଥ୍ୟରେ ଅବନତି ଆସିଗଲେ ସେମାନେ ତୁରନ୍ତ ଜଙ୍ଗଲର ଚେରମୂଳ ଓ ଔଷଧୀୟ ବୃକ୍ଷ ଦ୍ୱାରା ନିଜର ରୋଗକୁ ଦୂରକରି ଉପଶମ ହେଉଥିଲେ। ମାତ୍ର ଆଜି ଯୁଗ ବଦଳିଛି, କିନ୍ତୁ ଜଙ୍ଗଲ ନାହିଁ, ସଠିକ୍ ସମୟରେ ବର୍ଷା ନାହିଁ, ଚାଷବାଡ଼ି କାର୍ଯ୍ୟ ବ୍ୟାହାତ, ଯେଉଁଆଡ଼େ ଚାହିଁଲେ ସିଆଡ଼େ କୋଠାବାଡ଼ି, ଘରଦ୍ୱାର, ଖଣିଖାଦାନ, କଳକାରଖାନା, ପକ୍କାରାସ୍ତା, ମାତ୍ରାଧିକ ଯାନବାହାନ, ପ୍ରଦୂଷଣ, ବିପରୀତ ଜଳବାୟୁ ପରିବର୍ତ୍ତନ, ଧୂଆଁ ଧୂଳିରେ ଆଜିର ଜନସାଧାରଣ ଜର୍ଜରିତ। ସେହିପରି ଜଙ୍ଗଲ ନଷ୍ଟ ହେବାଯୋଗୁଁ ଇତି ମଧ୍ୟରେ ଅଙ୍ଗାରକାମ୍ଳ ପରିମାଣ ଆହୁରି ଢ଼େର୍ ବଢ଼ି ଯାଇଥିବା ଅନୁମାନ କରାଯାଉଛି। ବିଶେଷଜ୍ଞଙ୍କ କହିବା ଅନୁସାରେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବୃଦ୍ଧି ଜଳବାୟୁ ପରିବର୍ତ୍ତନ ମୁଖ୍ୟ କାରଣ। ଅଙ୍ଗାରକାମ୍ଳ ସନ୍ତୁଳନ ବିଗିଡ଼ିବା ନେଇ ସାରା ବିଶ୍ୱରେ ଚିନ୍ତିତ। ଏହାର ସିଧାପ୍ରଭାବ ପଡ଼ିଛି ପରିବେଶ ଉପରେ। ପାଣି ପାଗରୁ ଜୀବନଯାତ୍ରା ସବୁକିଛି ପ୍ରଭାବିତ ହେଉଛି, ପ୍ରଦୂଷଣ ବଢ଼ିବା ସହ ଫୁସ୍‌ଫୁସ୍ ଜନିତ ରୋଗ ମଧ୍ୟ ବଢୁଛି ବୋଲି କୁହାଯାଉଛି। ତେବେ ସରକାରଙ୍କ ପକ୍ଷରୁ ବାହ୍ୟମଳମୁକ୍ତ ଅଞ୍ଚଳଘୋଷଣା କରାଯାଇଥିବା ବେଳେ ରାଣୀପାର୍କ ଅଞ୍ଚଳ ଏବେ ଖୋଲା ଶୌଚାଳୟ ପାଲଟିଛି। ତେବେ ଜଙ୍ଗଲ ବିଭାଗ, ପୌରସଂସ୍ଥା, ପ୍ରଶାସନ ଓ ସ୍ଥାନୀୟବାସୀ ପୁନରୁଦ୍ଧାର କାର୍ଯ୍ୟରେ ସହଯୋଗ କଲେ ରାଣୀପାର୍କର ଭାଗ୍ୟ ବଦଳିବା ସହ ଏହା ନିଶ୍ଚିତ ଭାବେ ରାଜ୍ୟରେ ବୃହତ ଉଦ୍ୟାନ ହୋଇପାରନ୍ତା ବୋଲି ପରିବେଶବିତ୍‌ମାନେ ମତପ୍ରକାଶ ପୋଷଣ କରିଛନ୍ତି।






# ୭୭ ତମ ବନୋମହୋତ୍ସବ ସପ୍ତାହର ଶୁଭାରମ୍ଭ

**ସମ୍ବଲପୁର (ଏନ୍.ଏମ୍.) :** ପରିବେଶ ସୁରକ୍ଷିତ ରହିଲେ ଜୀବ ଜଗତ ସୁରକ୍ଷିତ ରହିବେ ଏଥିପାଇଁ ଉଦ୍ଭିଦ ଜଗତ ସୃଷ୍ଟି ହେବା ଆବଶ୍ୟକ। ତେଣୁ ପରିବେଶର ସୁରକ୍ଷା ପାଇଁ ବର୍ଷା ଆରମ୍ଭ ହେବାମାତ୍ରେ ରାଜ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜମନକିରା ବ୍ଲକ ଅନ୍ତର୍ଗତ ଜମନକିରା ରେଞ୍ଜର ପୁକୁଡ଼ା-ଗରିଆବାହାଲ ଗ୍ରାମ୍ୟ ସଂରକ୍ଷିତ ଜଙ୍ଗଲରେ ଡିଏଫଓ ବିକ୍ରମ ଦେବ ପଟ୍ଟନାୟକ ଏବଂ ବନାଞ୍ଚଳ ଅଧିକାରୀ ଲେଖାରାଣୀ ମହାନନ୍ଦଙ୍କ ନେତୃତ୍ୱରେ ୭୭ ତମ ବନୋମହୋତ୍ସବ ସପ୍ତାହର ଶୁଭାରମ୍ଭ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଅଙ୍ଗନବାଡ଼ି କର୍ମୀ, ଛାତ୍ରଛାତ୍ରୀ ବୃକ୍ଷପ୍ରେମୀମାନେ ପ୍ରାୟ ୫୦୦ ଚାରା ରୋପଣ କରିଥିଲେ। ବର୍ତ୍ତମାନ ବିଶ୍ୱ ଜଳବାୟୁ ପରିବର୍ତ୍ତନ, ଅସ୍ୱାଭାବିକ ପାଣିପାଗ, ଉଷ୍ମତା ବୃଦ୍ଧି, ବନ୍ୟା, ବାତ୍ୟା, ମରୁଡ଼ି ଓ ଜୈବ ବିବିଧତା ହ୍ରାସ ଭଳି ସମସ୍ୟାର ସମ୍ମୁଖୀନ ହେଉଛି। ଏହାର ମୁକାବିଲା ପାଇଁ ଜଙ୍ଗଲ, ଜଳଉତ୍ସ ଓ ଜୈବସମ୍ପଦର ସୁରକ୍ଷା ସହ ବୃକ୍ଷରୋପଣ ଅତ୍ୟନ୍ତ ଆବଶ୍ୟକ। ତେଣୁ ସବୁଜ ପରିବେଶ ଗଠନ ଓ ପ୍ରଦୂଷଣମୁକ୍ତ ସମାଜ ସୃଷ୍ଟି ପାଇଁ ଏଭଳି କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଉଛି ବୋଲି ଡ଼ି ଏଫ ଓ ଶ୍ରୀ ପଟ୍ଟନାୟକ ମତ ପ୍ରକାଶ କରିଥିଲେ। ଗ୍ରାମବାସୀ, ସମାଜସେବୀ ଓ ବୃକ୍ଷପ୍ରେମୀଙ୍କ ସହଯୋଗରେ ବହୁ ସଂଖ୍ୟକ ଚାରା ରୋପଣ କରାଯାଇଥିଲା। ବନ ବିଭାଗର ଏହି ପଦକ୍ଷେପ କେବଳ ପ୍ରକୃତି ଓ ପରିବେଶ ସୁରକ୍ଷା ନୁହେଁ, ବରଂ ଜଳବାୟୁ ଅନୁକୂଳ ବିକାଶ, ସାମାଜିକ ସୁରକ୍ଷା ଏବଂ ଭବିଷ୍ୟତ ପିଢ଼ିର କଲ୍ୟାଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବୁଦ୍ଧିଜୀବୀ ମହଲ ରେ ମତ ପ୍ରକାଶ ପାଇଛି କାର୍ଯ୍ୟକ୍ରମରେ ବନପାଳ ସୁଜିତ ପଟେଲ, ବୈଜୟନ୍ତୀ ନାୟକ, ଚନ୍ଦ୍ରଶେଖର ଭୋଇ ଏବଂ ବନରକ୍ଷୀ ମିନା ଜୟପୁରିଆ, ଝିଲ୍ଲୀ କୁମାରୀ ପଟେଲ, ଖିରୋଦିନୀ ରଣା, ଇନ୍ଦ୍ରାଣୀ ସ୍ୱାଇଁ, ଡେନିସ ମିଞ୍ଜ, ଜୟନ୍ତୀ ରମଜାନ, ରଶ୍ମିରଞ୍ଜନ ବିଶ୍ୱାଳ, ସୁଜାତା ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ମାଲକାନଗିରିରେ ଜନଗଣନା ପ୍ରଶିକ୍ଷଣ ଶିବିର ଆରମ୍ଭ

**ମାଲକାନଗିରି (ଏନ୍.ଏମ୍.) :** ମାଲକାନଗିରି ଜିଲ୍ଲା ପରିଷଦ ଅନ୍ତର୍ଗତ ଜିଲ୍ଲା ପଞ୍ଚାୟତ ସାଧନ ପ୍ରଶିକ୍ଷଣ ଗୃହଠାରେ ଜନଗଣନା-୨୦୨୭ର ସଫଳ ରୂପାୟନ ପାଇଁ ଏକ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ଶୁଭାରମ୍ଭ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନଙ୍କ ଅଧକ୍ଷତାରେ ଆଗାମୀ ଦିନରେ ଜିଲ୍ଲାର ପ୍ରଗତି ଏବଂ ସରକାରୀ ଯୋଜନା ପ୍ରଣୟନ କ୍ଷେତ୍ରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦଲିଲ କୁହାଯାଉଥିବା ଜିଲ୍ଲା ଜନଗଣନା ପୁସ୍ତିକାର ପ୍ରସ୍ତୁତି ପାଇଁ ଏହି ସ୍ୱେଚ୍ଛାକୃତ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଛି। ପ୍ରଥମ



ଦିବସର ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ରାଜସ୍ୱ ନିରୀକ୍ଷକ , ସହକାରୀ ରାଜସ୍ୱ ନିରୀକ୍ଷକ ଏବଂ ଅମିନମାନେ କ୍ଷେତ୍ର କର୍ମଚାରୀ ଭାବେ ଯୋଗଦେଇ ଆଗାମୀ ମହା ଜନଗଣନାର ଜ୍ଞାନ କୌଶଳ ଓ ଜଟିଳ ପଦ୍ଧତି ସମ୍ପର୍କରେ ତାଲିମ ଗ୍ରହଣ କରିଛନ୍ତି। ବିଶେଷ କରି ଗ୍ରାମ୍ୟ ସୂଚୀର ସଠିକ୍ ଏବଂ ବ୍ୟାପକ ପ୍ରସ୍ତୁତି ପାଇଁ କ୍ଷେତ୍ର ସ୍ତରରୁ କିପରି ସମ୍ପୂର୍ଣ୍ଣ, ନିରପେକ୍ଷ ଏବଂ ନିର୍ଭୁଲ ସୂଚନା ସଂଗ୍ରହ କରାଯାଇପାରିବ, ସେହି ଦିଗ ଉପରେ ଏହି ଶିବିରରେ ବିସ୍ତୃତ ଭାବେ ଆଲୋଚନା କରାଯାଇ କର୍ମଚାରୀମାନଙ୍କୁ ସଜାଗ କରାଯାଇଛି। ଏଥିରେ ଶିକ୍ଷାନୁଷ୍ଠାନ ଗୁଡ଼ିକର ଉପଲବ୍ଧତା, ସ୍ୱାସ୍ଥ୍ୟ ସେବା ଓ ଚିକିତ୍ସା ସୁବିଧା, ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା, ଗ୍ରାମୀଣ ପରିମଳ ଏବଂ ବିଦ୍ୟୁତ ଶକ୍ତି ସହିତ ବିକଳ୍ପ ଇନ୍ଧନର ବ୍ୟବହାର ଭଳି ଅତି ଆବଶ୍ୟକୀୟ ବିଷୟଗୁଡ଼ିକୁ ସାମିଲ କରାଯାଇଛି। ଏହା ସହିତ ସୁଦୂର ଗ୍ରାମାଞ୍ଚଳକୁ ଯୋଗାଯୋଗ, ପରିବହନ ସେବା, ସଡ଼କ ସଂଯୋଗୀକରଣ, ଡିଜିଟାଲ ନେଟୱର୍କ ଏବଂ ଆର୍ଥିକ ସମାବେଶୀକରଣ ପାଇଁ ବ୍ୟାପକ ବ୍ୟାଙ୍କିଙ୍ଗ ଓ ଋଣ ସୁବିଧା ଗୁଡ଼ିକର ବାସ୍ତବ ସ୍ଥିତି ଯାଞ୍ଚ କରିବା ପାଇଁ ଅଧିକାରୀମାନଙ୍କୁ କୁହାଯାଇଛି। କେବଳ ସେତିକି ନୁହେଁ, ଜିଲ୍ଲାର ଅର୍ଥନୀତିର ମେରୁଦଣ୍ଡ ସଦୃଶ ଥିବା କୃଷି କ୍ଷେତ୍ର, ଜମିର ସଠିକ୍ ବ୍ୟବହାର, ଜଳସେଚନର ଉତ୍ସ, ମୁଖ୍ୟ ଶସ୍ୟ ଉତ୍ପାଦନ ସମେତ ସ୍ଥାନୀୟ ଅଞ୍ଚଳରେ ଥିବା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପାୟନ ଏବଂ ଅନ୍ୟାନ୍ୟ ଆର୍ଥିକ କାର୍ଯ୍ୟକଳାପର ସଠିକ୍ ପରିସଂଖ୍ୟାନ ପ୍ରସ୍ତୁତ କରିବାକୁ ପ୍ରଶିକ୍ଷାର୍ଥୀମାନଙ୍କୁ ବିଶେଷ ଭାବେ ତାଲିମ ପ୍ରଦାନ କରାଯାଇଛି। କ୍ଷେତ୍ର ସ୍ତରରୁ ମିଳୁଥିବା ଗୋଟିଏ ଗୋଟିଏ ସୂଚନା ଆଗାମୀ ଦିନରେ ଜିଲ୍ଲାର ପ୍ରକୃତ ବିକାଶର ନକ୍ସା ପ୍ରସ୍ତୁତ କରିବାରେ ସହାୟକ ହେବ। ତେଣୁ କୌଣସି ବି ପରିସ୍ଥିତିରେ ଯେପରି କୌଣସି ଗ୍ରାମ ବା ତଥ୍ୟ ଏହି ପ୍ରକ୍ରିୟାରୁ ବାଦ ନପଡ଼େ, ସେଥିପାଇଁ ସମସ୍ତଙ୍କୁ ଅତି ସତର୍କତାର ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଅନ୍ଧାରରେ ପ୍ରଶାସନ, ସୂଚନା ଫଳକ ବିନା ନିର୍ମାଣ

# ଆସିଲା ଅନିୟମିତତା ଅଭିଯୋଗ



**ନବରଙ୍ଗପୁର(ଏନ୍.ଏମ୍.) :** ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଭାଲୁକୋଣାଡ଼ି ପଞ୍ଚାୟତ ଅନ୍ତର୍ଗତ କାଟରଗଡିଆ ପଡ଼ା ଅଙ୍ଗନବାଡ଼ି କେନ୍ଦ୍ରରେ ପାଚେରୀ ନିର୍ମାଣ କାମ ସାଇନ୍‌ବୋର୍ଡ ବିନା ଚାଲିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାର୍ଯ୍ୟସ୍ଥଳରେ ପ୍ରକଳ୍ପର ନାମ, ମଞ୍ଜୁରୀ ରାଶି, କାର୍ଯ୍ୟନିର୍ବାହୀ ସଂସ୍ଥା ଓ କାର୍ଯ୍ୟ ଅବଧି ସମ୍ବଳିତ ସାଇନ୍‌ବୋର୍ଡ ଲଗାଇବା ନିୟମ ଥିବା ସତ୍ତ୍ୱେ ତାହା କରାଯାଇନଥିବାରୁ କାମର ସ୍ୱଚ୍ଛତା ଓ ଗୁଣବତ୍ତା ଉପରେ ପ୍ରଶ୍ନ ଉଠିଛି ? ଗ୍ରାମବାସୀଙ୍କ କହିବାନୁସାରେ, ସୂଚନା ଫଳକ ନଥିବାରୁ କାମଟି କେଉଁ ଯୋଜନାରେ, କେତେ ଅର୍ଥ ବ୍ୟୟରେ ଏବଂ କାହା ତତ୍ତ୍ୱାବଧାନରେ ହେଉଛି, ତାହା ଜାଣିହେବା ସମ୍ଭବ ହେଉନାହିଁ। ତେଣୁ ସମସ୍ତ ବିବରଣୀ ସାର୍ବଜନୀନ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ପିଇଓ କହିଛନ୍ତି, "ଘଟଣା ଦେଖିବା ପରେ ମତାମତ ଦେବି।" ଅନ୍ୟପକ୍ଷରେ, ସମ୍ପୃକ୍ତ ଜେଇଙ୍କ ସହ ଯୋଗାଯୋଗର ଚେଷ୍ଟା କରାଯାଇଥିଲେ ମଧ ସେ ଫୋନ୍ ରିସିଭ୍ କରିନଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନଥିଲା।

# ଭାଟକୁମାରଡା ସଡ଼କ ଦୁର୍ଘଟଣା ; ଜଣେ ମୃତ୍ୟୁ

**ପୁରୁଷୋତ୍ତମପୁର(ଏନ୍.ଏମ୍.) :** ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଭାଟକୁମରଡା କଲେଜ ନିକଟରେ ଗୁରୁବାର ଦିନ ୧୨ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣେ ସ୍କୁଟି ଆରୋହୀଙ୍କ ପ୍ରାଣହାନି ଘଟିବା ସହ ଅନ୍ୟଜଣେ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ ମେଡିକେଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାରୁ ପ୍ରକାଶ ଯେ ବ୍ରହ୍ମପୁର ଆଡୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ (ଓଡି୦୪ଏଲ ୦୪୪୮) ସ୍କୁଟିକୁ ଧକ୍କା ଦେବା ଫଳରେ ସ୍କୁଟିରେ ଯାଉଥିବା ଜଣେ ବ୍ୟକ୍ତିଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣଙ୍କ ହେଉଛନ୍ତି ବାବୁ ଶାସମଲ (୪୮) ପିତା ଗୋବିନ୍ଦ ଶାସମଲ, ଘର ଭାତକୁମରଡା ପଂଚାୟତର ନାଇଡୁପଲ୍ଲୀ ,ଆହତ ଜଣକଙ୍କ ହେଲେ ପଙ୍କଜ ସ୍ୱାଇଁ (୪୯)। ଖବର ପାଇ ପୁରୁଷୋତ୍ତମପୁର ଥାନା ଭାରପ୍ରାପ୍ତ ଅଧିକାରୀ କୁଳମଣୀ ସେଠୀଙ୍କ ସହିତ ଥାନାର ସମସ୍ତ ଷ୍ଟାଫ ଏବଂ ସ୍ଥାନୀୟ ତହସିଲଦାର ବିନୋଦ କୁମାର ବେହେରା,ଏଟିଓ



କେ.ଦେବାଶିଷ ମହାପାତ୍ର,ବ୍ଲକ ଏମଏଲଏଙ୍କ ପ୍ରତିନିଧି ତଥା ଭାତକୁମରଡା ସମିତି ସଭ୍ୟ କୋରାନାଥ ସ୍ୱାଇଁ, ଓ ନିଖିଳ ଉତ୍କଳ ବେଲମା କୁଳର ସଭାପତି ରାଜ କୁମାର ବସ୍ତିଆଙ୍କ ସମେତ ସମସ୍ତ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଦିନ ସାରା ସଂଘର୍ଷ କରି ଲୋକଙ୍କୁ ବୁଝାସୁଝା କରିବା ପରେ ଏବଂ ତହସିଲଦାରଙ୍କ ଅଦମ୍ୟ ଚେଷ୍ଟା ଫଳରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪ ଲକ୍ଷ ଏବଂ ରେଡ଼କ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଘୋଷଣାପରେ ସ୍ଥାନୀୟ ଲୋକ ଶାନ୍ତ ପଡ଼ିଥିବାର ଦେଖିବାକୁ ମିଳିଥିଲା। ଏହାପରେ ପୋଲିସଷ୍ଟାଫ ଓ ପ୍ରଶାସନ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ସେହିପରି ଦୁର୍ଘଟଣାଗ୍ରସ୍ତ ଟ୍ରକ ଏବଂ ସ୍କୁଟିକୁ ପୋଲିସ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଚାଳକ ଫେରାର ଅଛନ୍ତି କି ନାହିଁ, ସେନେଇ ପୁଲିସ ପକ୍ଷରୁ ଅଧିକ ସୂଚନା ମିଳିନାହିଁ। ଏହି ଦୁର୍ଘଟଣା ପରେ କିଛି ସମୟ ପାଇଁ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପରେ ପୁଲିସ ପରିସ୍ଥିତିକୁ ସ୍ୱାଭାବିକ କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ନବରଙ୍ଗପୁରରେ ପୋଲିସର ସଚେତନତା ନିଶାମୁକ୍ତ ଓଡ଼ିଶା ଅଭିଯାନ ଓ ଶପଥ ଗ୍ରହଣ




**ନବରଙ୍ଗପୁର (ଏନ୍.ଏମ୍.) :** ରାଜ୍ୟରେ ନିଶାମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ପୋଲିସ ବିଭାଗ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଅଭିଯାନ ବୁଧବାର ନବରଙ୍ଗପୁର ଜିଲ୍ଲା ପୋଲିସ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ଆହ୍ୱାନ କ୍ରମେ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ସମେତ ସମସ୍ତ ଥାନାରେ 'ଆମ ପୋଲିସ' ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ଏଥିରେ କିଭଳି ଯୁବପୀଢ଼ି କବଳିତ ହେଉଛନ୍ତି ଏବଂ ନିଶା ସେବନର କୁପ୍ରଭାବ ଓ ସମାଜକୁ ନିଶାମୁକ୍ତ କରିବା ଦିଗରେ ପୋଲିସ ଓ ସାଧାରଣ ଜନତାଙ୍କ ମିଳିତ ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ନିଶାସେବନରୁ ଦୂରେଇ ରହିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ସିନ୍ଧିଗୁଡ଼ା ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ପୋଲିସ ପକ୍ଷରୁ ଏକ ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ ମଧ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଛାତ୍ର ଛାତ୍ରୀ, ଜନପ୍ରତିନିଧି ଓ ସ୍ଥାନୀୟ ବାସିନ୍ଦା ଅଂଶଗ୍ରହଣ କରିଥିଲେ। ଏହି ଅବରରେ ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତେ ଶପଥ ଗ୍ରହଣ କରିଥିଲେ। ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୋଲିସ ଅଧୀକ୍ଷକ ପାର୍ଥ ଜଗଦୀଶ କଶ୍ୟପ, ଅତିରିକ୍ତ ପୋଲିସ ଅଧୀକ୍ଷକ ଆଦିତ୍ୟ ସେନ, ଡିଏସପି, ପୋଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ନିଶା ବିରୋଧୀ ସଚେତନତା ମାଧ୍ୟମରେ ସମାଜରୁ ନିଶାସକ୍ତି ଦୂର କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ମତ ପ୍ରକାଶ ପାଇଥିଲା।

# ଏଏମ୍/ ଏନ୍‌ଏସ୍ ପୋର୍ଟସ୍‌ର ପୋଲିଓ ମୁକ୍ତ ଅଭିଯାନ : ୬,୫୫୧ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ

**ପାରାଦୀପ(ଏନ୍.ଏମ୍.) :** ଏଏମ୍/ଏନ୍‌ଏସ୍/ ପୋର୍ଟସ୍ ଭାରତ ସରକାରଙ୍କ ପଲ୍ସ ପୋଲିଓ ଅଭିଯାନକୁ ସହଯୋଗ କରି ପାରାଦ୍ୱୀପର ପ୍ରତ୍ୟେକ ଲୋକଙ୍କ ପାଖରେ ଜୀବନରକ୍ଷାକାରୀ ପୋଲିଓ ଟିକା ପହଞ୍ଚିବା ସୁନିଶ୍ଚିତ କରିବା ସହ ଜନସ୍ୱାସ୍ଥ୍ୟ ପ୍ରତି ନିଜର ଦୃଢ଼ ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରିଛି। ୨୮ରୁ ୩୦ଜୁନ୍ ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ଏହି ଅଭିଯାନ ବିଜୁ ମେମୋରିଆଲ୍ ହସ୍ପିଟାଲ ସହଯୋଗରେ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏଏମ୍/ଏନ୍‌ଏସ୍ ପୋର୍ଟସ୍ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହ ଟିକାକରଣ କେନ୍ଦ୍ରଗୁଡ଼ିକୁ ଭ୍ୟାକ୍ସିନ୍ କ୍ୟାରିୟର୍ ଯୋଗାଇବା ସହ ସମଗ୍ର କାର୍ଯ୍ୟକ୍ରମର ତଦାରଖ କରିଥିଲା। ଏହି ଅଭିଯାନ ଅବଧି ମଧ୍ୟରେ, ୧୯ଟି ଅତ୍ୟନ୍ତ ସମ୍ବେଦନଶୀଳ ସ୍ଥାନରେ ପାଞ୍ଚ ବର୍ଷରୁ କମ୍ ବୟସର ସମୁଦାୟ ୬,୫୫୧ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। ଏହି ଅଭିଯାନ ଅନ୍ତର୍ଗତ ହସ୍ପିଟାଲ, ଶିଳ୍ପାଞ୍ଚଳ, ମତ୍ସ୍ୟଜୀବୀ ବସ୍ତି, ସ୍ଲମ୍ ଅଞ୍ଚଳ, ଅଙ୍ଗନବାଡ଼ି କେନ୍ଦ୍ର ଏବଂ ବସ୍ ଟର୍ମିନାଲ୍ ଓ ରେଳ ଷ୍ଟେସନ୍ ଭଳି ଜନଗହଳିପୂର୍ଣ୍ଣ ଗମନାଗମନ ସ୍ଥଳଗୁଡ଼ିକୁ ସାମିଲ କରାଯାଇଥିଲା। ଏହି ଟୀକାକରଣ






କାର୍ଯ୍ୟକ୍ରମ ଏକ ସୁଚିନ୍ତିତ ତିନି ଦିନିଆ ଯୋଜନା ଅନୁଯାୟୀ ପରିଚାଳିତ ହୋଇଥିଲା, ଯେଉଁଥିରେ ପ୍ରଥମ ଦିନ ବୁଥ୍ ଜରିଆରେ, ଦ୍ୱିତୀୟ ଦିନ ଘରକୁ ଘର ବୁଲି ଏବଂ ଶେଷ ଦିନରେ ପ୍ରତ୍ୟେକ ପରିବାର ପାଖରେ ପହଞ୍ଚିବା ନିଶ୍ଚିତ କରିବା ପାଇଁ ଚୂଡ଼ାନ୍ତ ତଦାରଖ କରାଯାଇଥିଲା। ପାରାଦୀପର ବିଜୟଚନ୍ଦ୍ରପୁର, ଶଣ୍ଢକୁଦ, ନେହେରୁ ବଙ୍ଗଳା, ଅଠରବାଙ୍କି, ପାରାଦ୍ୱୀପ ସମୁଦ୍ର ବେଳାଭୂମି ଏବଂ ବଜାର ଅଞ୍ଚଳ ଭଳି ବିଭିନ୍ନ ବସ୍ତି ଅଞ୍ଚଳରେ ସହାୟକ ନର୍ସ ମିଡୱାଇଫ୍ (ଏଏନ୍‌ଏମ୍), ଅଙ୍ଗନବାଡ଼ି କର୍ମୀ, ଆଶା ସ୍ୱେଚ୍ଛାସେବୀ ଓ ସାମାଜିକ ସଂଗଠନଗୁଡ଼ିକ ସହିତ ଏଏମ୍/ଏନ୍‌ଏସ୍ ପୋର୍ଟସ୍‌ର ସିଏସଆର ଟିମ୍ ନିରନ୍ତର ପରିଶ୍ରମ କରି ଏହି ଅଭିଯାନକୁ ସଫଳ କରିଥିଲେ। ଏହି ପ୍ରୟାସକୁ ଆହୁରି ସୁଦୃଢ଼ କରିବା ପାଇଁ ଏଏମ୍/ଏନ୍‌ଏସ୍ ପୋର୍ଟସ୍ ପକ୍ଷରୁ କମ୍ପାନୀର କନଭେୟର ବେଲ୍ଟ ଲାଇନ୍ ଅଞ୍ଚଳ ଅନ୍ତର୍ଗତ ଲକପଡ଼ା ଟ୍ରାନ୍‌ଜିଟ୍ ପଏଣ୍ଟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଅଧିକାରୀମାନେ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। କନଭେୟର ବେଲ୍ଟ ଲାଇନ୍ ସଂଲଗ୍ନ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ପଲ୍ସ ପୋଲିଓ ଟିକାକରଣର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା ଯାହା ଅଭିଯାନର ପରିସର ଓ ପ୍ରଭାବକୁ ଆହୁରି ବ୍ୟାପକ ଓ ସୁଦୃଢ଼ କରିଥିଲା। ଜଗତସିଂହପୁରର ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ (ଏଡିଏମ୍‌ଓ) ଡା. ବସନ୍ତ କୁମାର ବାରିକ ଏବଂ ପାରାଦ୍ୱୀପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ର ଆୟୁଷ ଚିକିତ୍ସକ ଡା. ଆସିଫ୍ ଇକବାଲ୍ ସହ ହସ୍ପିଟାଲର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ମିଳିତ ଭାବେ ସମଗ୍ର ପଲ୍ସ ପୋଲିଓ ଅଭିଯାନର ତଦାରଖ କରିଥିଲେ। ସେମାନଙ୍କର ସମନ୍ୱିତ ପ୍ରୟାସ ଫଳରେ ପାରାଦ୍ୱୀପର ପ୍ରତ୍ୟେକ ଶିଶୁ ପୋଲିଓ ଟିକାକରଣର ସୁରକ୍ଷା କବଚ ପ୍ରଦାନ କରିବା ସୁନିଶ୍ଚିତ କରିଥିଲା। ଏହି ପଦକ୍ଷେପ ସମୁଦାୟର ସ୍ୱାସ୍ଥ୍ୟ ରକ୍ଷା କରିବା ଏବଂ ଏକ ପୋଲିଓ ମୁକ୍ତ ଭବିଷ୍ୟତ ପାଇଁ ସରକାରୀ ଓ ସ୍ଥାନୀୟ ଅନୁଷ୍ଠାନଗୁଡ଼ିକ ସହ ଭାଗିଦାରୀକୁ ସୁଦୃଢ଼ କରିବା ଦିଗରେ ଏଏମ୍/ ଏନ୍‌ଏସ୍ ପୋର୍ଟସ୍ ପ୍ରତିବଦ୍ଧତାକୁ ପୁନର୍ବାର ପ୍ରମାଣିତ କରିଛି।

## ନବରଙ୍ଗପୁର ଅବକାରୀ ବିଭାଗର ଚଢ଼ାଉ

# ଦେଶୀ ମଦ ଓ ପୋଚ ଜବତ

# ମହିଳାଙ୍କୁ ଘଟଣା ସ୍ଥଳରେ ଛାଡ଼ି ଦିଆଗଲା

**ନବରଙ୍ଗପୁର (ଏନ୍.ଏମ୍.) :** ଜିଲ୍ଲାପାଳ ଡ଼କ୍ଟର ମହେଶ୍ୱର ସ୍ୱାଇଁ, ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାଶଙ୍କ ନିର୍ଦ୍ଦେଶ କ୍ରମେ, ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ରେ ତେନ୍ତୁଳୀଖୁଣ୍ଟି ଥାନା ଅନ୍ତର୍ଗତ



ଡ଼ଙ୍ଗରଭେଜା, ଗୌଡ଼ଦେଉପାଲି, ପରଜା କୁରୁମୁଲି, ଡାଇକ-୧, ଡାଇକ-୨,ଡ଼ଙ୍ଗାସିଲ, ଗୌଡ଼ଗୁଡା, ଇଚ୍ଛାପୁର ଓ ମେଣ୍ଡ୍ରି ଗ୍ରାମରେ ମଦ ବିକ୍ରିକୁ ବନ୍ଦ କରିବା ପାଇଁ, ଗ୍ରାମର ମହିଳା ମାନଙ୍କ ଅଭିଯୋଗ କ୍ରମେ,ଏହି ଗ୍ରାମ ଗୁଡିକରେ ଅବକାରୀ ପଇଁତରା କରୁଥିଲେ। ସେ ସମୟରେ ମେଣ୍ଡ୍ରି ଗ୍ରାମରେ ଚଢ଼ାଉ କରି ଜଣେ ମହିଳା ନିକଟରୁ ୧୬ ଲିଟର ଚରା ଦେଶୀ ହାତ ରନ୍ଧା ମଦ ଓ ୩୦ ଲିଟର ପଚ ଜବତ କରାଗଲା ।ଆସାମୀ ବିରୁଦ୍ଧରେ ଅବକାରୀ ମାମଲା ରୁଜୁ କରାଯାଇ ମହିଳାକୁ ଘଟଣା ସ୍ଥଳରେ ୩୫ ବି ଏନ୍ ଏସ ଏସ ର ସୁଚନା ଦେଇ ଛାଡି ଦିଆଯାଇଛି ।ଏହି ଚଢାଉ ରେ ରିସିମା କୁମାରୀ ସୁନା ଓ ଆକ୍ରମ ଖାନ ସହଯୋଗ କରି ଥିଲେ।

# ୭୭ତମ ବନୋମହୋତ୍ସବ ପାଳନ

**ରାଜନଗର(ଏନ୍.ଏମ୍.) :** ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତ ନାଉକୋଣା ସ୍ଥିତ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ୭୭ତମ ବନୋମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବନାଞ୍ଚଳ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଧ୍ରୁବ ସାହୁ




ଯୋଗ ଦେଇ ଚାରାରୋପଣ କରିଥିଲେ। ଭିତରକନିକା ଜାତୀୟ ଉଦ୍ୟାନ ରାଜତନ୍ତ୍ର ସମୟରୁ କନିକା ରାଜାଙ୍କ ଦ୍ୱାରା ସୁରକ୍ଷା ସହ କିପରି ପରିଚାଳନା କରାଯାଉଥିଲା ସେ ନେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଭିତରକନିକା ଓ ଗହୀରମଥା ଉପରେ ଜ୍ଞାନ ଆହରଣ ସହ ବୁଲି ଯିବାକୁ ପରାମର୍ଶ ଦେଇଥିଲେ। ବନଖଣ୍ଡ ଅଧିକାରୀ ଭରଦରାଜ ଗାଁଓକରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ଉପାଧକ୍ଷ ଗଣେଶଚନ୍ଦ୍ର ଗୁଡିଆ, ସରପଞ୍ଚ ବୀଣାପାଣି ପ୍ରଧାନ, ସମିତି ସଭ୍ୟ ରବିନ ମଳିକ, ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ, ସମାଜସେବୀ ପୂର୍ଣ୍ଣଚନ୍ଦ୍ର ପଡିହାରୀ, ଅନୁଷ୍ଠାନର ପ୍ରଧାନଶିକ୍ଷକ ରାମସ୍ୱାମୀ ଲେଙ୍କା ପ୍ରମୁଖ ଯୋଗଦେଇ ବନମହୋତ୍ସବ ପାଳନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସବୁଜ ପଦକ୍ଷେପ ମାଧ୍ୟମରେ ପୃଥିବୀକୁ ସୁସ୍ଥକରିବାକୁ ଆହ୍ୱାନ ଦେଇଥିଲେ। ସମସ୍ତ ଅତିଥି ମାନଙ୍କ ସହ ଛାତ୍ର ଛାତ୍ରୀମାନେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗବେଷକ ପ୍ରଶନ୍ନ କୁମାର ନାୟକ ସଂଯୋଜନା କରିଥିଲେ। ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା ଧନ୍ୟବାଦ ଅର୍ପଣ କରିଥିଲେ। ଫରେଷ୍ଟର ବିଜୟକୁମାର ପାତ୍ର, ବିଭୁତିଭୂଷଣ ତରାଇ, ରଞ୍ଜନ କୁମାର ପାଣି, ଫରେଷ୍ଟ ଗାର୍ଡ ତ୍ରୀଦେବ ପ୍ରଧାନ, ସମାଜସେବୀ ପ୍ରମୋଦ କୁମାର ପ୍ରଧାନଙ୍କ ସହ ବନକର୍ମଚାରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଡାକ୍ତରଙ୍କ ଆନ୍ଦୋଳନରେ ଅଚଳ ସ୍ୱାସ୍ଥ୍ୟ ସେବା

# ସରକାରଙ୍କ ଉଦାସୀନତାକୁ ନେଇ ବଢୁଛି ଜନଅସନ୍ତୋଷ

**ବାରିପଦା(ଏନ୍.ଏମ୍.) :** ରାଜ୍ୟ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ଅଭାବନୀୟ ତଥା ସ୍ପର୍ଶକାତର ପରିସ୍ଥିତି ସୃଷ୍ଟି ହୋଇଛି। ଯେଉଁ ଡାକ୍ତରମାନଙ୍କୁ ସମାଜରେ ଦ୍ୱିତୀୟ ଭଗବାନ ବୋଲି ମାନେ କରାଯାଏ, ଆଜି ସେମାନେ ନିଜର ବିଭିନ୍ନ ନ୍ୟାଯ୍ୟ ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନରେ ବସିଛନ୍ତି। ଓଡ଼ିଶା ମେଡିକାଲ ସର୍ଭିସେସ ଆସୋସିଏସନ ଆନୁକୂଲ୍ୟରେ ବାରିପଦା ପିଆରଏମ ହସ୍ପିଟାଲ ସମ୍ମୁଖରେ ନିଜ ନ୍ୟାର୍ଯ୍ୟ ଦାବି ପାଇଁ ଆନ୍ଦୋଳନ ରେ ବସିଛନ୍ତି। ଏହି ବିକ୍ଷୋଭ ଯୋଗୁଁ ଜିଲ୍ଲାର କୋଣ ଅନୁକୋଣରୁ ହସ୍ପିଟାଲକୁ ଆସୁଥିବା ରୋଗୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସୂଚନା ଅନୁଯାୟୀ, ଦୀର୍ଘ ୮ ମାସ ହେବ ଡାକ୍ତରମାନେ କଳା ବ୍ୟାଜ୍ ପିନ୍ଧିବା ସହ ପର୍ଯ୍ୟାୟକ୍ରମେ ସରକାରଙ୍କୁ ନିଜର ଦାବି ଜଣାଇ ଆସୁଥିଲେ। 'ଜାତୀୟ ଡାକ୍ତର ଦିବସ' ଠାରୁ ଏହି ଆନ୍ଦୋଳନ ଉଗ୍ର ରୂପ ଧାରଣ କରିଛି। ବିଗତ ୨୪ ଘଣ୍ଟା ଧରି ଡାକ୍ତରମାନେ ଧାରଣାରେ ବସିଥିଲେ ମଧ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ସରକାରୀ ପ୍ରତିନିଧି ସେମାନଙ୍କ ସହ ଆଲୋଚନା କରିବାକୁ ଆଗେଇ ଆସିନାହାନ୍ତି। ଏଥିରୁ ସରକାରଙ୍କର ରୋଗୀ ଏବଂ ଡାକ୍ତରଙ୍କ ପ୍ରତି ଥିବା ସମ୍ବେଦନହୀନ ମନୋଭାବ ସ୍ପଷ୍ଟ ଜଣାପଡୁଛି। ଦୂରଦୂରାନ୍ତରୁ ଏବଂ ବିଭିନ୍ନ ଅପହଞ୍ଚ ଅଞ୍ଚଳରୁ ଆସୁଥିବା ଗରିବ ରୋଗୀମାନେ ଚିକିତ୍ସା ନପାଇ ହନ୍ତସନ୍ତ ହେଉଛନ୍ତି। ଯଦି ସରକାର ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ନ ନିଅନ୍ତି, ତେବେ ଆଗାମୀ ଦିନରେ ବିଜୁ ଜନତା ଦଳ ମଧ ଏହି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଏହା ଦ୍ୱାରା ସୃଷ୍ଟି ହେବାକୁ ଥିବା ଯେକୌଣସି ଭୟଙ୍କର ପରିସ୍ଥିତି ପାଇଁ ସରକାର ଓ ସ୍ଥାନୀୟ ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ ରହିବେ।



# ବିକଶିତ ଭାରତ ଜିରାମଜି୨୦୨୫ର ଜାତୀୟସ୍ତରର ଶୁଭାରମ୍ଭ



**ସୁବର୍ଣ୍ଣପୁର (ଏନ୍.ଏମ୍.) :** ସୁବର୍ଣ୍ଣପୁରର ନୂତନ ଟାଉନହଲ ଠାରେ ବିକଶିତ ଭାରତ ଜିରାମଜିର ଶୁଭାରମ୍ଭ ହୋଇଯାଇଛି। ଜାତୀୟସ୍ତରରେ ଆନ୍ଧ୍ର ପ୍ରଦେଶର ତିରୁପତି ଠାରେ ଭାରତ ସରକାରଙ୍କ ଦ୍ୱାରା କୃଷି, କୃଷକ ମଙ୍ଗଳ ତଥା ଗ୍ରାମ୍ୟ ଉନ୍ନୟନ କେନ୍ଦ୍ର ମନ୍ତ୍ରୀ ଶିବରାଜ ଚୌହାନଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଟେଲିଭିଜନ ଜରିଆରେ ଆଭାସି ମାଧ୍ୟମରେ ଜନସାଧାରଣଙ୍କ ନିମନ୍ତେ ସିଧାପ୍ରସାରଣ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୀରମହାରାଜପୁର ବିଧାୟକ ଇଂ.ରଘୁନାଥ ଜଗଦଳା ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଡ. ନୃପରାଜ୍ ସାହୁ ଓ ଜିଲ୍ଲା ପରିଷଦ ଉପାଧକ୍ଷ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସମାଜ ସେବୀ ବେଣୁଧର ଦାଶ, ସାଂସଦଙ୍କ ପ୍ରତିନିଧି ନଳିନୀ ପଣ୍ଡାଙ୍କ ଦ୍ୱାରା ଜିଲ୍ଲାସ୍ତରରେ ଶୁଭାରମ୍ଭ କରାଯାଇଥିଲା। ଏହି ସଭାରେ ଜିଲ୍ଲାସ୍ତରୀୟ ଅଧିକାର ବୃନ୍ଦ, ସମସ୍ତ ପଞ୍ଚାୟତ ସମିତିର କର୍ମଚାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୃନ୍ଦ, ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗାଁ ସାଥୀ ବୃନ୍ଦ, ଜିଲ୍ଲାର ଜନସାଧାରଣ, ମଜୁରିଆ, ବୁଦ୍ଧିଜୀବୀ, ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନଙ୍କ ସମେତ ବିଭିନ୍ନ ସମ୍ବାଦ ପତ୍ର ଓ ବୈଦ୍ୟୁତିକ ଗଣ ମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। ମୁଖ୍ୟଅତିଥି ତଥା ବିଧାୟକ, ଇଂ.ଜଗଦଳା ଓ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ସେମାନଙ୍କ ଅଭିଭାଷଣରେ ବିକଶିତ ଭାରତ ଜିରାମଜି ୨୦୨୫ର ବୈଶିଷ୍ଟ୍ୟ, ନିର୍ଦ୍ଦେଶାବଳୀ ଓ ନିୟମାବଳୀ ବିଷୟରେ ବିଶଦ ଭାବେ ଅବଗତ କରାଇବା ସହିତ ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରକୁ ୧୨୫ ଦିନର ନିଶ୍ଚିତ ରୋଜଗାର ସହିତ ଗ୍ରାମାଞ୍ଚଳର ଜନସାଧାରଣଙ୍କ ଆବଶ୍ୟକତା ଅନୁଯାୟୀ ଗ୍ରାମାଞ୍ଚଳ ସ୍ଥାୟୀ ଭିତ୍ତିଭୂମି ନିର୍ମାଣ କରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅବଗତ କରାଇଥିଲେ। ବିଧାୟକ ଆହୁରି ପ୍ରକାଶ କଲେ ଯେ ଆବଶ୍ୟକତା ଅନୁଯାୟୀ ସମସ୍ତ କାର୍ଯ୍ୟକାରୀ ସଂସ୍ଥା ମାନଙ୍କୁ ଯଥା ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଲାଇନ୍ ଡିପାର୍ଟମେଣ୍ଟ ମାନଙ୍କୁ ସରକାରଙ୍କ ଦ୍ୱାରା ପାଣ୍ଠି ଉପଲବ୍ଧ କରାଯିବ। ଶେଷରେ ଉପସ୍ଥିତ ସମସ୍ତଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ବିକଶିତ ଭାରତ ଜିରାମଜି ୨୦୨୫ ଉପରେ ବ୍ୟାପକ ଜନ ସଚେତନତା ପାଇଁ ଏହା ଉଦ୍ଦିଷ୍ଟ ଥିଲା।




# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ଭାରତ ପାଖରେ ରହିଛି ବିଶ୍ୱର ଚତୁର୍ଥ ...

ଅଭିଯୋଗ କରିଛନ୍ତି ଯେ, ରାଜସ୍ଥାନରେ କଂଗ୍ରେସର ଶାସନ ୨୦୧୮ରୁ ୨୦୨୩ ବେଳେ ଏହି ରିରିଫାଇନରୀର କାମ ସ୍ଥଗିତ ରହିଥିଲା । ପ୍ରଧାନମନ୍ତ୍ରୀଙ୍କ ମୁତାବିକ , ସରକାର ତୁରନ୍ତ ପ୍ରଧାନମନ୍ତ୍ରୀଙ୍କ ଅନୁଯାୟୀ, ସରକାର ତୁରନ୍ତ ଶିଳ୍ପ ଉଦ୍ଦେଶ୍ୟରେ ବ୍ୟବହୃତ ଏଲପିଜିକୁ ଘରୋଇ ବ୍ୟବହାରରେ ପରିବର୍ତ୍ତନ କରିଛନ୍ତି ଏବଂ ଘରୋଇ ଗ୍ୟାସ ଉତ୍ପାଦନ ବୃଦ୍ଧି କରିବାକୁ ରିଫାଇନରୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି ଯେ ସାତ ଦିନ ମଧ୍ୟରେ ଏଲପିଜି ଉତ୍ପାଦନ ୩୫,୦୦୦ ମେଟ୍ରିକ୍ ଟନରୁ ୫୪,୦୦୦ ମେଟ୍ରିକ୍ ଟନକୁ ବୃଦ୍ଧି ପାଇଛି ।

## ଯୁଦ୍ଧ ବାର୍ତ୍ତା ରୋକିବାକୁ ଇରାନ ...

ହଟାଯାଇଥିଲା । ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ୍ ଏହି ଯୁଦ୍ଧରେ ଅନେକ ଥର ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତିଛନ୍ତି । ଅଧିକାରୀଙ୍କ ସୂଚନା ଅନୁଯାୟୀ, ଗାଲିବାଫ୍ ୨୦୨୫ର ୧୨ ଦିନିଆ ଯୁଦ୍ଧ ଏବଂ ଚଳିତ ବର୍ଷର ସଂଘର୍ଷ ସମୟରେ ଦୁଇ ଦୁଇ ଥର ଇସ୍ରାଏଲ୍ ବୋମା ବିସ୍ଫୋରଣର ଧ୍ୱଂସାବଶେଷ ତଳେ ଚାପି ହୋଇଯାଇଥିଲେ, ଯେଉଁଠାରୁ ତାଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଥିଲା । ନିକଟରେ ଯେତେବେଳେ ଗାଲିବାଫ୍ ଆମେରିକାର ଉପରାଷ୍ଟ୍ରପତି ଜେଡି ଭେନ୍ସଙ୍କ ସହ ଆଲୋଚନା ସାରି ତେହେରାନ ଫେରୁଥିଲେ, ସେତେବେଳେ ଇରାନ ଗୁପ୍ତଚର ସଂସ୍ଥା ଏକ ବଡ଼ ସୂଚନା ପାଇଥିଲା । ସୂଚନା ଅନୁଯାୟୀ, ଇସ୍ରାଏଲ୍ ତାଙ୍କ ବିମାନକୁ ଆକାଶରେ ହିଁ ଉଡ଼ାଇ ଦେବାକୁ ଯୋଜନା କରିଥିଲା ଏବଂ ଦୁଇଟି ଇସ୍ରାଏଲୀ ଯୁଦ୍ଧ ବିମାନ ଇରାନ ଆକାଶସୀମାରେ ପ୍ରବେଶ କରିସାରିଥିଲେ । ଏହାପରେ ଗାଲିବାଫଙ୍କ ବିମାନକୁ ପାକିସ୍ତାନ ସୀମା ନିକଟ ମଶହଦ୍ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରାଯାଇଥିଲା ଏବଂ ସେ ସଡ଼କ ପଥରେ ତେହେରାନରେ ପହଞ୍ଚିଥିଲେ ।

**ଇସ୍ରାଏଲ ଏବଂ ଆମେରିକା ମଧ୍ୟରେ ବଢ଼ିଲା ମତଭେଦ :**

ଏହି ଖୁଲାସାରୁ ସ୍ପଷ୍ଟ ଜଣାପଡୁଛି ଯେ ଯୁଦ୍ଧ ଆରମ୍ଭରେ ଏକାଠି ଥିବା ଆମେରିକା ଏବଂ ଇସ୍ରାଏଲର ପନ୍ଥା ଏବେ ଅଲଗା ହୋଇଯାଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜ୍ୱାଇଁ ଜେରେଡ୍ କୁଶନର୍ ଏବଂ ଷ୍ଟିଭ୍ ୱିଟକଫଙ୍କ ନେତୃତ୍ୱରେ ଆମେରିକୀୟ ପ୍ରତିନିଧି ଦଳ ଇରାନ ସହ ଆଲୋଚନାକୁ ଆଗକୁ ବଢ଼ାଇବାକୁ ଚାହୁଁଛନ୍ତି । ଜୁନ୍ ମାସରେ ଦୁଇ ଦେଶ ମଧ୍ୟରେ ହୋର୍ମୁଜ୍ ପ୍ରଣାଳୀକୁ ପୁଣି ଥରେ ଖୋଲିବା ଏବଂ ପରମାଣୁ କାର୍ଯ୍ୟକ୍ରମ ଉପରେ ଆଲୋଚନା ପାଇଁ ଏକ ଫ୍ରେମୱାର୍କ ଚୁକ୍ତି ମଧ୍ୟ ହୋଇସାରିଛି ।ଇସ୍ରାଏଲ୍ ଅଧିକାରୀ ଏବଂ ବିଶେଷଜ୍ଞମାନେ ଏହି ପ୍ରାଥମିକ ଚୁକ୍ତିକୁ ଏକ 'ବଡ଼ ବିପତ୍ତି' ବୋଲି ମାନୁଛନ୍ତି । ଇସ୍ରାଏଲର କହିବା କଥା ଯେ, ଏହି ଚୁକ୍ତି ଦ୍ୱାରା ଇରାନକୁ କୋଟି କୋଟି ଡଲାର ମିଳିବ, ଯାହାଫଳରେ ସେ ପୁଣି ଶକ୍ତିଶାଳୀ ହୋଇଯିବ । ଇସ୍ରାଏଲର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଇରାନରେ ସତ୍ତା ପରିବର୍ତ୍ତନ, ତାର ମିସାଇଲ୍ କାର୍ଯ୍ୟକ୍ରମକୁ ଧ୍ୱଂସ କରିବା ଏବଂ ହିଜବୁଲ୍ଲା-ହମାସ ଭଳି ପ୍ରକ୍ସି ସଂଗଠନକୁ ସମ୍ପୂର୍ଣ୍ଣ ଶେଷ କରିବା । ଏହାପୂର୍ବରୁ ଇସ୍ରାଏଲର ମିସାଇଲ ଆକ୍ରମଣରେ ଇରାନର ଜାତୀୟ ସୁରକ୍ଷା ଅଧିକାରୀ ଅଲି ଲାରିଜାନୀ ଏବଂ ପୂର୍ବତନ ବୈଦେଶିକ ମନ୍ତ୍ରୀ କମାଲ ଖରାଜୀଙ୍କ ମୃତ୍ୟୁ ହୋଇଥିଲା । ଏହି ଦୁଇ ନେତା ତୁଳନାତ୍ମକ ଭାବେ ଉଦାରବାଦୀ ଥିଲେ ଏବଂ ଆମେରିକା ସେମାନଙ୍କ ସହ ଆଲୋଚନା ପାଇଁ ଆଶା ରଖିଥିଲା, କିନ୍ତୁ ଆଲୋଚନା ଚାଲିଥିବା ସମୟରେ ହିଁ ଇସ୍ରାଏଲ ସେମାନଙ୍କୁ ହତ୍ୟା କରିଥିଲା । ଏଭଳି ଜୀବନ ପ୍ରତି ବିପଦ ଥିବା ସତ୍ତ୍ୱେ ଇରାନ ନେତାମାନେ ପଛକୁ ହଟିବାକୁ ପ୍ରସ୍ତୁତ ନାହାନ୍ତି । ମେ' ମାସରେ ମଧ୍ୟ ଆରାଘଚି ଏବଂ ଗାଲିବାଫ୍ ଶାନ୍ତି ଆଲୋଚନା ପାଇଁ କତାର ଏବଂ ସ୍ୱିଜରଲ୍ୟାଣ୍ଡ ଗସ୍ତ କରିଥିଲେ । ବର୍ତ୍ତମାନ ହ୍ୱାଇଟ୍ ହାଉସ୍ ଯେକୌଣସି ପରିସ୍ଥିତିରେ ଏହି ଶାନ୍ତି ପ୍ରକ୍ରିୟାକୁ ସଫଳ କରିବା ପାଇଁ ସମସ୍ତ ଚେଷ୍ଟା ଚଳାଇଛି ।

## ରାମ ମନ୍ଦିର ଦାନ ଅର୍ଥ ଚୋରି ...

କରୁଛନ୍ତି । ତଦନ୍ତ ପ୍ରକ୍ରିୟାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଝିଓଞ୍ଜ ପକ୍ଷରୁ 'ତୀର୍ଥଯାତ୍ରୀ ସୁବିଧା କେନ୍ଦ୍ର' ପରିସରରେ ଏକ ଅସ୍ଥାୟୀ କ୍ୟାମ୍ପ୍ ଅଫିସ୍ ପ୍ରତିଷ୍ଠା କରାଯାଇଛି । ଏହି କାର୍ଯ୍ୟାଳୟରୁ ହିଁ କ୍ରମାଗତ ଭାବେ ଅଭିଯୁକ୍ତ ଓ ସନ୍ଦିଗ୍ଧମାନଙ୍କୁ ପଚରାଉଚରା କରାଯିବା ସହ କାଗଜପତ୍ର ଯାଞ୍ଚ କରାଯାଉଛି । ଏହି ମାମଲାରେ ଆଗାମୀ ଦିନରେ ଅନେକ ବଡ଼ ଧରଣର ଖୁଲାସା ହେବାର ସମ୍ଭାବନା ରହିଛି । ପୁଲିସ ଏହି ମାମଲାରେ ୮ ଜଣ କର୍ମଚାରୀ ଏବଂ ଜଣେ ଅଜଣା ବ୍ୟକ୍ତିଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାହାକୁ ଆନୁଷ୍ଠାନିକ ଭାବେ ମୁଖ୍ୟ ଅଭିଯୁକ୍ତ ଦର୍ଶାଇ ନାହିଁ । ତେବେ ତଦନ୍ତରୁ ଏକ ବଡ଼ ତଥ୍ୟ ସାମ୍ନାକୁ ଆସିଛି । ପୁଲିସର ଜବତ ତାଲିକା ଅନୁଯାୟୀ, ଅଭିନାଶ ଶୁକ୍ଳାଙ୍କ ପାଖରୁ ସବୁଠାରୁ ଅଧିକ ୨୦ ଲକ୍ଷ ନଗଦ ଟଙ୍କା ଏବଂ ୧,୧୨୧ ୟୁଏସ୍ ଡଲାର ଜବତ କରାଯାଇଛି । ତେଣୁ ସେ ହିଁ ଏହି ସ୍କାମର ମୁଖ୍ୟ ନାୟକ ବୋଲି ସନ୍ଦେହ କରାଯାଉଛି । ତଦନ୍ତରୁ ଜଣାପଡ଼ିଛି ଯେ, କୌଶଲପୁରୀ ଅଞ୍ଚଳରେ ଟଙ୍କା ଭାଗବଣ୍ଟା ଚାଲିଥିଲା, ଯେଉଁଠି ଅଭିନାଶ ତାଙ୍କ ଭାଇ ଅଭିଷେକ ସହ ରହୁଥିଲେ । ଦାନ ବାକ୍ସରୁ ସବୁଠାରୁ ଅଧିକ ନଗଦ ଟଙ୍କା ଅଭିନାଶ ହିଁ ଚୋରି କରୁଥିଲା । ଅନ୍ୟ ଏକ ସନ୍ଦିଗ୍ଧ 'ଟିନୁ' ପୁଲିସ ଆଗରେ ସ୍ୱୀକାର କରିଛି ଯେ, ସେ ହଠାତ୍ ଟଙ୍କା ଗଣତି ରୁମ୍ରେ ପହଞ୍ଚି ନଜର ରଖୁଥିଲା ଯେମିତି ଅନ୍ୟ କର୍ମଚାରୀମାନେ ଅଧିକ ଟଙ୍କା ହେରଫେର ନକରିଦିଅନ୍ତୁ ।

## ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗ ...

ନକରି ଆଧୁନିକ, ବୈଜ୍ଞାନିକ, ଧର୍ମ ନିରପେକ୍ଷ ପାଠ୍ୟକ୍ରମ ପ୍ରଚଳନ କରିବାକୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା ଦାବି କରିଛନ୍ତି । ସୂଚନାଯୋଗ୍ୟ, ଗତ ସପ୍ତାହରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ, ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର ହେବ ଏବଂ ଛାତ୍ରଛାତ୍ରୀଙ୍କୁ ନୂତନ ସଂଶୋଧିତ ପାଠ୍ୟପୁସ୍ତକ ଦିଆଯିବ । ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଦିନକ ତଳେ ଗଣମାଧ୍ୟମରେ କହିଲେ ଏବର୍ଷ ତ୍ରୁଟିପୂର୍ଣ୍ଣ ବହିରେ ପାଠପଢ଼ା ହେବ । ବିଦ୍ୟାଳୟକୁ ସଂଶୋଧିତ ତଥ୍ୟ ପୁସ୍ତିକା ପ୍ରଦାନ କରାଯିବ ବୋଲି କହିଥିଲେ ।

## ଥାନା ପରିସର କ୍ୱାର୍ଟର ଭିତରୁ ଝୁଲନ୍ତା ...

ସଂଗ୍ରହ କରାଯାଇଛି । ଗଲା କିଛି ମାସ ତଳେ ଇନ୍ସପେକ୍ଟର ବିଉଟି ମହାନ୍ତି ଚାଉଳିଆଗଞ୍ଜ ଥାନାରେ ଦାୟିତ୍ୱ ନେଇଥିଲେ । ଏହା ପୂର୍ବରୁ ସେ କଟକ ମହିଳା ଥାନା, ଭୁବନେଶ୍ୱର ପାହାଳ ଥାନା, କଟକ ମର୍କତନଗର ଥାନାରେ ଇନ୍ସପେକ୍ଟର ଭାବେ ଦାୟିତ୍ୱ ତୁଲାଇଥିଲେ । ତାଙ୍କର ଗୋଟିଏ ପୁଅ ଅଛି । କଟକ ସଦର ଥାନା ଅଞ୍ଚଳରେ ଥିବା ବାପ ଘରେ ନିକଟରେ ପୁଅର ଜନ୍ମଦିନ ପାଳନ କରିଥିଲେ । ବ୍ୟବସାୟୀ ସ୍ୱାମୀ କଟକ ବାହାରେ ରୁହନ୍ତି । ତେବେ ଆତ୍ମହତ୍ୟା ପଛର ସଠିକ କାରଣ ଜଣାପଡିନାହିଁ । ଇନ୍ସପେକ୍ଟର ବିଉଟି ମହାନ୍ତି ମୁଣ୍ଡ ବିନ୍ଧା (ସାଇନୋ ସାଇଡ) ରୋଗରେ ପୀଡ଼ିତ ଥିଲେ ବୋଲି କିଛି ସହକର୍ମୀ କହିଛନ୍ତି । ପ୍ରାୟ ସମୟ ସେ ମୁଣ୍ଡ ବିନ୍ଧା ଔଷଧ ମଧ୍ୟ ଖାଉଥିଲେ । ମୁଣ୍ଡ ବିନ୍ଧା ଉପରେ ଅତ୍ୟଧିକ କାମ ଚାପ ଯୋଗୁଁ ସେ ବ୍ୟତିବ୍ୟସ୍ତ ହୋଇପଡୁଥିଲେ । ଏମିତିକି ନିଜର ଶାରୀରିକ ଅସୁସ୍ଥତା ପାଇଁ ସେ ଚାଉଳିଆଗଞ୍ଜ ଥାନାରୁ ଅନ୍ୟତ୍ର ବଦଳି ପାଇଁ ଡିସିପିଙ୍କୁ ଆବେଦନ ମଧ୍ୟ କରିଥିଲେ ବୋଲି ସୂଚନା ମିଳିଛି । ଅନ୍ୟପଟେ, ପାରିବାରିକ ବିବାଦ ଉପରେ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି । ତେବେ ତାଙ୍କ ମୋବାଇଲର କଲ ରେକର୍ଡ଼ ବାହାର କରି ମୃତ୍ୟୁର କାରଣ ଖୋଜିବା ପାଇଁ ପୁଲିସ ଉଦ୍ୟମ କରିବା ସହ ତାଙ୍କ ଭଳି ଜଣେ ଦାୟିତ୍ୱବାନ ଅଧିକାରୀଙ୍କୁ ପୁଲିସ ବିଭାଗ ହରାଇଲା ବୋଲି ଏସିପି ଶ୍ରୀ ଜେନା କୋହଭରା କଣ୍ଠରେ କହିଛନ୍ତି ।

## କେନ୍ଦ୍ର ମନ୍ତ୍ରୀମଣ୍ଡଳ ଅଦଳବଦଳର ...

ବ୍ୟକ୍ତି, ଗୋଟିଏ ପଦ' ନୀତି ଆଧାରରେ ସେମାନଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦେବା ପ୍ରକ୍ରିୟା ଆରମ୍ଭ ହୋଇଛି । ଅନ୍ୟପଟେ, ଜୁନ୍ ୨୧ରେ ରାଜ୍ୟସଭା କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ପଞ୍ଜାବ, ବିଧାନସଭା ନିର୍ବାଚନ ରଣନୀତିକୁ ଦୃଷ୍ଟିରେ ରଖି କେନ୍ଦ୍ରମନ୍ତ୍ରୀ ରବନୀତ ସିଂହ ବିଟ୍ଟୁଙ୍କୁ ବର୍ତ୍ତମାନ ପାଇଁ ପଦରେ ବଜାୟ ରଖିବାକୁ ଶୀର୍ଷ ନେତୃତ୍ୱ ନିର୍ଦ୍ଦେଶ ଦେଇଛନ୍ତି । ନିକଟରେ କେନ୍ଦ୍ରମନ୍ତ୍ରୀ ଜର୍ଜ କୁରିଆନଙ୍କ ଇସ୍ତଫା ଏବଂ ସାଂଗଠନିକ ପଦବି କାରଣରୁ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନକୁ ପୂରଣ କରିବା ଏହି ଅଦଳବଦଳର ମୁଖ୍ୟ ଉଦ୍ଦେଶ୍ୟ । ଏହି ପୁନର୍ଗଠନ ପ୍ରକ୍ରିୟାରେ କେତେକ ରାଷ୍ଟ୍ରମନ୍ତ୍ରୀ ମଧ୍ୟ ସାଂଗଠନିକ କାର୍ଯ୍ୟକୁ ଫେରିବା ନେଇ ଆଲୋଚନା ହୋଇଛି । ଆଗାମୀ ଅଦଳବଦଳରେ କେତେକ ପ୍ରମୁଖ ବିଭାଗରେ ବଡ଼ ଓଲଟପାଲଟ ହୋଇପାରେ । ବର୍ତ୍ତମାନର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମଣଙ୍କୁ ଶିକ୍ଷା ମନ୍ତ୍ରଣାଳୟର ଦାୟିତ୍ୱ ମିଳିପାରେ । ତାଙ୍କ ସ୍ଥାନରେ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ କିମ୍ବା ଆରବିଆଇର ପୂର୍ବତନ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କୁ ନୂଆ ଅର୍ଥମନ୍ତ୍ରୀ କରାଯିବା ନେଇ ଅଧିକ ଚର୍ଚ୍ଚା ହେଉଛି । ନିଟ୍ ପରୀକ୍ଷା ବିବାଦ କାରଣରୁ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଥିବା ବେଳେ ନୀତୀନ ଗଡ଼କରୀଙ୍କୁ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟରୁ ଅନ୍ୟ ବିଭାଗକୁ ବଦଳି କରାଯାଇପାରେ । ଏହା ସହିତ ଶିବସେନାର ଶ୍ରୀକାନ୍ତ ସିନ୍ଦେ, ଅନୁରାଗ ଠାକୁର ଏବଂ ଅନ୍ୟ କେତେକ ସହଯୋଗୀ ଦଳର ପ୍ରମୁଖ ନେତାଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯିବା ନେଇ ଆଲୋଚନା ଚାଲିଛି । ଜୁଲାଇ ୬ରୁ ୧୧ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ ଏବଂ ନିଉଜିଲାଣ୍ଡ ଗସ୍ତ କାର୍ଯ୍ୟକ୍ରମ ରହିଛି । ତେଣୁ ସେ ବିଦେଶ ଗସ୍ତରୁ ଫେରିବା ପରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ । ଏହି ପୁନର୍ଗଠନ ମାଧ୍ୟମରେ ମହିଳା, ଓବିସି ସମୁଦାୟ ଏବଂ ଆଗାମୀ ବର୍ଷ ନିର୍ବାଚନ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ରାଜ୍ୟଗୁଡ଼ିକୁ ଅଧିକ ପ୍ରତିନିଧିତ୍ୱ ପ୍ରଦାନ କରିବା ପାଇଁ ବିଜେପି ରଣନୀତି ପ୍ରସ୍ତୁତ କରିଛି ।

## ପୂର୍ତ୍ତ ବିଭାଗ ପକ୍ଷରୁ ଏଏସ୍‌ଆଇକୁ ଚିଠି : ଶ୍ରୀମନ୍ଦିରରେ ହେବ ବୈଷୟିକ ଯାଞ୍ଚ

**ପୁରୀ (ଏନ୍.ଏମ୍.):** ଜୁଲାଇ ୧୮ରୁ ଶ୍ରୀମନ୍ଦିରରେ ହେବ ବୈଷୟିକ ଯାଞ୍ଚ । ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ବୈଷୟିକ କମିଟି ସଦସ୍ୟ ଓ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣର ସଦସ୍ୟ ମାନେ ମିଳିତ ଯାଞ୍ଚ କରିବେ । ଜୁଲାଇ ୧୮ ତାରିଖ ପୂର୍ବାହ୍ନ ୧୦ ଟା ୩୦ ରୁ ଏହି ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହେବ । ଏନେଇ ପୂର୍ତ୍ତ ବିଭାଗ ତରଫରୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା, ଏ ଏସ ଆଇକୁ ଚିଠି କରାଯାଇଛି । ଯାଞ୍ଚ ପରେ ପର୍ଯ୍ୟବେକ୍ଷଣକୁ ନେଇ ଏକ ବୈଠକ ମଧ୍ୟ ଅନୁଷ୍ଠିତ ହେବ । ତେବେ ଏହା ଏକ ରୁଟିନ ଯାଞ୍ଚ ପ୍ରକ୍ରିୟା । ପ୍ରତ୍ୟେକ ବର୍ଷ ମହାପ୍ରଭୁ ଶ୍ରୀଗୁଣ୍ଡିଚା ଯାତ୍ରା କରିବା ସମୟରେ ଶ୍ରୀମନ୍ଦିରରେ ଏହି ଯାଞ୍ଚ ପ୍ରକ୍ରିୟା କରାଯାଇଥାଏ ।

# କାରାଗାରରେ ବଢୁଛି ଏଚଆଇଭି ପଜିଟିଭଙ୍କ ସଂଖ୍ୟା

**ଚୌଦ୍ୱାର(ଏନ୍.ଏମ୍.):** ରାଜ୍ୟରେ ଏବେ ଦିନକୁ ଦିନ ଏଚଆଇଭି (ଏଡ୍‌ସ) ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ବିଶେଷ କରି କାରାଗାର ଭିତରେ ବନ୍ଦୀ ଜୀବନ ବିତାଉଥିବା କଏଦୀମାନଙ୍କ ମଧ୍ୟରେ ଏହି ସଂଖ୍ୟା ବୃଦ୍ଧି ଘଟିବା ଭଳି ସଙ୍ଗୀନ ସୂଚନା ମିଳିଛି । ବିଶେଷକରି ରାଜଧାନୀ ଭୁବନେଶ୍ୱର ସ୍ଥିତ ଝାରପଡ଼ା ଜେଲରେ ୮ଜଣ କଏଦୀ ଏଚଆଇଭି ସଂକ୍ରମିତ ଥିବା ଜଣାପଡ଼ିଥିବାବେଳେ ସମଗ୍ର ରାଜ୍ୟରେ ଥିବା ଜେଲ ମାନଙ୍କରେ ଏଚଆଇଭି ପରୀକ୍ଷା କଡ଼ାକଡ଼ି କରାଯାଇଛି । ତେବେ ଏହି ମାରାତ୍ମକ ରୋଗ କିଭଳି ସଂକ୍ରମିତ ନହେବ ଏନେଇ ସରକାର ଓ ପ୍ରଶାସନର ନିଦ ହଜିଯାଇଛି । ଝାରପଡ଼ା ଜେଲରେ ଜଣେ ନାବାଳିକା ଦୁଷ୍କର୍ମ ମାମଲାରେ ଜଡ଼ିତ ଥିବା କଏଦୀଙ୍କ ଦେହରେ ଏଚଆଇଭି ପଜିଟିଭ ଥିବା ଜଣାପଡ଼ିଥିଲା । ତେବେ ଏହି ପରିପ୍ରେକ୍ଷୀରେ ଚୌଦ୍ୱାର ମଣ୍ଡଳ କାରାଗାରରେ ମଧ୍ୟ ବନ୍ଦୀଜୀବନ କଟାଉଥିବା କଏଦୀମାନଙ୍କର ଏଚଆଇଭି ପରୀକ୍ଷା କରାଯାଇଥିଲା । ଚୌଦ୍ୱାର କାରାଗାରରେ ମଧ୍ୟ ୫ଜଣ




ଝାରପଡ଼ାରେ ୮ ଓ ଚୌଦ୍ୱାର ଜେଲରୁ ୫ ଚିହ୍ନଟ

କଏଦୀ ଏଚଆଇଭି ପଜିଟିଭ ଚିହ୍ନଟ ହେବା ପରେ ସମଗ୍ର ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ଜେଲ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସଜାକାଟୁଥିବା କଏଦୀଙ୍କ ମଧ୍ୟରୁ ୨ଜଣ ଏବଂ ବିଚାରଧୀନ କଏଦୀଙ୍କ ମଧ୍ୟରୁ ୩ଜଣ ଏଚଆଇଭି ଆକ୍ରାନ୍ତ ଥିବା ଜଣାପଡ଼ିଛି । ତେବେ ସମସ୍ତ ଆକ୍ରାନ୍ତ ପୁରୁଷ ବୋଲି ଜେଲ ପକ୍ଷରୁ ସୂଚନା ଦିଆଯାଇଛି । ଏଠାରେ ପ୍ରଶ୍ନ ଉଠୁଛି ଯେ, ଜେଲ ଭିତରେ ଏଭଳି ମାରାତ୍ମକ ଭୂତାଣୁ ସଂକ୍ରମିତ ହେଉଛି କିଭଳି । ଇଞ୍ଜେକସନ ଛୁଞ୍ଚି, ରକ୍ତ ଆଦାନ ପ୍ରଦାନ, କିମ୍ବା ସ୍ତନ୍ୟପାନ ଆଦିରେ ଏହି ଭୂତାଣୁ ବ୍ୟାପିବାର ଯଥେଷ୍ଟ ସମ୍ଭାବନା ଥିବାବେଳେ ଜେଲ ପରିସର ମଧ୍ୟରେ ଏସବୁ ହେଉନଥିବାବେଳେ ଯୌନ ସମ୍ପର୍କ ଉପରେ ଲୋକଙ୍କ ସନ୍ଦେହ ସୃଷ୍ଟି ହେଉଛି । ଅନ୍ୟପକ୍ଷରେ କାରାଗାରରେ ସମସ୍ତ ଚିହ୍ନଟ ହୋଇଥିବା ସଂକ୍ରମିତ ସମସ୍ତେ ପୁରୁଷ ହୋଇଥିବାବେଳେ ଅପ୍ରାକୃତିକ ଯୌନ ସମ୍ପର୍କକୁ ଏଡ଼ାଇ ଦିଆଯାଇନପାରେ । ଯାହାର ଜ୍ୱଳନ୍ତ ପ୍ରମାଣ ମିଳିଛି ଗତ କିଛିଦିନ ତଳେ । ଅର୍ଥାତ ଯୋଗ ଦିବସ ଦିନ ଜଣେ କଏଦୀଙ୍କୁ ପୂର୍ବତନ ସର୍ଦ୍ଦାର ଅପ୍ରାକୃତିକ ଯୌନ ସମ୍ପର୍କ ବେଳେ ଧରାପଡ଼ିଥିବା ଘଟଣା ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି । ତେଣୁ ଜେଲ ଭିତରେ ଯୋର ଯାର ମୁଲକ ତାର ନୀତିରେ କିଛି କଏଦୀ ନୂଆ ନୂଆ କଏଦୀଙ୍କୁ ର୍‍ୟାଗିଂ କରିବା ଭଳି ଜବରଦସ୍ତ ଅପ୍ରାକୃତିକ ଯୌନ ସମ୍ପର୍କ ରଖୁଥିବା ଯୋଗୁଁ ଏହି ମାରାତ୍ମକ ଭୂତାଣୁ ବ୍ୟାପିବାରେ ଲାଗିଛି ବୋଲି ଚର୍ଚ୍ଚା ହେଉଛି । ଏ ନେଇ କାରାଗାରର ଜଣେ କର୍ମଚାରୀଙ୍କୁ ପଚାରିବାରେ ମଣିଷ ଗୋଟିଏ ସାମାଜିକ ପ୍ରାଣୀ ହୋଇଥିବାବେଳେ ସେମାନଙ୍କ ଭିତରେ ଯୌନ ଲାଳସା ବୃଦ୍ଧି ପାଉଛି । ଦୀର୍ଘ ଦିନ ଧରି ସେମାନେ ପରିବାର ଠାରୁ ଅଲଗା ରହୁଥିବା ଯୋଗୁଁ ନିଜର ଯୌନ ପିପାସା ମେଣ୍ଟାଇବା ପାଇଁ ଅପ୍ରାକୃତିକ ଯୌନ ସମ୍ପର୍କ ରଖିବା ସମ୍ଭାବନା ରହିଛି । ସରକାର ଓ ପ୍ରଶାସନ ଯେତେ କଟକଣା କଲେ ବି ଏହା ରୋକିବା ଅସମ୍ଭବ ହୋଇ ପଡୁଛି ବୋଲି ନିଜ ନାମ ଗୋପନ ରଖି ଏହା କହିଛନ୍ତି । ଅନ୍ୟପକ୍ଷରେ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି ପକ୍ଷରୁ ପ୍ରତି ସପ୍ତାହରେ ନୂତନ ଭାବେ ଆସୁଥିବା କଏଦୀମାନଙ୍କର ଏଚଆଇଭି ପରୀକ୍ଷା କରାଯିବା ସହ ଚିହ୍ନଟ ବ୍ୟକ୍ତିଙ୍କୁ ସ୍ୱତନ୍ତ୍ର ଚିକିତ୍ସା କରାଯାଉଥିବା ଜେଲ କର୍ତ୍ତୃପକ୍ଷ କହିଛନ୍ତି । ଏଥିସହିତ ଜେଲରେ ଚିହ୍ନଟ ହୋଇଥିବା ଏଚଆଇଭି ଆକ୍ରାନ୍ତମାନେ ଜେଲକୁ ଆସିବା ପୂର୍ବରୁ ସେମାନଙ୍କ ଦେହରେ ଏହି ଭୂତାଣୁ ପଜିଟିଭ ଥିବା କହିଛନ୍ତି ଏବଂ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ମେଡ଼ିକାଲ ୱାର୍ଡ଼ରେ ରଖି ଚିକିତ୍ସା କରାଯିବା ସହ ଏନେଇ ସଚେତନତା କରାଯାଉଥିବା କହିଛନ୍ତି ।

### ବିଧାୟକଙ୍କ ରାଜନୀତିରେ ବଳି ପଡୁଛି ଚୌଦ୍ୱାର

## ପୌରପରିଷଦକୁ ଅଚଳ କରିବା ପାଇଁ ଚାଲିଛି ଚକ୍ରାନ୍ତ

**ଚୌଦ୍ୱାର (ଏନ୍.ଏମ୍.):** କଟକ ଜିଲ୍ଲାର ଏକମାତ୍ର ପୌରପାଳିକା ଚୌଦ୍ୱାରରେ ଏବେ ଗାଲିଛି ବିଧାୟକଙ୍କ ରାଜନୀତି । ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ ବିଧାୟକ ସୌଭିକ ବିଶ୍ୱାଳ ବିଜେଡିରୁ ଜିତିଥିଲେ ବି ଦଳ ସହ ଧୋକାଦେଇ ଦଳରୁ ବହିଷ୍କୃତ ହୋଇଛନ୍ତି । ତେବେ ସେ ଅନ୍ୟ କୌଣସି ଦଳରେ ବିଧିବଦ୍ଧ ଭାବେ ନମିଶିଥିବା ବେଳେ ବିଧାୟକ ଶ୍ରୀ ବିଶ୍ୱାଳ ଓ ତାଙ୍କ ପିତା ତଥା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ନେଇ ଏବେ ରାଜନୀତି ସରଗମ ହୋଇ ଉଠିଛି । ଆରୋପ ପ୍ରତ୍ୟାରୋପ ଭଳି ରାଜନୈତିକ ଶୀତଳ ଯୁଦ୍ଧ ଆରମ୍ଭ ହୋଇଯାଇଥିବାବେଳେ ଏଭଳି ରାଜନୀତି ଯୋଗୁଁ ଚୌଦ୍ୱାର ପୌରପାଳିକା ଏଥିରେ ବଳି ପଡ଼ି ଯାଉଛି ବୋଲି ଚର୍ଚ୍ଚା ହେଉଛି । ଆଜି ଚୌଦ୍ୱାର ପୌର ପରିଷଦ ବୈଠକ ବାତିଲ ହେବା ଘଟଣା ଏଠାରେ ରାଜନୈତିକ ଗୋଷ୍ଠି କନ୍ଦଳକୁ ସ୍ପଷ୍ଟ କରୁଛି । ଆଗକୁ ଚୌଦ୍ୱାରରେ ରଥଯାତ୍ରା ଠାରୁ ଆରମ୍ଭ କରି ସ୍ୱାଧୀନତା ଦିବସ, ସ୍ୱାୟତ୍ତଶାସନ ଦିବସ ଭଳି ସରକାରୀ କାର୍ଯ୍ୟକ୍ରମ ରହିଥିବାବେଳେ ପୌରାଧିବାସୀଙ୍କ ସମସ୍ୟା ମଧ୍ୟ ଖୁନ୍ଦି ହୋଇ ରହିଛି । ତେବେ ସମାଧାନ ପାଇଁ ପୌର ପରିଷଦ ବୈଠକର ଯଥେଷ୍ଟ ଗୁରୁତ୍ୱ ଥିବାବେଳେ ଶେଷ ମୁହୂର୍ତ୍ତରେ ବାତିଲ ହେବା ଯୋଗୁଁ ଚୌଦ୍ୱାର ପୌରାଞ୍ଚଳରେ ଜନହୀତକର କାର୍ଯ୍ୟ ସମ୍ପୂର୍ଣ୍ଣ ଠପ ହୋଇଯିବ ବୋଲି ଆଲୋଚନା ହେଉଛି । ତେବେ ପୌରାଧ୍ୟକ୍ଷାଙ୍କ ମନମାନି ଓ ଏକତରଫା ନୀତି ଯୋଗୁଁ ପୌରପାଳିକାରେ ନିୟମିତ ବୈଠକ ହୋଇ ପାରୁନଥିବା ଅଭିଯୋଗ ଉଠାଇଛନ୍ତି କିଛି ନିର୍ବାଚିତ କାଉନସିଲର । ଗତବର୍ଷ ମାତ୍ର ୫ଟି ସାଧାରଣ ବୈଠକ ହୋଇଥିବାବେଳେ ଚଳିତ ବର୍ଷ ଆରମ୍ଭରୁ ଏଯାବତ ମାତ୍ର ଗୋଟିଏ ବୈଠକ ହୋଇଛି । ଆଜି ହେବାକୁ ଥିବା ବୈଠକ ପାଇଁ ଯେଉଁ ନୋଟିସ ହୋଇଛି ତାହା ଅତ୍ୟନ୍ତ ତରବରିଆ ଭାବେ କରାଯାଇଛି । ଓଡ଼ିଶା ମ୍ୟୁନିସିପାଲଟି ଆକ୍ଟ ୧୯୫୦ ଅନୁଯାୟୀ ସାଧାରଣ ଅଧିବେଶନ ନିମନ୍ତେ ୩ଦିନ ପୂର୍ବରୁ କାଉନସିଲରଙ୍କ ନିକଟକୁ ଏଜେଣ୍ଡା ଯିବ । ଏଥି ସହିତ ବିଧାୟକ ଓ ସାଂସଦଙ୍କୁ ଅବଗତ କରାଯାଇ ସେ ଯେଉଁ ତାରିଖ ନିର୍ଣ୍ଣୟ କରିବେ ସେହି ଦିନ ବୈଠକ ହେବ । ମାତ୍ର ଗୋଟିଏ ଦିନ ପୂର୍ବରୁ କାଉନସିଲରଙ୍କୁ ଏହି ନୋଟିସ ଦିଆଯିବା ଏବଂ ସାଂସଦ ଓ ବିଧାୟକ ଅବଗତ ନଥିବା ଦର୍ଶାଇ ଉପନଗରପାଳ ଶୁଭେନ୍ଦୁ ସାମଲଙ୍କ ସମେତ କିଛି କାଉନସିଲର ବୈଠକକୁ ଆସିନଥିଲେ । ଫଳରେ ପୌରାଧ୍ୟକ୍ଷା ଏହି ବୈଠକକୁ ବାତିଲ କରିଦେଇଥିବା ଜଣାପଡ଼ିଛି । ସେହିଭଳି ଏ ସଂକ୍ରାନ୍ତରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କୁ ଯୋଗାଯୋଗ କରିବାରେ ଏସଆଇଆର କାମକୁ ଗୁରୁତ୍ୱ ଦିଆଯାଉଥିବାରୁ ଏହି ବୈଠକରେ ବିଳମ୍ବ ହେଉଥିଲା । ତେବେ ପୌର ନିର୍ବାହୀ ଅଧିକାରୀଙ୍କ ପରାମର୍ଶ କ୍ରମେ ଆଜି ଦିନକୁ ବୈଠକ ପାଇଁ ସ୍ଥିର କରାଯାଇଥିଲା । ଏଥିପାଇଁ ଚିଠି ନମ୍ବର ୨୩୨୬/ତା ୦୧/୦୭/୨୦୨୬ରେ ନୋଟିସ କରାଯାଇଥିଲା । କିନ୍ତୁ ଲଗାଣ ବର୍ଷା ଯୋଗୁଁ ପୌର କର୍ମଚାରୀ ସେହିଦିନ ସମସ୍ତ ଠିକଣାରେ ନୋଟିସ ପହଞ୍ଚାଇ ପାରିନଥିଲେ । ତେଣୁ ସମସ୍ତ କାଉନସିଲର, ବିଧାୟକଙ୍କ ପ୍ରତିନିଧି, ବିଧାୟକ ଓ ସାଂସଦଙ୍କ ହ୍ୱାଟସଆପରେ ମଧ୍ୟ ପ୍ରେରଣ କରାଯାଇଛି । ତେବେ ଶ୍ରୀମତୀ ସାମଲ ଚୌଦ୍ୱାର ପୌରାଧ୍ୟକ୍ଷା ଭାବେ ଦାୟିତ୍ୱ ନେବା ଦିନ ଠାରୁ ଚୌଦ୍ୱାରର ଉନ୍ନତି କରଣ ନିମନ୍ତେ ତାଙ୍କର ଆନ୍ତରିକତା ଦେଖିବାକୁ ମିଳିଥିବା ବହୁ କାଉନସିଲର ଅଭିଯୋଗ ଆଣିଛନ୍ତି ।

### ଚହଟା ଛକରୁ ମଧୁସେତୁ ପର୍ଯ୍ୟନ୍ତ ୬ ଲେନ୍ ରାସ୍ତା ଭୁଶୁଡ଼ି ପଡ଼ିଲା

## ଘଟଣା ସ୍ଥଳ ପରିଦର୍ଶନ କଲେ କଟକ ମେୟର

### ଉଚ୍ଚସ୍ତରୀୟ ତଦନ୍ତ ସହ ଦାୟୀ ଅଧିକାରୀଙ୍କୁ ଗିରଫ କରିବାକୁ ଦାବି !



**କଟକ (ଏନ୍.ଏମ୍.):** ଚହଟା ଛକରୁ ମଧୁସେତୁ ପର୍ଯ୍ୟନ୍ତ ନିର୍ମିତ ୬ ଲେନ୍ ରାସ୍ତାର ଏକାଧିକ ସ୍ଥାନରେ ରାସ୍ତା ଭୁଶୁଡ଼ି ପଡ଼ିବା ଘଟଣାକୁ କଟକ ସହରବାସୀଙ୍କ ସୁରକ୍ଷା ଓ ସରକାରୀ ଅର୍ଥର ଅପଚୟ ସହ ଜଡିତ ଏକ ଗୁରୁତର ପ୍ରସଙ୍ଗ ବୋଲି କହିଛନ୍ତି ସିଏମସି ମେୟର ସୁବାସ ସିଂହ । ଘଟଣା ସମ୍ପର୍କରେ ଖବର ପାଇବା ପରେ ମେୟର ଶ୍ରୀ ସିଂହ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ସମୀକ୍ଷା କରିବା ସହ ସ୍ଥାନୀୟ କର୍ପୋରେଟର ଏବଂ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ପରିଦର୍ଶନ ପରେ ମେୟର ଶ୍ରୀ ସିଂହ କହିଥିଲେ ଯେ, ରାସ୍ତା ନିର୍ମାଣରେ ନିମ୍ନମାନର କାର୍ଯ୍ୟ (ଲୋ ଗ୍ରେଡ୍ ୱର୍କ) ହୋଇଥିବାର ପ୍ରାଥମିକ ସନ୍ଦେହ ସୃଷ୍ଟି ହେଉଛି । କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏଭଳି ଗୁରୁତ୍ୱପୂର୍ଣ୍ଣ ସଡ଼କ ଅଳ୍ପ ସମୟ ମଧ୍ୟରେ ଭୁଶୁଡ଼ି ପଡ଼ିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଚିନ୍ତାଜନକ । ଏହା ସରକାରୀ ଅର୍ଥର ସଠିକ୍ ବିନିଯୋଗ ଓ କାର୍ଯ୍ୟର ଗୁଣବତ୍ତା ଉପରେ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରିଛି । ମେୟର ଅଭିଯୋଗ କରି କହିଥିଲେ ଯେ, ରାସ୍ତା ନିର୍ମାଣ ସମୟରେ ଆର୍‌ଆଣ୍ଡବି ବିଭାଗର ତଦାରଖ ଓ ସୁପରଭିଜନରେ ଗୁରୁତର ଅବହେଳା ପରିଲକ୍ଷିତ ହୋଇଛି । ଯଦି ସଠିକ୍ ଭାବେ ତଦାରଖ କରାଯାଇଥାନ୍ତା, ତେବେ ଏଭଳି ଅବସ୍ଥା ସୃଷ୍ଟି ହୋଇନଥାନ୍ତା । ଏହି ଘଟଣା ପଛରେ ଥିବା ସମସ୍ତ ତ୍ରୁଟି ଓ ଦାୟିତ୍ୱକୁ ଚିହ୍ନଟ କରାଯିବା ଆବଶ୍ୟକ । ସେ ଦାବି କରିଛନ୍ତି ଯେ, ଘଟଣାର ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରାଯାଇ ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତତା, ନିମ୍ନମାନର କାର୍ଯ୍ୟ ଏବଂ ତଦାରଖରେ ହୋଇଥିବା ଅବହେଳାର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ଲୋକଙ୍କ ସମ୍ମୁଖକୁ ଅଣାଯାଉ । ମେୟର ଆହୁରି କହିଥିଲେ ଯେ, ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଘଟଣା ସହ ସମ୍ପୃକ୍ତ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ତୁରନ୍ତ ବହିଷ୍କାର କରାଯିବା ଆବଶ୍ୟକ, ଯାହାଦ୍ୱାରା ତଦନ୍ତ ପ୍ରକ୍ରିୟା ନିରପେକ୍ଷ ଓ ସ୍ୱଚ୍ଛ ଭାବେ ସମ୍ପନ୍ନ ହୋଇପାରିବ । ଦୋଷୀ ଅଧିକାରୀ ଓ ସଂସ୍ଥା ବିରୋଧରେ କଠୋର ପ୍ରଶାସନିକ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ସରକାରଙ୍କ ନିକଟରେ ଦାବି କରିଛନ୍ତି । ଶେଷରେ ମେୟର କହିଥିଲେ ଯେ, ସହରର ବିକାଶମୂଳକ ପ୍ରକଳ୍ପଗୁଡ଼ିକରେ କୌଣସି ପ୍ରକାରର ନିମ୍ନମାନର କାର୍ଯ୍ୟ କିମ୍ବା ଦୁର୍ନୀତିକୁ କଦାପି ବରଦାସ୍ତ କରାଯିବ ନାହିଁ । ଜନସାଧାରଣଙ୍କ ଅର୍ଥରେ ନିର୍ମିତ ପ୍ରତ୍ୟେକ ପ୍ରକଳ୍ପରେ ଗୁଣାତ୍ମକ ମାନ ବଜାୟ ରଖିବା ସହ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ସେ ପୁଣିଥରେ ଦାବି କରିଛନ୍ତି । ଏହି ପରିଦର୍ଶନ ସମୟରେ ସ୍ଥାନୀୟ କର୍ପୋରେଟର ପୁଷ୍ପିତା ମହାନ୍ତି, ଅକ୍ଷୟ ମହାନ୍ତି, ଯୁବ ନେତା ସକିଲ ଅଖତର, ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।

### ଆଶାୟୀଙ୍କ ଆଶା ସଫଳ ହେବାକୁ ଯାଉଛି

## ଅକ୍ଟୋବର ସୁଦ୍ଧା ପୋଲିସ୍ ଏସ୍‌ଆଇ ପରୀକ୍ଷା

**ଭୁବନେଶ୍ୱର (ଏନ୍.ଏମ୍.):** ଓଡ଼ିଶା ୟୁନିଫର୍ମଡ ସର୍ଭିସ୍ ଷ୍ଟାଫ ସିଲେକସନ୍ କମିଶନ ବା (ଓୟୁଏସ୍‌ଏସ୍‌ଏସ୍‌ସି) ଅଫିସରେ ନାମଫଳକ ମାରିଲେ । ପ୍ରତିବାଦ ସ୍ୱରୂପ କଳା ରିବନ ଫିତା କାଟି କାର୍ଯ୍ୟାଳୟର ଉଦ୍‌ଘାଟନ କଲେ । ଭୁବନେଶ୍ୱର ୟୁନିଟ-୨ ଅଞ୍ଚଳରେ କିଛି ମାସ ହେବ ଖୋଲିଥିବା ଓୟୁଏସ୍‌ଏସ୍‌ଏସ୍‌ସି ଅଫିସକୁ କିଛି ଏଭଳି ଢଙ୍ଗରେ ପ୍ରତୀକାତ୍ମକ ଉଦଘାଟନ କରି ପ୍ରତିବାଦ କରିଛନ୍ତି ସବ୍ ଇନସପେକ୍ଟର ପଦବୀ ପାଇଁ ଚାକିରି ଆଶାୟୀ । କାର୍ଯ୍ୟାଳୟ ଆଗରେ ଷ୍ଟୁଡେଣ୍ଟସ ଏଗେନଷ୍ଟ କରପସନ୍ ବ୍ୟାନରରେ ଶତାଧିକ ଆଶାୟୀ ପ୍ରତିବାଦ ବି କଲେ । ୨୦୨୪ମସିହାରୁ ଏସ୍‌ଆଇ ପରୀକ୍ଷା ହୋଇପାରିନାହିଁ । ଦୁଇ ବର୍ଷ ପରେ ବି ଆଶାୟୀମାନେ ଗହିଁ ବସିଛନ୍ତି । ଶେଷରେ ଧୈର୍ଯ୍ୟର ବନ୍ଧ ଭାଙ୍ଗିବା ପରେ



ଆଜି ଓୟୁଏସ୍‌ଏସ୍‌ଏସ୍‌ସି ଅଫିସ୍ ଆଗରେ କିଛି ନିଆରା ଅନ୍ଦାଜରେ ବିକ୍ଷୋଭ କରିଛନ୍ତି ଆଶାୟୀ ।ଆଶାୟୀଙ୍କ ଆନ୍ଦୋଳନକୁ ଦୃଷ୍ଟିରେ ରଖି ଓୟୁଏସ୍‌ଏସ୍‌ଏସ୍‌ସି ଅଧ୍ୟକ୍ଷ ରଶ୍ମିରଞ୍ଜନ ସ୍ୱାଇଁ ଆଶାୟୀଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି । ଆଉ ଆଶାୟୀଙ୍କୁ ବଡ଼ ସୂଚନା ଦେଇ କହିଛନ୍ତି ଆସନ୍ତା ଅକ୍ଟୋବର ସୁଦ୍ଧା ଏସ୍‌ଆଇ ପରୀକ୍ଷା ଶେଷ କରାଯିବ । ସେହିପରି ଯେଉଁମାନେ ୨୦୨୪ରେ ଆବେଦନ କରିଥିଲେ ସେମାନଙ୍କ ବୟସ ଯଦି ଗଡ଼ି ଯାଇଥାଏ ତେବେ ବି ସେମାନଙ୍କୁ ସୁଯୋଗ ମିଳିବ । ଓଡ଼ିଶା ପୋଲିସ୍ ରିକ୍ରୁଟମେଣ୍ଟ ବୋର୍ଡ ବା ଓପିଆର୍‌ବି ଯେଉଁ ଆଧାରରେ ପରୀକ୍ଷା କରୁଥିଲା ସେହି ଆଧାରରେ ପରୀକ୍ଷା ହେବ ବୋଲି ଅଧ୍ୟକ୍ଷ ସୂଚନା ଦେଇଛନ୍ତି । ଯାହାକୁ ନେଇ ଚାକିରି ଆଶାୟୀ ସାମାନ୍ୟ ଆଶ୍ୱସ୍ତି ଯଦିଓ ଅଛନ୍ତି, ତଥାପି ପରୀକ୍ଷା ତାରିଖ ନେଇ ସ୍ପଷ୍ଟତା ଆସିନଥିବାରୁ ପିଲାଙ୍କ ଭିତରେ ଏବେବି ଦ୍ୱନ୍ଦ୍ୱ ରହିଛି । ୨୦୨୫ ମାର୍ଚ୍ଚ ମାସରେ ପୋଲିସ୍ ଏସ୍‌ଆଇ ପରୀକ୍ଷା ବାତିଲା ହେବାପରେ ସେହିବର୍ଷ ଅକ୍ଟୋବର ୫ ଓ ୬ ତାରିଖକୁ ପରୀକ୍ଷା ଧାର୍ଯ୍ୟ କରାଯାଇଥିଲା । ମାତ୍ର ଆନ୍ତଃରାଜ୍ୟ ସିଣ୍ଡିକେଟ ସହ ପରୀକ୍ଷା ପାଇଁ ମୋଟା ଅଙ୍କର ଡିଲ୍ ନେଇ ସରକାରଙ୍କୁ ସୁରାଗ ମିଳିବା ପରେ ଖୋଦ୍ ମୁଖ୍ୟମନ୍ତ୍ରୀ କରିଥିଲେ ହସ୍ତକ୍ଷେପ । ନିର୍ଦ୍ଦେଶ ପାଇ ବ୍ରହ୍ମପୁର ପୋଲିସ ଦୁଇଟି ବସ୍ ରେ ଆନ୍ଧ୍ର ଯାଉଥିବା ତିନି ଦଲାଲ ସହ ୧୧୪ ପରୀକ୍ଷାର୍ଥୀଙ୍କୁ ଗିରଫ କରିଥିଲା । ଆଉ ଏହିଠୁ ପଦାକୁ ଆସିଥିଲା କିଭଳି ଟଙ୍କା ଦେଇ ଚାକିରି କିଣାବିକା ହେଉଥିଲା । ଏବେ କିନ୍ତୁ ଆଶାୟୀଙ୍କ ପାଇଁ ଓଡ଼ିଶା ପୋଲିସରେ ୭ ହଜାର ୬୬୪ ପଦ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥର ଆଉ ଓପିଆର୍‌ବି ନୁହେଁ ଓୟୁଏସ୍‌ଏସ୍‌ଏସ୍‌ସି କରିବ ପରୀକ୍ଷା । ୯୩୩ ଏସ୍‌ଆଇ ପଦବୀ ପାଇଁ ପୂର୍ବରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଲାଗି ଏବେ ପରୀକ୍ଷା ହେବାକୁ ଯାଉଛି । ତେବେ ଅପେକ୍ଷା ତାରିଖ ଘୋଷଣାକୁ ।




## ଅସୁସ୍ଥ ପୁତ୍ରର ଚିକିତ୍ସା ପାଇଁ ବିକିଥିଲେ ଜର୍ସି ଓ ଜୋତା

# ଜର୍ମାନୀ ବିପକ୍ଷରେ ପେନାଲ୍ଟି ଅଟକାଇ ଓର୍ଲାଣ୍ଡୋ ସାଜିଲେ ମହାନାୟକ



**ନୂଆଦିଲ୍ଲୀ(ଏଜେନ୍ସି) :** ୨ ବର୍ଷ ତଳେ ଯେଉଁ ଖେଳାଳି ଅସୁସ୍ଥ ପୁତ୍ରକୁ ବଞ୍ଚାଇବା ପାଇଁ ଜର୍ସି, ଜୋତା ଓ ସବୁ କ୍ରୀଡ଼ା ଉପକରଣ ବିକ୍ରି କରି ଦେଇଥିଲା, ଆଜି ସେହି ଖେଳାଳି ନିଜର ଯାଦୁକରୀ ଗୋଲ କିପିଙ୍ଗ ବଳରେ ପାରାଗୁଏର ଭାଗ୍ୟ ବଦଳାଇ ଦେଇଛି । ଜର୍ମାନୀ ବିପକ୍ଷରେ ୨ଟି ପେନାଲ୍ଟି (ସୁଟ ଆଉଟ୍) ଅଟକାଇ ସେ ସାଜିଛି ମହାନାୟକ । ଯେତେବେଳେ ଜଣେ ଯୋଦ୍ଧା ସବୁ ହରାଇ ମଧ୍ୟ ଲଢ଼ିବା ଛାଡ଼େ ନାହିଁ, ସେତେବେଳେ ଇତିହାସ ତା’ ବୀରତ୍ୱର ଗାଥା ଲେଖେ । ପାରାଗୁଏ ଗୋଲ୍ କିପର ଓର୍ଲାଣ୍ଡୋ ଗିଲ୍‌ଙ୍କ କ୍ଷେତ୍ରରେ ଠିକ୍ ଏଭଳି ଘଟଣା ଘଟିଛି । ୨୦୧୮ରେ କ୍ଲବ ଫୁଟବଲ୍ ଖେଳୁଥିବା ଓର୍ଲାଣ୍ଡୋ ଦେଶ ପାଇଁ ଆଉ ଥରେ ଖେଳିବାର ଆଶା ହରାଇ ସାରିଥିଲେ । ଏପରିକି ୨୦୨୫ ପର୍ଯ୍ୟନ୍ତ ସେ ନିଜ କ୍ଲବ୍ ‘ସାନ ଲରେଞ୍ଜୋ ଡି ଆଲମାଗ୍ରୋ’ର ପ୍ରଥମ ପସନ୍ଦ ଗୋଲ୍ କିପର ନଥିଲେ । ସେ ଥିଲେ ରିଜର୍ଭ ଦଳର ସଦସ୍ୟ । ଦୀର୍ଘ ଦିନ ଧରି ସଂଘର୍ଷ ଓ ଆର୍ଥିକ ସଂକଟ ମଧ୍ୟରେ ଜୀବନ ବିତାଉଥିବା ଓର୍ଲାଣ୍ଡୋ ଚଳିତ ଫିଫା ବିଶ୍ୱକପରେ ଜର୍ମାନୀ ବିପକ୍ଷ ବିଜୟ ପରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛନ୍ତି । ଓର୍ଲାଣ୍ଡୋ ଏକଦା ନିଜ ଦେଶରେ ଅଲୋଡ଼ା ହୋଇ ଯାଇଥିଲେ । ୨୦୨୩ ପର୍ଯ୍ୟନ୍ତ ସେ ପାରାଗୁଏରେ ଦ୍ୱିତୀୟ ଡିଭିଜନ ଲିଗ୍ ଖେଳୁଥିଲେ । ନିଜ ଦେଶରେ ସୁଯୋଗ ନପାଇ ୨୦୨୪ରେ ସେ ବାଧ୍ୟ ହୋଇ କ୍ୟାରିୟର ଗଢ଼ିବା ଲକ୍ଷ୍ୟରେ ଆର୍ଜେଣ୍ଟିନାରେ ପହଞ୍ଚିଥିଲେ । କ୍ୟାରିୟରକୁ ନେଇ ଚାଲିଥିବା ସଂଘର୍ଷ ମଧ୍ୟରେ ଆର୍ଥିକ ସଂକଟ ଘନେଇ ଚାଲିଥିଲା । ଏପରିକି ପରିବାର ସଦସ୍ୟଙ୍କ ପାଇଁ ଖାଦ୍ୟ ଯୋଗାଡ଼ କରିବା କଷ୍ଟକର ହେଉଥିଲା । ଏପଟେ କ୍ଲବ୍ କ୍ୟାରିୟର ମଧ୍ୟ ଆଗେଇ ପାରୁ ନଥିଲା । ୨୦୨୨ରେ ଓର୍ଲାଣ୍ଡୋଙ୍କ ଏକ ପୁତ୍ର (ଲୌଟରୋ) ସନ୍ତାନ ଜନ୍ମ ନେଇଥିଲା । ଜନ୍ମରୁ ଅସୁସ୍ଥ ଥିବା ପୁତ୍ରର ଚିକିତ୍ସା ପାଇଁ ଅର୍ଥ ନଥିବାରୁ ସେ ବାଧ୍ୟ ହୋଇ ନିଜ ଜର୍ସି, ଗ୍ଲୋଭ ଓ ଅନ୍ୟାନ୍ୟ କ୍ରୀଡ଼ା ଉପକରଣ ସବୁ ବିକ୍ରି କରି ଦେଇଥିଲେ । ଏପରିକି ୨୦୧୯ରେ ଅନୁଷ୍ଠିତ ୨୦ବର୍ଷରୁ କମ୍ କୋପା ଆମେରିକା କପରେ ସେ ପିନ୍ଧିଥିବା ପାରାଗୁଏ ଜର୍ସିକୁ ମଧ୍ୟ ସେ ବିକି ଦେଇଥିଲେ । ସମୟ ବଦଳିଲା । ଦୁଃଖରେ ପଡ଼ିଲା ପୂର୍ଣ୍ଣଛେଦ । ଆର୍ଜେଣ୍ଟିନାର ପାୱାର ହାଉସ କୁହାଯାଉଥିବା ସାନ ଲରେଞ୍ଜୋ କ୍ଲବ୍ ପ୍ରାଥମିକ ଗୋଲ୍ କିପର ଭାବେ କିଲୋର ନାଭାସଙ୍କୁ ଚୁକ୍ତି କରିବାରେ ବିଫଳ ହେବା ପରେ ମ୍ୟାନେଜର ମିଗ୍ୱେଲ ରୁସୋ ବାଧ୍ୟ ହୋଇ ଓର୍ଲାଣ୍ଡୋଙ୍କୁ ସିନିୟର ଡିଭିଜନରେ ଖେଳାଇବାକୁ ମନସ୍ଥ କରିଥିଲେ । ସୁଯୋଗ ହାତଛଡ଼ା କରି ନଥିଲେ ଓର୍ଲାଣ୍ଡୋ । ଜୀବନକୁ ବାଜିରେ ଲଗାଇବା ଭଳି ଗୋଲ୍ କିପିଙ୍ଗ କରି ମ୍ୟାନେଜରଙ୍କ ଭରସା ଜିତିଥିଲେ । କ୍ଲବ ପ୍ରଦର୍ଶନ ବଳରେ ସେ ପାରାଗୁଏ ଦଳରେ ସ୍ଥାନ ପାଇଥିଲେ । ଯୋଗ୍ୟତା ପର୍ଯ୍ୟାୟରେ ତାଙ୍କ ପ୍ରଦର୍ଶନ ବଳରେ ପାରାଗୁଏ ବିଶ୍ୱକପ ଟିକେଟ୍ ହାସଲ କରିଥିଲା । ପେରୁ ବିପକ୍ଷ ପଦାର୍ପଣ ମ୍ୟାଚର ପ୍ରଦର୍ଶନ କୋଚ୍ ଗୁସ୍ତାଭୋ ଆଲଫାରୋଙ୍କୁ ସନ୍ତୁଷ୍ଟ କରିବା ପାଇଁ ଯଥେଷ୍ଟ ଥିଲା । ଜର୍ମାନୀ ବିପକ୍ଷ ମ୍ୟାଚରେ ଓର୍ଲାଣ୍ଡୋଙ୍କ ପ୍ରଦର୍ଶନ ଥିଲା ଅବିଶ୍ୱସନୀୟ । ସମ୍ପୂର୍ଣ୍ଣ ୧୨୦ ମିନିଟ୍ ପର୍ଯ୍ୟନ୍ତ ଜର୍ମାନୀ ଆକ୍ରମଣ ପରେ ଆକ୍ରମଣ କରି ଚାଲିଥିଲା । ଓର୍ଲାଣ୍ଡୋ ସବୁ ଗୋଲ୍ ଅଟକାଇ ଚାଲିଥିଲେ । ଶେଷରେ ଖେଳ ଟାଇବ୍ରେକରରେ ପହଞ୍ଚିଥିଲା । ପୂର୍ବରୁ ବିଶ୍ୱକପ୍ର କୌଣସି ପେନାଲ୍ଟି ସୁଟ୍ ଆଉଟ୍ ହାରି ନଥିବା ଜର୍ମାନୀ ଓର୍ଲାଣ୍ଡୋଙ୍କ ପ୍ରଦର୍ଶନ ଆଗରେ ମୁଣ୍ଡ ନୂଆଇଁ ଥିଲା । ଓର୍ଲାଣ୍ଡୋ ୨ଟି ପେନାଲ୍ଟି ଅଟକାଇ ଜର୍ମାନୀକୁ ବିଦାୟ ରାସ୍ତା ଦେଖାଇଥିଲେ ।

ୟୁଏସଏ ବିପକ୍ଷ ପ୍ରଥମ ମ୍ୟାଚରେ ପରାଜୟ (୧-୪ଗୋଲ୍) ପରେ ସମଗ୍ର ପାରାଗୁଏ ଓର୍ଲାଣ୍ଡୋଙ୍କୁ ସମାଲୋଚନା କରିବାକୁ ଆଗେଇ ଆସିଥିଲା । ପୂର୍ବତନ ଗୋଲ୍ କିପର ଜୋସ ଲୁଇସ ଚିଲାଭର୍ଟ ତାଙ୍କୁ ‘ମୁକ’ ନାମ ଦେଇଥିଲେ । ସୋସିଆଲ ମିଡ଼ିଆ ତାଙ୍କୁ ଖଳନାୟକ ସଜାଇ ଦେଇଥିଲା । ହେଲେ କେହି କେବେ ଓର୍ଲାଣ୍ଡୋଙ୍କ ସଂଘର୍ଷ ବିଷୟରେ ଆଲୋଚନା କରି ନଥିଲେ । ପୁତ୍ରର ଚିକିତ୍ସା ପାଇଁ ପୋଷାକଠୁ ଆରମ୍ଭ କରି ସବୁ କ୍ରୀଡ଼ା ଉପକରଣ ବିକ୍ରି କରି ଦେଇଥିବା ଓର୍ଲାଣ୍ଡୋ କେବଳ ନିଜର ସ୍ୱପ୍ନକୁ ବଞ୍ଚାଇ ରଖିଥିଲେ ଏବଂ ଏହି ବଞ୍ଚିତ ସ୍ୱପ୍ନ ବୋଷ୍ଟନ ଷ୍ଟାଡିୟମରେ ନେଇଥିଲା ଏକ ବିଶାଳ ପ୍ରାଚୀର ସଦୃଶ ରୂପ । ଜର୍ମାନୀର ସବୁ ଆକ୍ରମଣ ପଣ୍ଡ ହୋଇଥିଲା । କାଇ ହାଭର୍ଜ ଓ ନିକ ଓଲ୍ଟମେଡଙ୍କ ପେନାଲ୍ଟିକୁ ଅଟକାଇ ନିଜ ଦଳକୁ ଜିତାଇବା ପରେ ଷ୍ଟାଡିୟମ ଭିତରେ ଚିତ୍କାର କରିଥିଲେ ଓର୍ଲାଣ୍ଡୋ । ଏହି ବିଜୟ ଚିତ୍କାରରେ ଷ୍ଟାଡିୟମ୍ କମ୍ପମାନ ହୋଇଥିଲା । ୧୭ଦିନ ତଳେ ‘ମୂକ’ ନାମ ପାଇଥିବା ଓର୍ଲାଣ୍ଡୋଙ୍କ ଚିତ୍କାରକୁ ସାରା ବିଶ୍ୱ ଶୁଣିଥିଲା । ଷ୍ଟ୍ରାଇକରରୁ ଗୋଲ୍ କିପର ପିଲା ଦିନୁ ଗୋଲ୍ କିପର ହେବେ ବୋଲି ଭାବି ନଥିଲେ ଓର୍ଲାଣ୍ଡୋ । ସେ ଷ୍ଟ୍ରାଇକର ଭାବେ ଖେଳ ଆରମ୍ଭ କରିଥିଲେ । ହେଲେ ବିଶାଳ ଚେହେରା ଯୋଗୁଁ କୋଚ୍ ତାଙ୍କୁ ଡଗ୍ ଆଉଟ୍ ରାସ୍ତା ଦେଖାଇଥିଲେ । କହିଥିଲେ,‘ଖେଳିବାର ଅଛି ଯଦି ଗୋଲ୍ କିପର ହୁଅ । ନଚେତ ବେଞ୍ଚରେ ବସି ଖେଳ ଦେଖ ।’ କୋଚ୍‌ଙ୍କ ଚ୍ୟାଲେଞ୍ଜ ସ୍ୱୀକାର କରିଥିଲେ ଓର୍ଲାଣ୍ଡୋ । ଗୋଲ୍ କିପିଙ୍ଗ ଗ୍ଲୋଭକୁ ଚିର ଦିନର ସାଥୀ ରୂପେ ବାଛି ନେଇଥିଲେ । ବୋଷ୍ଟନର ଅଭୁଲା ଅପରାହ୍ଣ ଜର୍ମାନୀ ବିପକ୍ଷ ରାଉଣ୍ଡ-୩୨ ମୁକାବିଲା ପୂର୍ବରୁ କେହି ଭାବି ନଥିଲେ ପାରାଗୁଏ ଏହି ମ୍ୟାଚ ଜିତି ପାରିବ । ଜର୍ମାନୀ ୪ଥର ଚାମ୍ପିଅନ, ୪ଥର ରନର୍ସ ଅପ୍ । ଏଭଳି ଏକ ଶକ୍ତିଶାଳୀ ଦଳକୁ ହରାଇବା ସ୍ୱପ୍ନରେ ମଧ୍ୟ ସମ୍ଭବ ନୁହେଁ । ନିର୍ଦ୍ଧାରିତ ସମୟ ୧-୧ ଗୋଲ୍ରେ ବରାବର ରହିଥିଲା । ୯୦ମିନିଟ୍ ମଧ୍ୟରେ ଓର୍ଲାଣ୍ଡୋ ଜର୍ମାନୀର ୬ଟି ନିଶ୍ଚିତ ଗୋଲ୍ ଅଟକାଇ ସାରିଥିଲେ । ଟାଇ ବ୍ରେକରରେ ଜର୍ମାନୀର ୨ଟି ପେନାଲ୍ଟି ଅଟକାଇ ସେ ପାରାଗୁଏକୁ ୪-୩ (୧-୧) ଗୋଲ୍ରେ ବିଜୟୀ କରାଇବା ସହ ପ୍ଲେୟାର ଅଫ ଦ ମ୍ୟାଚ୍ ବିବେଚିତ ହୋଇଥିଲେ ।

## ଟି-ଟ୍ୱେଣ୍ଟି ବିଶ୍ୱକପକୁ ମିଳିବ ପୁରୁଣା ଚାମ୍ପିଅନ୍,




**ନୂଆଦିଲ୍ଲୀ(ଏଜେନ୍ସି) :** ଚଳିତ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ଫାଇନାଲ୍ ଲାଇନ୍ ଚୂଡ଼ାନ୍ତ ହୋଇଛି । ଆସନ୍ତା ୫ ତାରିଖରେ ଐତିହାସିକ ଲର୍ଡ୍ସ ଷ୍ଟାଡିୟମରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଫାଇନାଲ୍ ମୁକାବିଲା ଖେଳାଯିବ । ଗତ ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ସେମି ଫାଇନାଲରେ ଇଂଲଣ୍ଡ ୪୦ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲା । ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ମଧ୍ୟରେ ୨୨ କୋଟି ଟଙ୍କାର ମ୍ୟାଚ୍ ଖେଳାଯିବ । ପରାଜିତ ଟିମ୍ ବି ମାଲାମାଲ ହେବ । ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୫ ୱିକେଟ୍ ହରାଇ ୧୬୯ ରନ୍ କରିଥିଲା । ଜବାବରେ ଦକ୍ଷିଣ ଆଫ୍ରିକା ୮ ୱିକେଟ୍ ହରାଇ ୧୨୯ ରନ୍ କରିବାକୁ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ତଜମିନ ବ୍ରିଟ୍ସ ୫୧, ଲୌରା ଉଲଭାର୍ଟ ୧୭, ନାଦିନ ଡି’ କ୍ଲର୍କ ଅପରାଜିତ ୧୪ରନ୍ କରିଥିଲେ । ଇଂଲଣ୍ଡ ପକ୍ଷରୁ ଲାଉରେନ ବେଲ ଓ ଚାର୍ଲି ଡିନ୍ ପ୍ରତ୍ୟେକ ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିବା ଦକ୍ଷିଣ ଆଫ୍ରିକାର ପେସ୍ ବୋଲର ସବନିମ୍ ଇସମାଇଲ ଇନିଂସର ଦ୍ୱିତୀୟ ଓଭରରେ ଇଂଲଣ୍ଡ ଓପନର ଆମି ଜୋନ୍ସଙ୍କୁ (୨) ଏବଂ ମାରିଜନେ କାପ୍ ତୃତୀୟ ଓଭରରେ ଡାନି ୱାଟ୍-ହଜ୍‌ଙ୍କୁ (୧୨) ପାଭିଲିୟନ ପଠାଇ ଉନ୍ମାଦନା ଖେଳାଇ ଦେଇଥିଲେ । ଇସ୍ମାଇଲ ପୁଣି ଚତୁର୍ଥ ଓଭରରେ ଆଲିସ୍ କ୍ୟାପ୍ସୀଙ୍କୁ (୧) ଆଉଟ୍ କରିବା ଫଳରେ ଇଂଲଣ୍ଡ ୨୩ ରନରେ ୩ଟି ୱିକେଟ୍ ହରାଇ ସଂକଟରେ ପଡ଼ିଥିଲା । ଏହାପରେ ଅଧିନାୟିକା ନାତାଲି ସ୍କିଭରବ୍ରଣ୍ଟ୍ ଓ ହିଦର ନାଇଟ୍ ଦୃଢ଼ ବ୍ୟାଟିଂ କରି ଅର୍ଦ୍ଧଶତକ ପୂରଣ କରିବା ସହ ଦଳୀୟ ସ୍କୋରକୁ ୧୫୬ରେ ପହଞ୍ଚାଇ ଥିଲେ । ସ୍କିଭର-ବ୍ରଣ୍ଟ ୪୭ଟି ବଲରେ ଦ୍ରୁତ ୭୫ (୧୧ଚୌକା, ୧ଛକା) ରନ୍ କରି ପାଭିଲିୟନ ଫେରିଥିଲେ । ମାତ୍ର ନାଇଟ୍ ୫୮ (୬ଚୌକା, ୧ଛକା) ରନ୍ ଯୋଗ କରିବା ଫଳରେ ଦଳୀୟ ସ୍କୋର ୫/୧୬୯ରେ ପହଞ୍ଚି ଯାଇଥିଲା । ଚାମ୍ପିଅନ୍ ଦଳ ଉପରେ ହେବ ଟଙ୍କା ବର୍ଷା- ମହିଳା କ୍ରିକେଟକୁ ପ୍ରୋତ୍ସାହିତ କରିବା ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ଚଳିତ ବର୍ଷ ପୁରସ୍କାର ରାଶିକୁ ଯଥେଷ୍ଟ ବୃଦ୍ଧି କରିଛି । ବିଜେତା ଦଳକୁ ୨୨ କୋଟି ଟଙ୍କାରୁ ଅଧିକର ଏକ ମୋଟା ପୁରସ୍କାର ସହିତ ଏକ ଚମକଦାର ଟ୍ରଫି ମିଳିବ । ପରାଜିତ ଦଳ ମଧ୍ୟ ଖାଲି ହାତରେ ଫେରିବ ନାହିଁ । ରନର୍ସଅପ ଟିମକୁ ପ୍ରାୟ ୧୧ କୋଟି ଟଙ୍କାର ନଗଦ ପୁରସ୍କାର ମିଳିବ । ଏହାର ଅର୍ଥ ହେଉଛି ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ଦଳ ନିଶ୍ଚିତ ଭାବରେ ମାଲାମାଲ ହେବେ ।

ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପରେ ସର୍ବାଧିକ ଫାଇନାଲ ଖେଳିଥିବା ଟିମ୍ ମଧ୍ୟରେ ରହିଛି ଅଷ୍ଟ୍ରେଲିଆ (୮ଥର), ଇଂଲଣ୍ଡ (୫ଥର), ନ୍ୟୁଜିଲାଣ୍ଡ (୩ଥର), ସାଉଥ ଆଫ୍ରିକା (୨), ୱେଷ୍ଟ ଇଣ୍ଡିଜ (୧), ଭାରତ (୧) ଏହି ୬ ଦଳଙ୍କ ବ୍ୟତୀତ ଅନ୍ୟ କୌଣସି ଦଳ ଥରେ ବି ଫାଇନାଲ ଖେଳିନାହାନ୍ତି । ୧୦ ସଂସ୍କରଣର କେବଳ ଫାଇନାଲ ମୁକାବିଲା ବାକି ରହିଛି । ଜୁଲାଇ ୫ ତାରିଖରେ ଟ୍ରଫି ଟକ୍କରରେ ମୁହାଁମୁହିଁ ହେବେ ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆ । ଅଷ୍ଟମ ଥର ଫାଇନାଲ ଖେଳୁଥିବା ଅଷ୍ଟ୍ରେଲିଆ ୬ ଥର ଚାମ୍ପିଅନ ହୋଇଛନ୍ତି । କଙ୍ଗାରୁ ଦଳର ପଲ୍ଲା ଭାରି ରହିଛି ।

## ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ପୂର୍ବରୁ ବିରାଟଙ୍କ ପ୍ରସ୍ତୁତି




**ନୂଆଦିଲ୍ଲୀ(ଏନ୍.ଏମ୍.) :** ଇଂଲଣ୍ଡ ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ୍ ଖେଳୁଛି ଭାରତ । ପ୍ରଥମ ମ୍ୟାଚ ବର୍ଷା ପାଇଁ କେ ?ଣସି ଫଳାଫଳ ଆସିନଥିବାବେଳେ ଉଭୟ ଦଳ ସିରିଜ୍ ବିଜୟ ଲକ୍ଷ୍ୟରେ ରହିଛନ୍ତି । ହେଲେ ଟି-୨୦ ସିରିଜ୍ ପରେ ଭାରତୀୟ ଦଳ ଦିନିକିଆ ଶୃଙ୍ଖଳା ଖେଳିବ । ଆଇପିଏଲ ସମୟରେ ଆହତ ହୋଇଥିବା ବିରାଟ କୋହଲି ଫିଟ୍ ହୋଇଛନ୍ତି । ଫିଟନେସ ପରୀକ୍ଷାରେ ପାସ୍ କରିଥିବାବେଳେ ଅଭ୍ୟାସ ଆରମ୍ଭ କରିଛନ୍ତି ବିରାଟ । ଯାହାର ଭିଡିଓ ସୋସିଆଲ ମିଡିଆରେ ବେଶ ଭାଇରାଲ ହେଉଥିବାବେଳେ ଫ୍ୟାନ୍ସଙ୍କ ଭଲ ପାଇବା କୋହଲିଙ୍କ ପ୍ରତି ଦେଖିବାକୁ ମିଳିଛି । ଗୁରୁବାର ଆଲିବାଗ ଗ୍ରାଉଣ୍ଡରେ ଅଭ୍ୟାସ କରିଛନ୍ତି ବିରାଟ କୋହଲି । ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ବିରାଟଙ୍କୁ ଅଭ୍ୟାସ ସମୟରେ ସାହାଯ୍ୟ କରିଛନ୍ତି ଟିମ୍ ଇଣ୍ଡିଆର ପୂର୍ବତନ ବ୍ୟାଟିଂ କୋଚ୍ ସଞ୍ଜୟ ବାଙ୍ଗର । ସିରିଜ୍ ପୂର୍ବରୁ ନିଜର ଲୟ ଫେରାଇ ଆଣିବାକୁ ଝାଳ ବୁହାଉଛନ୍ତି ବିରାଟ । ବାଙ୍ଗରଙ୍କ ତତ୍ତ୍ୱାବଧାନରେ ବିରାଟ ନିଜର କୌଶଳରେ ଉନ୍ନତି ଆଣୁଥିବାବେଳେ ଇଂଲଣ୍ଡ ପିଚ୍‌ର ଅଭିଜ୍ଞତା ମଧ୍ୟ ବଖାଣିଛନ୍ତି ବାଙ୍ଗର । କହି ରଖୁଛୁ କି, ଆଇପିଏଲ ସମୟରେ ଆହତ ହୋଇଥିଲେ ବିରାଟ କୋହଲି । ଯେଉଁ କାରଣରୁ ସେ ଆଫଗାନିସ୍ତାନ ବିପକ୍ଷ ଦିନିକିଆ ସିରିଜରୁ ବାଦ୍ ପଡ଼ିଥିଲେ । ଆଉ ଏବେ ଫିଟନେସ ପରୀକ୍ଷାରେ ପାସ୍ କରିଛନ୍ତି ବିରାଟ । ଆଉ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ପାଇଁ ପ୍ରସ୍ତୁତ ହେଉଛନ୍ତି । କିଛିଦିନର ବିରତି ପରେ ପୁଣି ଟିମ୍ ଇଣ୍ଡିଆ କ୍ୟାମ୍ପରେ ସାମିଲ ହେବେ । ଜୁଲାଇ ୧୪ରୁ ଦିନିକିଆ ସିରିଜ୍ ଆରମ୍ଭ ହେବାକୁ ଯାଉଛି । ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବାକୁ ଥିବାବେଳେ ଅଭିଜ୍ଞ ବିରାଟ କୋହଲିଙ୍କ ପ୍ରଦର୍ଶନ କିଭଳି ରହିବ ଏହା ଉପରେ ରହିଛି ସମସ୍ତଙ୍କ ନଜର ।

## ଶାହରୁଖ ଖାନ ତିଆରି କଲେ କ୍ରିକେଟ ଷ୍ଟାଡିୟମ




**ମୁମ୍ବାଇ(ଏଜେନ୍ସି) :** ବଲିଉଡ଼ର କିଙ୍ଗ୍ ଖାନ୍ ଏବଂ କୋଲକାତା ନାଇଟ ରାଇଡର୍ସ(କେକେଆର)ର ସହ-ମାଲିକ ଶାହରୁଖ ଖାନଙ୍କ ଏକ ବଡ଼ ସ୍ୱପ୍ନ ସାକାର ହୋଇଛି । ସେ ଆମେରିକାର ଲସ୍ ଆଞ୍ଜେଲେସରେ ନାଇଟ ରାଇଡର୍ସ କ୍ରିକେଟ ଗ୍ରାଉଣ୍ଡର ଉଦଘାଟନ କରିଛନ୍ତି ।

ଏହି ଅବସରରେ ଶାହରୁଖ ସୋସିଆଲ ମିଡ଼ିଆରେ ଭାବୁକ ପୋଷ୍ଟ ସେୟାର କରି ଏହାକୁ ନିଜର ସ୍ୱପ୍ନ ସତ ହେବା ଭଳି କହିଛନ୍ତି । ଶାହରୁଖ ଲେଖିଛନ୍ତି, ଯାହା ଏକ ସ୍ୱପ୍ନ ଥିଲା, ତାହା ଆଜି ବାସ୍ତବତାରେ ପରିଣତ ହୋଇଛି । ଲସ ଆଞ୍ଜେଲେସର ନାଇଟ ରାଇଡର୍ସ କ୍ରିକେଟ ଗ୍ରାଉଣ୍ଡରେ ଆପଣ ସମସ୍ତଙ୍କୁ ସ୍ୱାଗତ । ସେ କହିଛନ୍ତି କି ଏହି ମୈଦାନ କେବଳ କ୍ରିକେଟ ଲାଗି ନୁହେଁ ବରଂ ମନୋରଞ୍ଜନ, ପରିବାର ଏବଂ ଏଭଳି ସ୍ମୃତି ଲାଗି ନିର୍ମାଣ କରାଯାଇଛି ଯାହା ସବୁବେଳେ ସାଥିରେ ରହିବ । ଶାହରୁଖ ଏହି ପ୍ରକଳ୍ପରେ ସହଯୋଗ ଲାଗି ଆଇସିସିର ଚେୟାରମ୍ୟାନ ଜୟ ଶାହ ଏବଂ ସଂଯୋଗ ଗୁପ୍ତାଙ୍କୁ ବିଶେଷ ଧନ୍ୟବାଦ ବି ଦେଇଛନ୍ତି । ସେ ଆଗକୁ ଲେଖିଛନ୍ତି କି ଏହି କ୍ରିକେଟ ଗ୍ରାଉଣ୍ଡ କେବଳ ଲସ ଆଞ୍ଜେଲେସର ଲୋକଙ୍କ ଲାଗି ନୁହେଁ ବରଂ ବିଶ୍ୱ ସାରା କ୍ରିକେଟ ପ୍ରଶଂସକ ଏବଂ ପୂରା ନାଇଟ୍ ରାଇଡର୍ସ ପରିବାର ଲାଗି ସମର୍ପିତ ଅଟେ । ଏହାସହ ସେ ନିଜ ଲୋକପ୍ରିୟ ବାର୍ତ୍ତା କହିଛନ୍ତି, ‘ବିଲିଭ ଇନ ପର୍ପଲ ଏଣ୍ଡ ଗୋଲ୍ଡ’ । ଶାହରୁଖ ଖାନଙ୍କ ଦ୍ୱାରା ସେୟାର କରାଯାଇଥିବା ଭିଡ଼ିଓରେ ସବୁଠାରୁ ଅଧିକ ଚର୍ଚ୍ଚା ଯେଉଁ ଖେଳାଳୀଙ୍କ ହେଉଛି ସେ ଅଲୀ ଖାନ୍ ଅଟନ୍ତି । ଅଲୀ ଖାନଙ୍କ ଜନ୍ମ ପାକିସ୍ତାନରେ ହୋଇଥିଲା । କିନ୍ତୁ ସେ ଅନ୍ତରାଷ୍ଟ୍ରୀୟ କ୍ରିକେଟ ସଂଯୁକ୍ତ ରାଜ୍ୟ ଆମେରିକାର ଟିମ୍ ଲାଗି ଖେଳୁଛନ୍ତି । ସେ ମେଜର ଲିଗ୍ କ୍ରିକେଟ (ଏମଏଲସି) ରେ ଏଲଏ ନାଇଟ ରାଇଡର୍ସର ବି ଭାଗିଦାରୀ ଅଟନ୍ତି । ଭିଡ଼ିଓରେ ତାଙ୍କର ଉପସ୍ଥିତି କ୍ରିକେଟ ଫ୍ୟାନ୍ସଙ୍କ ଧ୍ୟାନ ନିଜ ଆଡ଼କୁ ଟାଣି ନେଇଛନ୍ତି । ମାତ୍ର ଭିଡ଼ିଓରେ ୱେଷ୍ଟଇଣ୍ଡିଜର ଦୁଇ ଭେଟରାନ ଖେଳାଳୀ ଇଭେନ ବ୍ରାବୋ ଏବଂ ସୁନୀଲ ନରେନ ବି ନଜର ଆସିଛନ୍ତି । ଏହି ନୂଆ କ୍ରିକେଟ ଗ୍ରାଉଣ୍ଡ ଏଲଏ ନାଇଟ ରାଇଡର୍ସର ଅଫିସିଆଲ ହୋମ ଗ୍ରାଉଣ୍ଡ ହେବ । କୁହାଯାଉଛି କି ଏହାଦ୍ୱାରା ଆମେରିକାରେ କ୍ରିକେଟକୁ ନୂଆ ପରିଚୟ ମିଳିବ ଏବଂ ମେଜର ଲିଗ କ୍ରିକେଟ(ଏମଏଲସି) ବି ଏକ ନୂଆ ଶିଖରକୁ ଛୁଇଁବ ।

## ‘କ୍ରୀଡ଼ାବିତ୍ ଓ କ୍ରୀଡ଼ା ସାମ୍ବାଦିକ ପରସ୍ପର ସହ ଓତଃପ୍ରୋତ ଭାବେ ଜଡ଼ିତ’




**ଭୁବନେଶ୍ୱର(ଏନ୍.ଏମ୍) :** ‘ମାନବିକ ଉତ୍କର୍ଷତା ପାଇଁ କ୍ରୀଡ଼ା ଯେତିକି ଜରୁରୀ କ୍ରୀଡ଼ା ଓ କ୍ରୀଡ଼ାବିତ୍ ବିକାଶରେ କ୍ରୀଡ଼ା ସାମ୍ବାଦିକଙ୍କ ଭୂମିକା ସେତିକି ଗୁରୁତ୍ୱପୂର୍ଣ୍ଣ । କ୍ରୀଡ଼ାବିତ୍ ଓ କ୍ରୀଡ଼ା ସାମ୍ବାଦିକ ପରସ୍ପର ସହ ଓତଃପ୍ରୋତ ଭାବେ ଜଡ଼ିତ । ଉଭୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ।’ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍ଜା) ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ୍ ଟେନିସ୍ କେନ୍ଦ୍ର ସମ୍ମିଳନୀ କକ୍ଷରେ ଗୁରୁବାର ଆୟୋଜିତ ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ କ୍ରୀଡ଼ା ଓ ଯୁବସେବା ସଚିବ ଭୂପେନ୍ଦ୍ର ସିଂ ପୁନିଆ ଏଭଳି କଥା କହିଛନ୍ତି । ‘ଓଡ଼ିଶାରେ ଫୁଟ୍‌ବଲ ସ୍ଥିତି’ ସଂପର୍କିତ ଆଲୋଚନାରେ ସାମିଲ ହୋଇ ସମ୍ମାନିତ ଅତିଥି ବିଶିଷ୍ଟ ଫୁଟ୍‌ବଲ୍ ପ୍ରଶିକ୍ଷକ ଶୁଭେନ୍ଦୁ ପଣ୍ଡା କହିଥିଲେ, ‘କ୍ରୀଡ଼ା ସାମ୍ବାଦିକତାକୁ ଛାଡ଼ି କ୍ରୀଡ଼ାର ଅସ୍ତିତ୍ୱ ବିବେଚନା କରାଯାଇ ନପାରେ । ମୋ ଖେଳ ଜୀବନରେ ପ୍ରକାଶିତ ପ୍ରଥମ ରିପୋର୍ଟ ଏବେବି ମୁଁ ସାଇତି ରଖିଛି । ସାମ୍ପ୍ରତିକ ଓଡ଼ିଶା ଫୁଟ୍‌ବଲ ସ୍ଥିତି ବେଶ ଭଲ ରହିଛି । କିନ୍ତୁ ଆମକୁ ଆହୁରି କଠିନ ପରିଶ୍ରମ କରିବାକୁ ହେବ ।’ ଓସ୍ଜାର ବାର୍ଷିକ ପତ୍ରିକାକୁ ଏହି ଅବସରରେ ଅତିଥିମାନେ ଉନ୍ମୋଚନ କରିଥିଲେ । ପୂର୍ବତନ ରାଜ୍ୟ ସୂଚନା କମିସନର ତଥା ଓସ୍ଜାର ପ୍ରତିଷ୍ଠାତା ସମ୍ପାଦକ ସୁଶାନ୍ତ ମହାନ୍ତିଙ୍କୁ କ୍ରୀଡ଼ା ସାମ୍ବାଦିକତା ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଆଲୋଚନା ଶେଷ ହେବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଓସ୍ଜା ସଭାପତି ସନ୍ଦୀପ ମିଶ୍ର, କାର୍ଯ୍ୟକାରୀ ସଭାପତି ସମୀକ୍ଷା ପଟ୍ଟନାୟକ ଓ ସମ୍ପାଦକ ତପନ କୁମାର ସ୍ୱାଇଁ ମଞ୍ଚ ମଣ୍ଡନ କରିଥିଲେ । କୋଷାଧ୍ୟକ୍ଷ ସୁରେଶ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଲିମ୍ପିଆନ୍ ଦୁତି ଚାନ୍ଦ, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ପାରା କ୍ରୀଡ଼ାବିତ୍ ରାଖାଲ ସେଠୀ, ସୁଚିତ୍ରା ପରିଡ଼ା, ଏଭରେଷ୍ଟ ଆରୋହୀ ଗଣେଶ ଜେନା, ପୂର୍ବତନ ରଣଜୀ ଖେଳାଳି ରଶ୍ମିରଞ୍ଜନ ପରିଡ଼ା, ପାରା ଫେନସର ପୂଜାସ୍ୱିନୀ ନାୟକ ଓ କ୍ରିକେଟ୍ ପ୍ରଶିକ୍ଷକ କ୍ଷୀରୋଜ ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## ରୋମାଞ୍ଚକର ମ୍ୟାଚ୍‌ରେ ସେନେଗାଲ୍‌କୁ ପରାସ୍ତ କଲା ବେଲ୍‌ଜିୟମ୍



**ସିଆଟଲ୍(ଏଜେନ୍ସି) :** ଗୁରୁବାର ଖେଳାଯାଇଥିବା ଏକ ରୋମାଞ୍ଚକର ମ୍ୟାଚ୍ରେ ସେନେଗାଲ୍କୁ ୨-୩ରେ ପରାସ୍ତ କରିଛି ବେଲ୍ଜିୟମ । ମ୍ୟାଚର ନିୟମିତ ସମୟ ପର୍ଯ୍ୟନ୍ତ ସ୍ଥିତି ୨-୨ରେ ବରାବର ରହିବା ପରେ ଅତିରିକ୍ତ ସମୟରେ ୟୁରି ଟିଏଲେମାନ୍ସ ଏକ ପେନାଲ୍ଟିକୁ ଗୋଲରେ ପରିବର୍ତ୍ତନ କରି ଦଳ ପାଇଁ ବିଜୟ ଆଣିଦେଇଥିଲେ । ଏହା ସହିତ ବେଲଜିୟମ ‘ରାଉଣ୍ଡ ଅଫ ୧୬’ରେ ପ୍ରବେଶ କରିଛି । ମ୍ୟାଚ୍ ଆରମ୍ଭରୁ ଉଭୟ ଦଳ ଆକ୍ରମଣାତ୍ମକ ଫୁଟବଲ୍ ଖେଳିଥିଲେ । ତେବେ ୨୪ତମ ମିନିଟ୍ରେ ଇସ୍ମାଇଲା ସାର୍ଙ୍କ ହେଡର୍ ପୋଷ୍ଟରେ ବାଜି ଫେରି ଆସୁଥିବାବେଳେ ହବିବ୍ ଦିଆରା ରିବାଉଣ୍ଡ ବଲ୍କୁ ଗୋଲରେ ପରିଣତ କରି ସେନେଗାଲକୁ ୧-୦ରେ ଆଗୁଆ କରିଥିଲେ । ଏହାପରେ ବେଲଜିୟମ ଗୋଲ୍ କରି ସ୍ଥିତି ବରାବର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେନେଗାଲର ଗୋଲରକ୍ଷକ ମୋରି ଡିଆଓ ଚମତ୍କାର ପ୍ରଦର୍ଶନ କରିଥିଲେ । ମ୍ୟାଚ୍ ମଧ୍ୟରେ ତିନିଜଣ ଦର୍ଶକ ପଡ଼ିଆକୁ ପ୍ରବେଶ କରିବାରୁ କିଛି ସମୟ ଖେଳ ବନ୍ଦ ରହିଥିଲା । ଦ୍ୱିତୀୟାର୍ଦ୍ଧ ଆରମ୍ଭର କିଛି ମିନିଟ୍ ମଧ୍ୟରେ ଇସ୍ମାଇଲା ସାର୍ ଗୋଲ୍ କରି ସେନେଗାଲର ଅଗ୍ରଣୀକୁ ୨-୦କୁ ବଢ଼ାଇଥିଲେ । ଏହାପରେ ବେଲଜିୟମ ରୋମେଲୁ ଲୁକାକୁ, ଡୋଡି ଲୁକେବାକିଓ ଓ ଡିଏଗୋ ମୋରେରାଙ୍କୁ ପଡ଼ିଆକୁ ଓହ୍ଲାଇ ଆକ୍ରମଣକୁ ଶାଣିତ କରିବାକୁ ଉଦ୍ୟମ କରିଥିଲା । କିନ୍ତୁ ସେନେଗାଲର ସଂଗଠିତ ରକ୍ଷଣଭାଗ ବେଲଜିୟମକୁ ଗୋଲ୍ ସୁଯୋଗ ଦେଇନଥିଲା । ତେବେ ମ୍ୟାଚ୍ର ଶେଷ କିଛି ମିନିଟ୍ ମଧ୍ୟରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା ବେଲ୍ଜିୟମ୍ । ୮୬ତମ ମିନିଟ୍ରେ ରୋମେଲିଓ ଲୁକାକୁ ବେଲ୍ଜିୟମ୍ ପକ୍ଷରୁ ପ୍ରଥମ ଗୋଲ୍ କରି ସ୍ଥିତିକୁ ୧-୨କୁ ଆଣିଥିଲେ । ମାତ୍ର ୩ ମିନିଟରେ ଅର୍ଥାତ୍ ୮୯ତମ ମିନିଟିରେ ୟୁରି ଟିଏଲେମାନ୍ସ ଆଉ ଏକ ଗୋଲ୍ କରି ସ୍ଥିତି ୨-୨କୁ ଆଣିଥିଲେ ।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com & nishkarsha.site
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ : ତପନ କୁମାର ସାହୁ